ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୩୦ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 30 OCTOBER 2022
Vol.No. 33 ■ No. 281 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019




ଯା ଦେବୀ ସର୍ବଭୂତେଷୁ............


ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କିଏ ହେବେ ଗୁଜରାଟ ଆପ୍‌ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ?

## ଲୋକଙ୍କୁ ବାଛିବାକୁ କହିଲେ କେଜ୍ରିୱାଲ



ଅହମଦାବାଦ,୨୯/୧୦(ନି.ପ୍ର): ଗୁଜରାଟ ବିଧାନସଭା ନିର୍ବାଚନରେ ଆପ୍‌ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ହେବେ ? ଏକଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଗୁଜରାଟବାସୀଙ୍କୁ ପଚାରିବା ସହ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚୟନ ପାଇଁ ଗୋଟିଏ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନ ଦ୍ୱାରା ଲୋକମାନେ ଗୁଜରାଟ ନିର୍ବାଚନରେ ଆପ୍‌ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ହେବେ, ତା'ର ଚୟନ କରିବେ। ପଞ୍ଜାବରେ ଆପ୍ ସମାନ ଢଙ୍ଗରେ ଲୋକଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବାଛିଥିଲା। ଏହା ଦଳକୁ ଫାଇଦା ମଧ୍ୟ ଦେଇଥିଲା। ତେଣୁ ପ୍ରାଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଜ ରାଜ୍ୟ ଗୁଜରାଟରେ ଆପ୍ ସମାନ ସଫଳତା ହାତେଇବା ଲକ୍ଷ୍ୟରେ ରହିଛି। ବର୍ତ୍ତମାନ ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ ଜୋରଦାର ପ୍ରଚାର କରୁଥିବା କେଜ୍ରିୱାଲ ଆଜି "ଆପଣ ବାଛନ୍ତୁ ମୁଖ୍ୟମନ୍ତ୍ରୀ ବା "Choose Your Chief Minister" ନାଁରେ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନକୁ ଆରମ୍ଭ କରି କେଜ୍ରିୱାଲ କହିଛନ୍ତି, ଲୋକମାନେ ପରିବର୍ତ୍ତନ ଚାହୁଁଛନ୍ତି। ସେମାନେ ମୁଦ୍ରାସ୍ଫୀତି ଓ ବେକାରୀ ସମସ୍ୟାରୁ ମୁକ୍ତି ଚାହାନ୍ତି। ବିଜେପି ବର୍ଷକ ତଳେ ନିଜର ମୁଖ୍ୟମନ୍ତ୍ରୀ ବଦଳାଇଛି। ସେମାନେ ପ୍ରଥମେ ବିଜୟ ରୂପାନିଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲେ। କାହିଁକି ତାଙ୍କ ସ୍ଥାନରେ ଭୂପେନ୍ଦର ପଟେଲଙ୍କୁ ସୁଯୋଗ ମିଳିଲା ? ଏହାର ଅର୍ଥ ବିଜୟ ରୂପାନିଙ୍କ ପାଖରେ କିଛି ତ୍ରୁଟି ଥିଲା ? ଯେତେବେଳେ ବିଜୟ ରୂପାନିଙ୍କୁ ଅଣାଗଲା ସେତେବେଳେ ଲୋକମାନଙ୍କୁ କିଛି ବି ପଚରାଯାଇ ନଥିଲା। ଏହି ନିଷ୍ପତ୍ତି ଦିଲ୍ଲୀରେ ହୋଇଥିଲା। ଗଣତନ୍ତ୍ରରେ ମୁଖ୍ୟମନ୍ତ୍ରୀ କିଏ ହେବେ, ତା'ର ବିଚାର ଲୋକମାନେ କରିବେ। ବିଜେପି ୨୦୧୬ରେ ଏକଥା ଲୋକଙ୍କୁ ପଚାରି ନଥିଲା। ୨୦୨୧ରେ ମଧ ସେମାନେ ଲୋକଙ୍କୁ କିଛି ବି ପଚାରି ନଥିଲେ। ହେଲେ ଆମ ଆଦମୀ ପାର୍ଟିରେ ଆମେ ସେମିତି କରିବୁ ନାହିଁ। ଆମେ ଲୋକଙ୍କୁ ପଚାରୁଛୁ ଯେ ସେମାନେ କାହାକୁ ମୁଖ୍ୟମନ୍ତ୍ରୀ ଭାବେ ଚାହୁଁଛନ୍ତି ? ପଞ୍ଜାବରେ ଆମେ ଲୋକଙ୍କ ମତାମତ ଜାଣିବା ପରେ ମୁଖ୍ୟମନ୍ତ୍ରୀ ବାଛିଥିଲୁ। ଏକଥା ଆପଣମାନଙ୍କ ମନେଥିବ। ଲୋକଙ୍କ କଥା ଅନୁସାରେ ଆମେ ଭଗୱନ୍ତ ମାନଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିଥିଲୁ। ଗୁଜରାଟରେ ଆପ୍ ସରକାର ଗଠନ କରିବାକୁ ଯାଉଛି। ଏପରି ସ୍ଥିତିରେ ଆମ ମାନଙ୍କ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଯିଏ ହେବେ, ▶▶ପୃଷ୍ଠା ୭

## ରାଜନୀତିରେ ପ୍ରବେଶ କରିପାରନ୍ତି ଅଭିନେତ୍ରୀ କଙ୍ଗନା ରାଣାୱତ



ନୂଆଦିଲ୍ଲୀ, ୨୯/୧୦ : ନିର୍ବାଚନ ଲଢ଼ିପାରନ୍ତି ବଲିଉଡର ପରିଚିତ ଅଭିନେତ୍ରୀ କଙ୍ଗନା ରାଣାୱତ । ନିଜ ରାଜ୍ୟ ହିମାଚଳ ପ୍ରଦେଶରୁ ନିର୍ବାଚନ ଲଢ଼ିବା ନେଇ ଇଛା ପ୍ରକାଶ କରିଛନ୍ତି ଏହି ବଲିଉଡ କୁଇନ୍ । ଯଦି ବିଜେପି ଟିକେଟ ଦିଏ ତେବେ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି କଙ୍ଗନା । ହିମାଚଳ ପ୍ରଦେଶର ମଣ୍ଡି ଲୋକସଭା ନିର୍ବାଚନ ମଣ୍ଡଳୀରୁ ୨୦୨୪ ସାଧାରଣ ନିର୍ବାଚନରେ ଲଢ଼ିବାକୁ ଇଛା ରଖିଛନ୍ତି କଙ୍ଗନା । ଯଦି ହିମାଚଳ ପ୍ରଦେଶ ସରକାର ତାଙ୍କର ଯୋଗଦାନ ଚାହିଁବେ, ତେବେ ସେ ସବୁ ପ୍ରକାରର ଯୋଗଦାନ କରିପାରିବେ ବୋଲି ୩୫ ବର୍ଷିୟ ଏହି ଅଭିନେତ୍ରୀ କହିଛନ୍ତି । ଯଦି ହିମାଚଳ ପ୍ରଦେଶର ବାସିନ୍ଦା ତାଙ୍କୁ ଅଂଚଳବାସୀଙ୍କ ସେବା କରିବାକୁ ସୁଯୋଗ ଦେବେ ତେବେ ଏହା ତାଙ୍କ ପାଇଁ ଭାଗ୍ୟଶାଳୀ ହେବ ବୋଲି ସେ କହିଛନ୍ତି । ଜାତୀୟ ପୁରସ୍କାର ବିଜେତା କଙ୍ଗନା ରଣାୱତ ଏକ ଘରୋଇ ଟିଭି ଚ୍ୟାନେଲ ସାକ୍ଷାତକାର ସମୟରେ ଏଭଳି କହିଛନ୍ତି । ପୂର୍ବରୁ ଏହି ମାସରେ ନିର୍ବାଚନ ଲଢ଼ିବା ନେଇ କୌଣସି ଯୋଜନା ନ ଥିବା କହିଥିଲେ । କିନ୍ତୁ ଏବେ ନିର୍ବାଚନ ଲଢ଼ିବା ନେଇ ମନ ବଳାଇଛନ୍ତି । ପୂର୍ବରୁ ବିଜେପି ସମର୍ଥନରେ ବହୁବାର ମନ୍ତବ୍ୟ ଦେଇଥିବା କଙ୍ଗନା ଜଣେ କଠୋର ହିନ୍ଦୁବାଦୀ । ତେଣୁ ତାଙ୍କୁ ବିଜେପି ଟିକେଟ ମିଳିବାରେ କୌଣସି ଅସୁବିଧା ହେବନି ବୋଲି କୁହାଯାଉଛି । ସୂଚନାଯୋଗ୍ୟ, ଆସନ୍ତା ନଭେମ୍ବର ୧୨ ତାରିଖରେ ହିମାଚଳ ପ୍ରଦେଶର ବିଧାନସଭା ନିର୍ବାଚନ ହେବାର ଥିବା ବେଳେ ଡିସେମ୍ବର ୮ରେ ଫଳାଫଳ ପ୍ରକାଶ ପାଇବ ।

## ଆରଡବ୍ଲୁଏସ୍ଏସ୍ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିହାର ରଞ୍ଜନ ଦାସ ଗିରଫ

ଭୁବନେଶ୍ୱର,୨୯/୧୦ (ନି.ପ୍ର): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ(ଆରଡବ୍ଲୁଏସ୍ଏସ୍) ଭୁବନେଶ୍ୱର ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିହାର ରଞ୍ଜନ ଦାସ ଗିରଫ ହୋଇଛନ୍ତି। ଗତକାଲିଠାରୁ ତାଙ୍କୁ ଅଟକ ରଖାଯାଇଥିଲା। ଏହି ମାମଲାରେ ଭିଜିଲାନ୍ସ ଏସ୍‌ପି ଅନୁପମା ଜେମ୍ସ କହିଛନ୍ତି ଯେ, ୩. ୯୬ କୋଟି ଟଙ୍କା ଆୟ ବହିର୍ଭୂତ ସମ୍ପତି ଠାବ ହୋଇଛି। ଅର୍ଥାତ ଶ୍ରୀ ଦାସଙ୍କର ଆୟ ଠାରୁ ୨୭୫ ପ୍ରତିଶତ ଅଧିକ ସମ୍ପତି ମିଳିଛି। ମୁଖ୍ୟଯନ୍ତ୍ରୀ ଶ୍ରୀ ଦାସଙ୍କୁ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରାଯିବ। ସଂପୃକ୍ତ ବ୍ୟକ୍ତିମାନଙ୍କୁ ମଧ ତଦନ୍ତର ପରିସରଭୁକ୍ତ କରାଯାଇଛି। ଅନୈତିକ ଭାବେ କ୍ରିପ୍ଟୋ କରେନ୍ସିର ଲିଙ୍କ ରହିଛି। ଟିଏଲ୍‌ସି ଅଲ୍ଟିମାର ୩୮ ଟି ୱାଲେଟରୁ ମିଳିଛି ୧.୭୫ କୋଟି ଟଙ୍କା। ଟିଏଲ୍‌ସି ଅଲ୍ଟିମା ହେଉଛି ଏକ ବ୍ରିଟେନ୍‌ର କମ୍ପାନି। ନିହାରଙ୍କ ସମସ୍ତ ବ୍ୟାଙ୍କକୁ ସମସ୍ତ ଆକାଉଂଟ ସିଜ୍ କରିବାକୁ ଚିଠି ଲେଖାଯାଇଛି। ସୂଚନାଯୋଗ୍ୟ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିହାର ରଞ୍ଜନ ଦାସଙ୍କ ୬ଟି ସ୍ଥାନ (ଖୋର୍ଦ୍ଧା, ଭୁବନେଶ୍ୱର, ସମ୍ବଲପୁର, ବରଗଡ଼)ରେ ଚଢ଼ଉ କରି ତାଙ୍କ ନାମରେ ଥିବା କୋଟି କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତି ଠାବ କରିଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପଦ୍ମପୁରରେ ୪୮୮ କୋଟି ଟଙ୍କାର ନୂଆ ପ୍ରକଳ୍ପର ଶୁଭାରମ୍ଭ



ଭୁବନେଶ୍ୱର, ୨୯/୧୦(ନି.ପ୍ର): ଶନିବାର ବରଗଡ ଜିଲ୍ଲାର ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ବିକାଶର ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ସମସ୍ତଙ୍କ ସହଯୋଗରେ ପଦ୍ମପୁର ଅଂଚଳ ବିକାଶର ଏକ ମଡେଲ ହୋଇପାରିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଆଜି ବରଗଡ ଜିଲ୍ଲାର ପଦ୍ମପୁର ନିର୍ବାଚନ ମଣ୍ଡଳୀ ପାଇଁ ୪୮୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ କରିଛନ୍ତି। ପଦ୍ମପୁର ଅଂଚଳର ବିକାଶକୁ ଆଗେଇ ନେବାରେ ଏ ସବୁ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। ବିକାଶର ଏହି ଧାରା ଆହୁରି ଆଗକୁ ବଢିବ ବୋଲି ମଧ ସେ କହିଛନ୍ତି । ବିକାଶ ହେଉଛି ଆମର ପରିଚୟ। ଚାଷୀ, ମହିଳା, ▶▶ପୃଷ୍ଠା ୭

## ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ବିଜେପି ବିରୁଦ୍ଧରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ପୁଣି ଥରେ ଫେରାଦ ହୋଇଛି ବିଜେଡି। ଶନିବାର ଦିନ ବିଜେଡିର ଏକ ପ୍ରତିନିଧି ଦଳ ସିଇଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବିଜେଡ଼ି ମୁଖପାତ୍ର ଲେଲିନ୍ ମହାନ୍ତି କହିଛନ୍ତି ଧାମନଗର ଉପନିର୍ବାଚନରେ ବିଜେପି ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରୁଛି। ବିଜେପି ପ୍ରଥମେ ପ୍ରାୟୋଜିତ ଭାବେ ମହିଳାଙ୍କ ଦ୍ୱାରା ଟଙ୍କା ବାଂଟି ମିଛ ଭିଡିଓ ଭାଇରାଲ କରିଥିଲା। ସେହିପରି ବିଜେପିର ଆଇଟି ସେଲ୍ ଉଦ୍ଦେଶ୍ୟମୂଳକ ଭାବେ ଏକ ଅଡିଓ ଭାଇରାଲ କରିଛି। ପ୍ରଚାର ପାଇଁ ଯାଇଥିବା ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ଧମକ ଦେଲେ। ଏବେ ବିଜେଡ଼ିର ମହିଳା ଓ ଯୁବ କର୍ମୀଙ୍କୁ ପ୍ରଚାର କରିବାରୁ ବ୍ଲକ୍ କରୁଛନ୍ତି। ଗାଁ ଗାଁରେ ବିଜେଡ଼ି କର୍ମୀଙ୍କୁ ଗାଳି ଗୁଲଜ ସହ ଗଣ୍ଡଗୋଳ କରୁଥିବା ଲେନିନ୍ ମହାନ୍ତି କହିଛନ୍ତି । ତେଣୁ ପ୍ରତ୍ୟେକ ଗାଁରେ ସର୍ଭିଲାନ୍ସର ଅବଶ୍ୟକତା ଏବଂ ବିଜେଡ଼ି କର୍ମୀଙ୍କୁ ସୁରକ୍ଷା ଦେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେଡ଼ି ଦାବି କରିଛି ।

## ପଂଜାବ ମଡେଲକୁ ଗୁଜରାଟରେ ଆପଣାଇବ ଆମ୍ ଆଦ୍‌ମୀ ପାର୍ଟି



ନୂଆଦିଲ୍ଲୀ, ୨୯/୧୦ : ଆଗକୁ ଗୁଜରାଟ ବିଧାନସଭା ନିର୍ବାଚନା । ଖୁବ ଶିଘ୍ର ନିର୍ବାଚନ ତାରିଖ ଘୋଷଣା ସମ୍ଭାବନା ରହିଛି । ହୁଏତ ଦୁଇଟି ପର୍ଯ୍ୟାୟରେ ପଡିପାରେ ଭୋଟ । ଏହା ଭିତରେ ଆମ ଆଦମୀ ପାର୍ଟି ନିର୍ବାଚନ ପାଇଁ ପୁରୁଣା ଫର୍ମୁଲା ଆପଣାଇବା ପାଇଁ ଘୋଷଣା କରିଛନ୍ତି । ପଂଜାବ ବିଧାନସଭା ନିର୍ବାଚନ ପାଇଁ ଦଳ ଯେଉଁ ଆପଣଙ୍କର ମୁଖ୍ୟମନ୍ତ୍ରୀ ବାଛନ୍ତୁ ଅଭିଯାନ କରିଥିଲା ଠିକ ସମାନ ଅଭିଯାନ ଗୁଜରାଟ ପାଇଁ ଘୋଷଣା କରିଛନ୍ତି ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ । ନିଜ ପସନ୍ଦର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବାଛି ବିଭିନ୍ନ ମାଧ୍ୟମରେ ଜଣାଇବାକୁ ଅନୁରୋଧ କରିଛନ୍ତି କେଜ୍ରିୱାଲ । ପଂଜାବର ଏହି ଫର୍ମୁଲା ସଫଳ ହେବା ପରେ ଦଳ ଏହାକୁ ଗୁଜରାଟ ପାଇଁ ଘୋଷଣା କରିଛି । ପଂଜାବ ନିର୍ବାଚନରେ ଦଳକୁ ବିପୁଳ ଭୋଟ ସହ ସଫଳତା ମିଳିବା ପରେ ଏବେ ଗୁଜରାଟ ଶାସନ କ୍ଷମତା ହାତେଇବା ପାଇଁ ଆପ ସଦ୍ୟତମ ଗୋଟି ଚାଳନା ସହ ଆକ୍ରାମଣାତ୍ମକ ପ୍ରଚାର କରୁଛି । ରାଲି, ଜନସଭା କରି ମାଗଣା ବିଜୁଳି, ପାଣି ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଉଛି ।

## ନାଟମଣ୍ଡପରୁ ଖସିଲା ପଥର: ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପ୍ରଶ୍ନ



ଭୁବନେଶ୍ୱର, ୨୯/୧୦(ନି.ପ୍ର): ବଡଦେଉଳରୁ ଖସିଲା ବଡପଥର । ଜଗମୋହନର ଦକ୍ଷିଣ ପୂର୍ବ ପାଶ୍ୱର୍ ମୁଦୁଲି ଦ୍ୱାର ପାଖ ନାଟମଣ୍ଡପ ବାହାର ପାଶ୍ୱର୍ ସଖି ଉପର ଚାଳି ନିକଟରୁ ଖସିଛି ବଡପଥର । ଗତ ୨୩ ତାରିଖ ରବିବାରଦିନ ଏହି ପଥର ଖସିଛି । ପୂର୍ବରୁ ନାଟମଣ୍ଡପ, ରତ୍ନଭଣ୍ଡାର ବାହାର କାନ୍ଥ ଓ ଏକାଧିକ ସ୍ଥାନରେ ଫାଟ ରହିଥିବାବେଳେ ଏବେ ପୁଣି ପଥର ଖସିବା ବଡଦେଉଳର ରକ୍ଷଣାବେକ୍ଷଣ ଉପରେ ବଡ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି । ଏ ନେଇ ଏଏସଆଇକୁ ଶ୍ରୀମନ୍ଦିର ପ୍ରଶାସନ ଅବଗତ କରାଇଛି । ପଥରର ଓଜନ କେତେ ହେବ ତାହା ଜଣାପଡିନାହିଁ । ତେବେ ପଥରକୁ ଦେଖିଲେ ଏହା ୨ରୁ ୩ କିଲୋ ହେବ ବୋଲି ଅନୁମାନ କରାଯାଉଛି । ଏଏସଆଇ ପକ୍ଷରୁ ଏହି ଅଂଚଳକୁ ଯାଂଚ କରାଯାଇଛି । ଶ୍ରୀମନ୍ଦିର ବେହରଣ ଦ୍ୱାର ଓ ମୁଦୁଲି ଦ୍ୱାର ମଝିରେ ଚର୍ଚ୍ଚାମାନେ ବସୁଥିବା ସ୍ଥାନରେ ଏହି ପଥର ଖସିଛି । ଶ୍ରୀମନ୍ଦିର ବାରମ୍ବାର ଦୁର୍ବଳ ହେଉଥିବାରୁ ପଥର ମଧ ଦୁର୍ବଳ ହେଉଛି । ମାଙ୍କଡମାନେ ବିଭିନ୍ନ ସମୟରେ ଏହା ଉପରକୁ ଡେଉଁଥିବାରୁ ପଥର ଖସିବା ଅନୁମାନ କରାଯାଉଛି । କିନ୍ତୁ ପ୍ରକୃତ କାରଣ ଜଣାପଡିନାହିଁ । ଖସିଥିବା ପଥରର ପରୀକ୍ଷଣ କରାଯାଇଛି । ତଦନ୍ତ ପାଇଁ ଉଚ୍ଚସ୍ତରୀୟ କମିଟିବି ଗଠନ ହୋଇଛି । ତେବେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଅଗଷ୍ଟ ମାସରେ ଶ୍ରୀମନ୍ଦିର ଗର୍ଭଗୃହରୁ ପ୍ରାୟ ଦେଢକିଲୋ ଓଜନର କେମିକାଲ ଯୁକ୍ତ ପ୍ଲାଷ୍ଟର ଖସିଥିଲା । ହେଲେ ତାହା ଏ ଯାଏଁ ମରାମତି ହୋଇନାହିଁ । ଏବେ ପୁଣି ପଥରର ଖସିବା ପରେ ସୁରକ୍ଷାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି ।

## ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଅବଧି ଆଉ ମାସେ ବଢ଼ିଲା

ଭୁବନେଶ୍ୱର, ୨୯/୧୦(ନି.ପ୍ର): ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ଅବଧି ପୁଣି ବଢ଼ାଇଛନ୍ତି ରାଜ୍ୟ ସରକାର। ଆଉ ମାସେ ଅର୍ଥାତ୍ ୨୦୨୩ ଫେବ୍ରୁଆରୀ ପର୍ଯ୍ୟନ୍ତ ଅବଧି ବଢ଼ାଇବାକୁ ରାଜ୍ୟ ପରିବହନ ବିଭାଗ ନିଷ୍ପତି ନେଇଛି। ପରିବହନ ବିଭାଗ ସୂଚନା ଅନୁସାରେ ନମ୍ବର ପ୍ଲେଟ୍ ର ଶେଷ ଅଙ୍କ ୧, ୨, ୩, ୪ ଥିଲେ ନଭେମ୍ବର ୩୦ ଶେଷ ତାରିଖ ରହିବ। ସେହିପରି ୫,୬ ଥିଲେ ଡିସେମ୍ବର ୩୧ ଓ ୭, ୮ ଥିଲେ ଜାନୁଆରୀ ୩୧କୁ ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଏହାଛଡ଼ା ଶେଷ ଅଙ୍କ ଶୂନ କିମ୍ବା ୯ ଥିଲେ, ଫେବ୍ରୁଆରୀ ୨୮ ଶେଷ ତାରିଖ ରହିବ। ସୂଚନାଯୋଗ୍ୟ ଯେ ୨୦୧୯ ଏପ୍ରିଲ ୧ ତାରିଖ ପୂର୍ବରୁ କିଣିଥିବା ଗାଡ଼ି ମାଲିକମାନଙ୍କୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଯିବା ନିର୍ଦ୍ଦେଶ ଦେଇଥିଲା ପରିବହନ ବିଭାଗ। ଏନେଇ ଗତ ଜୁନ୍ ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ଅନୁସାରେ ଯେଉଁ ବାହନର ପଂଜୀକରଣ ନମ୍ବରର ଶେଷ ଅଙ୍କ ୧ ଅଥବା ୨ ହୋଇଥିବ, ସେଗୁଡ଼ିକର ହାଇ ସିକ୍ୟୁରିଟି ନମ୍ବର ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଲାଗିବା କଥା। ମାତ୍ର ଭିତିଭୂମି ନଥାଏ ଏଭଳି ନିର୍ଦ୍ଦେଶ ଦେଇଥିବାରୁ ଓଡିଶା ହାଇକୋର୍ଟ ଏହି ମାମଲାର ଶୁଣାଣି କରିବା ପରେ ରାଜ୍ୟ ସରକାର ହାଇସିକ୍ୟୁରିଟି ଲଗାଇବା ଅବଧିକୁ ବୃଦ୍ଧି କରିଥିଲେ। ହାଇକୋର୍ଟଙ୍କ ତାଗିଦ ପରେ ସରକାର ଯେଉଁମାନଙ୍କ ଗାଡ଼ିର ନମ୍ବରର ଶେଷ ଅଙ୍କ ୧,୨,୩ ଓ ୪ ଥିବ ସେମାନଙ୍କ ପାଇଁ ହାଇସିକ୍ୟୁରିଟି ପ୍ଲେଟ୍ ଲଗାଇବାର ସମୟସୀମା ଅକ୍ଟୋବର ୩୧ ପର୍ଯ୍ୟନ୍ତ ବଢ଼ାଇ ଥିଲେ। ସେହିପରି ଯେଉଁମାନଙ୍କ ଗାଡ଼ି ନମ୍ବରର ଶେଷ ଅଙ୍କ ୫ ଓ ୬ ରହିଛି, ସେମାନଙ୍କ ପାଇଁ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବାର ସମୟସୀମା ୩୦ ନଭେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଶେଷ ଅଙ୍କ ୭ ଓ ୮ ଥିବା ଗାଡ଼ିଗୁଡ଼ିକରେ ପ୍ଲେଟ୍ ଲଗାଇବା ପାଇଁ ଶେଷ ତାରିଖ ଡିସେମ୍ବର ୩୧ ରଖାଯାଇଛି। ଯେଉଁ ଗାଡ଼ି ଗୁଡ଼ିକର ନମ୍ବରର ଶେଷ ଅଙ୍କ ୯ ଓ ୦ ଥିବ, ସେଗୁଡ଼ିକରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ପାଇଁ ସମୟସୀମାକୁ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ବଢ଼ାଯାଇଥିଲା।

## ଫିଲିପାଇନ୍ସରେ ବାତ୍ୟା ତାଣ୍ଡବ : ଗଲାଣି ୮୦ଜଣଙ୍କ ଜୀବନ



ନୂଆଦିଲ୍ଲୀ, ୨୯/୧୦ : ପ୍ରଶାନ୍ତ ମହାସାଗରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟା ନଲଗେ ଫିଲପାଇନ୍ସର ଦକ୍ଷିଣପ୍ରାନ୍ତରେ ତାଣ୍ଡବ ରଚିଛି । ଲଘୁଚାପ ପ୍ରଭାବରେ ଗତ ଦୁଇ ଦିନ ଧରି ଲଗାଣବର୍ଷା ପରେ ବିଭିନ୍ନ ସ୍ଥାନରେ ବନ୍ୟା ଏବଂ ଭୂସ୍ଖଳନ ଘଟିଛି । ଏବେ ସୁଦ୍ଧା ୮୦ଜଣଙ୍କ ମୃତ୍ୟୁ ହେବା ସହ ଅନେକ ନିଖୋଜ ଥିବା ସୂଚନା ରହିଛି । ବର୍ଷା ନକମିବା ଯୋଗୁଁ ବିଭିନ୍ନ ସ୍ଥାନରେ ଲୋକମାନେ ଜଳବନ୍ଦୀ ଅବସ୍ଥାରେ ଫଶି ରହିଛନ୍ତି । ମନିଲା ସମେତ ବିଭିନ୍ନ ସ୍ଥାନରେ ବନ୍ୟା ପାଣି ପଶିବା ଯୋଗୁଁ ନାହିଁ ନଥିବା ସମସ୍ୟା ଭିତରେ ଲୋକମାନେ ଫଶି ରହିଛନ୍ତି । ଗାଁଠୁ ସହର ସବୁ କିଛି ଜଳାବର୍ଣ୍ଣ ସ୍ଥିତିରେ ରହିଛି । ୨୦୨୨ରେ ୧୬ଥର ସାମୁଦ୍ରିକ ଝଡ ଓ ବାତ୍ୟାର ସମ୍ମୁଖୀନ ହୋଇସାରିଛି ଫିଲିପାଇନ୍ସ ।

## ରାଜଧାନୀରେ ଗର୍ଜିଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୨୯/୧୦(ନି.ପ୍ର): ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ମାମଲାରେ ଗଣଶିକ୍ଷାମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଦାବିରେ ଶନିବାର ଦିନ ରାଜଧାନୀରେ ଗର୍ଜିଛି ଛାତ୍ର କଂଗ୍ରେସ। ପ୍ରଥମେ ନବୀନ ନିବାସ ଘେରାଉ କରିବାକୁ ଯାଇ ବିଫଳ ହେବା ପରେ ଛାତ୍ର କଂଗ୍ରେସ କର୍ମକର୍ତାମାନେ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସରକାରୀ ବାସଭବନରେ ଧସେଇ ପଶିଛନ୍ତି। ଘଟଣାସ୍ଥଳରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ ଓ ପୋଲିସ୍ ଫୋର୍ସ ଉପସ୍ଥିତ ଥିଲେ ହେଁ ସେମାନଙ୍କୁ ଚକମା ଦେଇ ମନ୍ତ୍ରୀଙ୍କ ଘର ଭିତରେ କଂଗ୍ରେସ କର୍ମୀମାନେ ପଶିଯାଇଥିଲେ। ଏପରିକି ମନ୍ତ୍ରୀଙ୍କ ଘର ଉପରକୁ ଅଣ୍ଡାମାଡ ମଧ୍ୟ କରିଥିଲେ। ବିକ୍ଷୋଭରେ ସାମିଲ ଛାତ୍ର କଂଗ୍ରେସ କର୍ମୀମାନେ କହିଛନ୍ତି, ଯଦି ଏହି ମାମଲାରେ ମୁଖ୍ୟମନ୍ତ୍ରୀ ଓ ଗୃହରାଷ୍ଟ୍ର ମନ୍ତ୍ରୀ ଦାବି ନ ମାନିବେ, ତେବେ ଆଗକୁ ▶▶ପୃଷ୍ଠା ୭

## ସାହିତ୍ୟିକ ବନ୍ଧୁଙ୍କୁ ସାଦର ନିମନ୍ତ୍ରଣ

ଆସନ୍ତା ୩୧/୧୦/୨୨ରିଖ ସୋମବାର ସଂଧ୍ୟା ୬ ଘଟିକାରେ ଡକ୍ଟର ଭାଗବତ ବେହେରାଙ୍କ ଲିଖିତ ଦୁଇଗୋଟି ଉପନ୍ୟାସ 'ଇମିତି ହୁଏ' (ସାମାଜିକ) ଓ 'ଗୋପୀ' (ପୌରାଣିକ) ଟାଉନ୍‌ହଲ୍ ନିକଟସ୍ଥ ନୃତ୍ୟ ସଂଗୀତ କଳାମନ୍ଦିର ଠାରେ ଲୋକାର୍ପିତ ହେବ । ଉକ୍ତ ଉତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ସାହିତ୍ୟିକ ବନ୍ଧୁମାନଙ୍କୁ ସାଦର ନିମନ୍ତ୍ରଣ ।

ଡକ୍ଟର ଭାଗବତ ବେହେରା (ଲେଖକ)

# କ୍ୟାରିଅର କାଉନସେଲିଂ କର୍ମଶାଳା ଅନୁଷ୍ଠିତ

ପୁରୀ ,୨୯/୧୦ (ନି.ପ୍ର): କ୍ୟାରିଅର କାଉନସେଲିଂ ବା ବୃତି ପରାମର୍ଶ ପ୍ରତ୍ୟେକ ଜୀବନକୁ ଏକ ସୁନ୍ଦର ଓ ଶୃଙ୍ଖଳିତ ଭବିଷ୍ୟତ ଗଠନରେ ସହାୟକ ହୋଇଥାଏ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ। ଆଜି ପୂର୍ବାହ୍ନରେ ଯୁଥ ହଷ୍ଟେଲ ପରିସରରେ ଜିଲ୍ଲା ପ୍ରଶାସନ, ନେହେରୁ ଯୁବକେନ୍ଦ୍ର, ସ୍ୱେଚ୍ଛାସେବୀ ସଂଗଠନ ସମ୍ପର୍କ ଓ ଆକ୍ସନ ଏଡ଼୍ ଙ୍କ ମିଳିତ ଆନୁକୂଲ୍ୟରେ କିଶୋର କିଶୋରୀଙ୍କ ବୃତି ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦଘାଟନ କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ପ୍ରତ୍ୟେକ ପିଲା ଉପଯୁକ୍ତ ଶିକ୍ଷା ଗ୍ରହଣ ସହ ନିଜ ଦକ୍ଷତା ଅନୁସାରେ ନିଜ ବୃତି ଚୟନ କରିବା ଉଚିତ ବୋଲି କହିଥିଲେ। ଲକ୍ଷ୍ୟ ପଥ ସ୍ଥିର କରି କାର୍ଯ୍ୟ କରିବା ଓ ୨ ଟି ପ୍ଲାନ ନେଇ ଆଗେଇବା ଉଚିତ। ପ୍ରଥମ ପ୍ଲାନରେ ଆଶା କରିଥିବା ବୃତି କୌଣସି କାରଣରୁ ହାସଲ ନ ହୋଇ ପାରିଲେ ଦ୍ୱିତୀୟ ପ୍ଲାନକୁ ଉପଯୋଗ କରି ଜଣେ ସଫଳ ହୋଇପାରିବ। ତେଣୁ କୌଣସି କ୍ଷେତ୍ରରେ ନିରାଶ ବା ଅତିରିକ୍ତ ଆତ୍ମବିଶ୍ୱାସୀ ନ ହୋଇ ନିଜ ପ୍ରତିଭା, ଦକ୍ଷତା ଓ ପରିଶ୍ରମ ଦ୍ୱାରା ସଫଳତା ପାଇଁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପିତାମାତା ବା ଅଭିଭାବକଙ୍କ ଅତିରିକ୍ତ ଆଶା ବା ଚାପ ପିଲାଟିର ବାସ୍ତବ ଦକ୍ଷତାକୁ ପ୍ରଭାବିତ କରିବାର ଅନେକ ଉଦାହରଣ ରହିଥିବା ଉଲ୍ଲେଖ କରି ନିଜର ଶିକ୍ଷା, ଜ୍ଞାନ, ପ୍ରତିଭା ଓ ଦକ୍ଷତାର ଉପଯୋଗ କରି ସଫଳ ହେବାକୁ ସେ ଅନୁରୋଧ କରିଥିଲେ। ଏହା ମୋ ଦ୍ୱାରା ସମ୍ଭବ ନୁହେଁ ର ମନୋଭାବ ପରିହାର କରି ଚେଷ୍ଟା କରି ବିଫଳ ହେଲେ ହାସଲ ଅଭିଜ୍ଞତା ପରବର୍ତୀ ସମୟରେ ସହାୟକ ହୁଏ ବୋଲି ସେ କହିଥିଲେ। ବିଷୟ ବିଶାରଦ ଓ ପରାମର୍ଶଦାତା ପ୍ରଫେସର ଡଃ. ପ୍ରଭାତ କୁମାର ଷଡ଼ଙ୍ଗୀ, ରତ୍ନାକର ପାଣିଗ୍ରାହୀ, ହୋଟେଲ ମ୍ୟାନେଜମେଂଟର ଦେବେନ୍ଦ୍ର ରଥ ଓ ଜୀବିକା ମିଶନର ସଂଯୋଜକ ବନଜ କୁମାର ମାହାରୀ, ବିସ୍ତୃତ ଆଲୋଚନା ମାଧ୍ୟମରେ ପିଲା ମାନଙ୍କର ମନସ୍ତତ୍ୱ, ଦକ୍ଷତା, ଆବଶ୍ୟକତା, ଅନୁଭୂତି ଓ ବୃତି ଚୟନକୁ ସାମଗ୍ରିକ ଭାବେ ଉପସ୍ଥାପିତ କରିବା ସହ ପିଲା ମାନଙ୍କ ସହ ବାର୍ତାର ଆଦାନ ପ୍ରଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ପ୍ରାଧାପକ ଡଃ. ରାକେଶ କୁମାର ମିଶ୍ର, ସ୍ୱେଚ୍ଛାସେବୀ ସଂଗଠନ ସମ୍ପର୍କର ସମ୍ପାଦକ ସୌମେନ୍ଦ୍ର କୁମାର ଦାସ ପ୍ରମୁଖ ପିଲା ମାନଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ପାଇଁ ଏହି କର୍ମଶାଳା ଅନେକ ପ୍ରେରଣା ଦାୟୀ ହେବ ବୋଲି କହିଥିଲେ। ନେହେରୁ ଯୁବକେନ୍ଦ୍ରର ଜିଲ୍ଲା ସଂଯୋଜକ ଜୟ ଶଙ୍କର ଯୋଶୀ ଏଥିରେ ଅଧକ୍ଷତା କରିବା ସହ ଏହି ପରାମର୍ଶ କର୍ମଶାଳା ପିଲା ମାନଙ୍କ ଭବିଷ୍ୟତ ପାଇଁ ବିଶେଷ ସହାୟକ ଓ ଉପଯୋଗୀ ସାବ୍ୟସ୍ତ ହୋଇପାରିବ ବୋଲି କହିଥିଲେ। ଏହି କର୍ମଶାଳାରେ ବିଭିନ୍ନ ମହାବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଆକ୍ସନ ଏଡ଼୍ ର ସଂଯୋଜକ ସୁମିତା ଘୋଷ ବୈଠକ ପରିଚାଳନା କରିଥିଲେ।

## ୪ ମାସ ହେଲା କଳାକାରଙ୍କୁ ମିଳୁନି ଭତ୍ତା

କେନ୍ଦ୍ରାପଡ଼ା ,୨୯/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କଳା, ସଂସ୍କୃତି, ପଲା, ଦାଶକାଠିଆ ପ୍ରଭୃତି ପାରମ୍ପରିକ କଳା ପରିବେଷଣ କରି ଜୀବିକା ଅର୍ଜନ କରୁଥିବା କଳାକାର ମାନଙ୍କୁ ଦୀର୍ଘ ୪ମାସ ହେବ ଭତା ମିଳିନଥିବା କଳାକାର ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ପଞ୍ଜିକୃତ ହୋଇଥିବା ଏହି କଳାକାର ମାନଙ୍କୁ ରାଜ୍ୟ ସରକାର ମାସିକ ଭତା ପ୍ରଦାନ କରିବା ବ୍ୟବସ୍ଥା କରିଥିବା ବେଳେ ଜିଲ୍ଲା ସଂସ୍କୃତି ବିଭାଗର ଟାଳଟୁଳ ନୀତି ପାଇଁ କଳାକାର ମାନେ ନିୟମିତ ଭତା ପାଇବାରୁ ବଂଚିତ ହେଉଛନ୍ତି। ଏନେଇ ସଂଘର ସଭାପତି ଗଗନ ବିହାରୀ ସିଂହ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ଭତା ପ୍ରଦାନ ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନଙ୍କୁ ଦାବି କରିଛନ୍ତି।

# ପୁରୀ ଜିଲ୍ଲା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବାଇପ୍ଲଟ ରେଜେଷ୍ଟ୍ରିକୁ ନେଇ ଦ୍ୱନ୍ଦ : ସ୍ଥାୟୀ ସବରେଜିଷ୍ଟ୍ରାର ନିଯୁକ୍ତି ଦାବି

ପୁରୀ ,୨୯/୧୦ (ନି.ପ୍ର): ବିଶ୍ୱ ଐତିହ୍ୟ ସହର ପୁରୀ । ସାରା ଭାରତବର୍ଷରେ ଧାର୍ମିକ ବ୍ୟକ୍ତିମାନେ ପୁରୀରେ ଯାଗା କିଣି ଶେଷ ସମୟ ବିତାଇବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି । ପ୍ରତିଦିନ ପୁରୀ ସବ୍‌ରେଜିଷ୍ଟାର କାର୍ଯ୍ୟାଳୟରେ ଶହେରୁ ଉର୍ଦ୍ଧ୍ୱ ଜିମ କିଣାବିକା ହେଉଛି । କେତେକ ଜମି ଦଲାଲ ଗ୍ରାହକଙ୍କ ଠାରୁ ଅଧିକ ଅର୍ଥ ନେଇ ଜମି କିଣାବିକା କରୁଥିଲେ ମଧ ବାସ୍ତବ କ୍ଷେତ୍ରରେ କେତେକ ସ୍ଥାନରେ କ୍ରେତା ଜମି ପାଉନଥିବା ଅଭିଯୋଗ ହେଉଛି । କେଉଁଠି ୧୦ ଫୁଟିଆ ଓ ୧୫ ଫୁଟିଆ ରାସ୍ତା ରହିଥିବାବେଳେ ବିଦ୍ୟୁତ ଓ ଡ୍ରେନେଜ ସୁବିଧା ରହୁନାହିଁ । ଏ ସମ୍ପର୍କରେ ରାଜ୍ୟ ସରକାର ଜମି କ୍ରେତାଙ୍କ ସୁବିଧା ପାଇଁ ଅନେକ ନିୟମ ଓରେରା ଓ ପିକେଡ଼ିଏ ଜରିଆରେ ଅନେକ ନିୟମ କରାଯାଇଛି । ଓଡ଼ିଶା ସ୍ଥାବର ସମ୍ପତି ନିୟାମକଙ୍କ ପ୍ରାଧିକରଣ (ଓରେରା) ପୁରୀ ସବ୍‌ରେଜିଷ୍ଟାର କାର୍ଯ୍ୟାଳୟରେ ସ୍ଥାୟୀ ସବ୍‌ରେଜିଷ୍ଟର ନିଯୁକ୍ତି ହେଉନଥିବାରୁ ଇନଚାର୍ଜଙ୍କ ଜରିଆରେ ଜମି ରେଜିଷ୍ଟି କାମ ଚାଲୁ ରହିଛି । ଅନେକ ଆଇନଜୀବୀ ଓ ମୋହରିର ସ୍ଥାୟୀ ସବରେଜିଷ୍ଟାର ନିଯୁକ୍ତି ପାଇଁ ଦାବି କରିଛନ୍ତି । ପୂର୍ବରୁ କେତେକ ସବ୍‌ରେଜିଷ୍ଟାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଥିଲା । ଅଧିକ ପ୍ଲଟ କରି ଜାଗା ବିକ୍ରି କରୁଥିବା ମାଲିକ ଓ ରିୟଲ ଇଷ୍ଟେଟ ମାନେ ଅନେକ ଗାଇଡ଼ଲାଇନ ମାନିବାକୁ ନିୟମ ରହିଛି । କିଛି ମାସ ତଳେ ବାଇପ୍ଲଟ ରେଜିଷ୍ଟିରେ ବନ୍ଦ କରାଯାଇଥିଲା । ଏବେ କେଉଁ ଆଧାରରେ କାହା ନିର୍ଦ୍ଦେଶରେ ଶହ ଶହ ବାଇପ୍ଲଟ ରେଜଇଷ୍ଟି ହେଉଛି ତାହା ଜନସାଧାରଣ ଜାଣିପାରୁନାହାନ୍ତି । କେତେକ ମୌଜାରେ ଜମି ରେଜିଷ୍ଟି ଲଗ ହୋଇଥିବାବେଳେ ଲକ୍ ଖୋଲି କିପରି ରେଜେଷ୍ଟି କରାଯାଉଛି ସେ ସମ୍ପର୍କରେ ଏକ ଅଭିଯୋଗ ହୋଇଥିଲା । ଏଠାରେ ଯୋଗଦେଇଥିବା ସବ୍ ରେଜିଷ୍ଟାରଙ୍କ କାର୍ଯ୍ୟାକଳାପ ସନ୍ଦେହ ଜନକ ଓ ଦୁର୍ନୀତି ହେଉଥିବା ଆଭାସ ମିଳୁଛି ବୋଲି ଜନସାଧାରଣରେ ଆଲୋଚନା ହେଉଛି । ଏଠାରେ ଥିବା କେତେକ ଚତୁର କର୍ମଚାରୀ ବିଲଡ଼ର ଓ ଜମି ମାଫିଅଙ୍କୁ ହାତ କରି ଲକ୍ଷ ଲକ୍ଷ ଟଙ୍କାର ଗାଡ଼ି ଚଳାଉଥିବା ଅଭିଯୋଗ ଶୁଣିବାକୁ ମିଳୁଛି ।

# ସମିତି ସଭ୍ୟମାନଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି ,୨୯/୧୦ (ନି.ପ୍ର): ସଶକ୍ତ ପଂଚାୟତିରାଜ୍ ପାଇଁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନ/ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଆଜି ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ର ଠାରେ ମାଲକାନଗିରି ଜିଲ୍ଲାର ପ୍ରଥମ ପର୍ଯ୍ୟାୟରେ ୨ ୮ ତାରିଖ ଠାରୁ ୩ ୦ତାରିଖ ପର୍ଯ୍ୟନ୍ତ ସମିତି ସଭ୍ୟ ମାନଙ୍କୁ ନେଇ ଅନୁଷ୍ଠିତ ହେବାକୁ ଥିବା ଆବାସିକ ତାଲିମ କାର୍ଯ୍ୟକ୍ରମ ରେ ତିନିଗୋଟି ବ୍ଲକ୍ ଯଥା କାଲିମେଳା, କୋରୁକୋଣ୍ଡା, ମାଥିଲି ଅଂଚଳ ର ସମସ୍ତ ସମିତି ସଭ୍ୟ ମାନଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ମୁଖ୍ୟତଃ ସରକାରଙ୍କ ସମସ୍ତ ବିଭାଗର ସମସ୍ତ ପ୍ରକାର ର ଯୋଜନା ର ସହାୟତା ସାଧାରଣ ରୁ ଅତିସାଧାରଣ ଜନତା ଙ୍କ ପାଖରେ କିପରି ପହଁଚି ପାରିବ ତା ସହିତ ଏକ ସୁଦୃଢ଼ ପଂଚାୟତ ଗଠନ ହୋଇପାରିବ, ଏହି ଉଦ୍ଦେଶ୍ୟରେ ସମସ୍ତ ଙ୍କୁ ଅବଗତି କରିବା ନିମନ୍ତେ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି।

# ସିଲାକୋଟା ଗାଁରେ ଅଜଣା ରୋଗ ଆତଙ୍କ : ଗାଁରେ ପହଂଚିଲା ସ୍ୱାସ୍ଥ୍ୟ ଟିମ୍

ମାଲକାନଗିରି ,୨୯/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍ ଅନ୍ତର୍ଗତ ଦୁର୍ଗମ ସିଲାକୋଟା ଗାଁରେ ଅଜଣା ରୋଗ ବ୍ୟାପିବା ପରେ ଆଜି ସ୍ୱାସ୍ଥ୍ୟ ବିଭାଗ ଟିମ ପହଂଚି ଅନୁଧାନ କରିଛି । ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗ ତତ୍ପରତା ପ୍ରକାଶ କରି ଅସୁସ୍ଥଙ୍କ ଚିକିତ୍ସା ଆରମ୍ଭ କରିଛି। ସେହିପରି ରୋଗର କାରଣ ଖୋଜିବା ଆରମ୍ଭ କରି କିଛି ନମୁନା ସଂଗ୍ରହ କରିଛି। ତେବେ କେଉଁ କାରଣରୁ ଗତ ୬ ମାସ ମଧ୍ୟରେ ୧୧ ଜଣ ଅକାଳରେ ମୃତ୍ୟୁବରଣ କଲେ ସ୍ୱାସ୍ଥ୍ୟ ବିଭାଗ ତାହାର ଥଳକୂଳ ପାଉନି। ତେଣୁ ଆଗକୁ ରୋଗର ନିରାକରଣ କରିବା ସ୍ୱାସ୍ଥ୍ୟ ବିଭାଗ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ପ୍ରଶାସନ ଦ୍ୱାରା ଆଦର୍ଶ ଗାଁର ମାନ୍ୟତା ପାଇଥିବା ଏହି ଗାଁରେ ଗତ ଏପ୍ରିଲ ମାସରେ ଅଜଣା ରୋଗରେ ପ୍ରଥମ ମୃତ୍ୟୁ ହୋଇଥିଲା। ମୃତକଙ୍କ ହାତଗୋଡ଼ ସହ ପେଟ ହଠାତ୍ ତଥା ଅସ୍ୱାଭାବିକ ଭାବେ ଫୁଲି ଯାଇଥିଲା। ସେ ଏତେ ମାତ୍ରାରେ ଦୁର୍ବଳ ହୋଇଗଲେ ଯେ, ଶଯ୍ୟାଶାୟୀ ହେଲେ। ଏହାପରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି । କିଛିଦିନ ବ୍ୟବଧାନରେ ଦ୍ୱିତୀୟ ମୃତ୍ୟୁ ହୋଇଥିବା ବେଳେ ପର୍ଯ୍ୟାୟ କ୍ରମେ ମୃତକଙ୍କ ସଂଖ୍ୟା ବଢ଼ି ଚଳିତ ମାସ ସୁଦ୍ଧା ୧୧ରେ ପହଂଚିଛି। ଏହା ଅତ୍ୟନ୍ତ ଦୁର୍ଗମ ଅଂଚଳ ହୋଇଥିବାରୁ ଏ ନେଇ ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ ନିକଟରେ କୌଣସି ସୂଚନା ନଥିଲା। ଅନ୍ୟପକ୍ଷରେ ମୃତକଙ୍କ ସଂଖ୍ୟା ବଢ଼ିବା ଗ୍ରାମବାସୀଙ୍କୁ ଆତଙ୍କିତ କରିଛି।

# କୁକର୍ମକାରୀକୁ ୧୦ ବର୍ଷ ଜେଲ : ୪୦ ହଜାର ଟଙ୍କା ଜୋରିମାନା

କେନ୍ଦ୍ରାପଡ଼ା ,୨୯/୧୦ (ନି.ପ୍ର): ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ଜୋର ଜବରଦସ୍ତ ନିର୍ଯ୍ୟାତନା ସହ କୁକର୍ମ କରିଥିବା ଆସାମୀକୁ କେନ୍ଦ୍ରାପଡାର ଆଡହକ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟର ମାନ୍ୟବର ବିଚାରପତି ତ୍ରିବିକ୍ରମ କେଶରୀ ଚିନେରା ୧୦ ବର୍ଷ ଜେଲ, ୪୦ ହଜାର ଟଙ୍କା ଜୋରିମାନା ରେ ଦଣ୍ଡିତ କରିଥିବା ଜଣାପଡିଛି । କେନ୍ଦ୍ରାପଡା ଜିଲ୍ଲା ଜମ୍ବୁ ମେରାଇନ ଥାନା ଅଧିନ ରାମନଗର ଗ୍ରାମର ଲକ୍ଷ୍ମୀ ବୈଦ୍ୟ ସ୍ୱାମୀ ପରିତ୍ୟକ୍ତା ଭାବେ ବାପଘରେ ରହୁଥିଲେ । ଘରେ କେହି ନଥିବା ବେଳେ ୨୦୧୯ ମସିହା ନଭେମ୍ବର ୨୧ ତାରିଖ ଦିନ ସେହି ଗ୍ରାମର ବଙ୍କିମ ମଣ୍ଡଳ ଦିନ ୨ ଘଟିକା ସମୟରେ ଜୋର ଜବରଦସ୍ତ ଘରେ ପଶି ଲକ୍ଷ୍ମୀଙ୍କୁ କାବୁ କରି କୁକର୍ମ କରିଥିଲା । ଏବଂ ପ୍ରକାସ କଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲା । ଏକଥା ଜାଣିପାରି ପୀଡିତାର ଭାଇ ନନ୍ଦ ବାଇନ ଜମ୍ବୁ ମେରାଇନ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲା । ମେରାଇନ ଥାନା କେସ ନଂ-୧୨୧/୧୯ ଏବଂ ଜି.ଆର କେଶ ନଂ- ୧୮୨୦/୧୯ , ଏସ.ଟି କେଶ ନଂ- ୫୧/୨୦୨୦ ଦଫା- ୩୭୬ (କ) ୪୫୦ ଆଇ.ପି.ସି. ଓ ୧୫ ଜଣଙ୍କ ସାକ୍ଷ୍ୟକୁ ଭିତି କରି ମାନ୍ୟବର ଆଡହକ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ ଆସାମୀ ବଙ୍କିମ ମଣ୍ଡଳକୁ ୧୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ସହ ୪୦ ହଜାର ଟଙ୍କା ଜୋରିମାନା ଅନାଦାୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି ।

# ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ପାଇଁ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଭେଟିଲେ ଅଂଚଳବାସୀ

ପୁରୀ ,୨୯/୧୦ (ନି.ପ୍ର): ଚନ୍ଦନପୁର ତିନିମୁହାଣି ଆନିକଟ ନିକଟରେ ଭାର୍ଗବୀ ନଦୀ ଜଳ ଅବରୋଧ କରି ଉପର ମୁଣ୍ଡରେ ଥିବା ଅଂଚଳ ତଥା ବାଲିପଡ଼ା, ଚାଳିଶିବାଟିଆ, ଗଡ଼ମୃଗଶିରା ଏବଂ ଉପରମୁଣ୍ଡର ଅନେକ ଅଂଚଳ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରାଇବା ଦାବିରେ ଆଜି ପୁରୀ ଜିଲ୍ଲା ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇଙ୍କୁ ଭେଟିଛନ୍ତି ଅଂଚଳବାସୀ। ଶ୍ରୀ ଦଳେଇଙ୍କୁ ଭେଟିବା ସହ ସେମାନେ ସମସ୍ୟା ବାବଦରେ ତାଙ୍କୁ ଅବଗତ କରିଛନ୍ତି । ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଦଳେଇ ମଧ ସମସ୍ୟାକୁ ଗୁରୁତ୍ୱର ସହ ନେଇ ଖୁବ୍ ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି ।

ଏହି ସମୟରେ ସେଠାରେ ଅଂଚଳର ବିଶିଷ୍ଟ ସମାଜସେବୀ ସୋମନାଥ ପ୍ରହରାଜ, ସଚ୍ଚିଦାନନ୍ଦ ଭୋଇ, ଶତ୍ରୁଘ୍ନ ପ୍ରଧାନ, କ୍ଷେତ୍ରମୋହନ ପରିଡା, ଗଙ୍ଗାଧର ସ୍ୱାଇଁ, କୃଷ୍ଣ ମୋହନ ପରିଡା ଏବଂ ଅଂଚଳର କିଛି ଚାଷୀ ଉପସ୍ଥିତ ଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ, ଚନ୍ଦନପୁର ତିନିମୁହାଣି ଆନିକଟ ନିକଟରେ ନିର୍ମାଣାଧିନ ଚେକଡ୍ୟାମ୍ କାମ ସମ୍ପୂର୍ଣ୍ଣ ହେଲେ ବାଲିପଡ଼ା, ଚାଳିଶିବାଟିଆ, ଗଡ଼ମୃଗଶିରା ଏବଂ ଉପରମୁଣ୍ଡର ପ୍ରାୟ ୫୦୦୦ ରୁ ଉର୍ଦ୍ଧ୍ୱ ଏକର ଜମି ଜଳସେଚିତ ହୋଇପାରିବ । ଫଳରେ ଦୀର୍ଘ ଦିନ ଧରି ଲାଗିରହିଥିବା ସମସ୍ୟାର ସମାଧାନ ହୋଇପାରିବ ଓ ଚାଷୀ ଅଧିକ ଫସଲ ଉତ୍ପାଦନ କରିବା ସହ ଲାଭବାନ୍ ହୋଇପାରିବେ ।

# ବ୍ରାହ୍ମଣୀ ନଦୀରୁ ବେଆଇନ ବାଲି ଉତ୍ତୋଳନ : ୨ ପ୍ରୋକଲିନ ଜବତ

ଧର୍ମଶାଳା ,୨୯/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧିନସ୍ଥ ମଙ୍ଗଳପୁର ପଂଚାୟତ କୋଠଡିହ ବ୍ରାହ୍ମଣୀ ନଦୀରୁ ବେଆଇନଭାବେ ବାଲି ଉତୋଳନ କରୁଥିବା ବେଳେ ୨ଟି ପ୍ରୋକଲିନ ଜବତ ହୋଇଛି । ଧର୍ମଶାଳା ତହସିଲଦାର ସ୍ୱାଗତ କୁମାର ଦାସ ଆଜି ଅପରାହ୍ନରେ ବେଆଇନ ବାଲି ଘାଟ ଉପରେ ଚଢାଉ କରି ୨ଟି ପ୍ରୋକଲିନକୁ ଜବତ କରିଥିଲେ । ତେବେ ଏହି ଚଢାଉ ସମୟରେ ବାଲି ଉତୋଳନରେ ନିୟୋଜିତ ହୋଇଥିବା ହାଇଓ୍ୱା ଗାଡି ଫେରାର ହୋଇଯାଇଥିବା ଜଣାପଡିଛି । ସୂଚନା ମୁତାବକ,ପୂର୍ବରୁ ରସୁଲପୁର ତହସିଲ ଅନ୍ତର୍ଗତ ଚାନ୍ଦପୁରଠାରେ ବ୍ରାହ୍ମଣୀ ନଦୀରୁ ବାଲି ଉତୋଳନ ପାଇଁ ଲିଜ୍ ଦିଆ ଯାଇଥିଲା । ତେବେ ଲିଜ୍‌ଧାରୀ ରସୁଲପୁର ତହସିଲ ସୀମା ଅତିକ୍ରମ କରି ଧର୍ମଶାଳା ତହସିଲ ମଙ୍ଗଳପୁର ପଂଚାୟତ କୋଠଡିହ ନିକଟରୁ ବ୍ରାହ୍ମଣୀ ନଦୀରୁ ବେଆଇନଭାବେ ବାଲି ଉତୋଳନ କରୁଥିଲେ । ଏହି ଘଟଣାକୁ ନେଇ ବାରମ୍ବାର ସ୍ଥାନୀୟ ଲୋକେ ଏହାକୁ ଉଭୟ ତହସିଲଦାରଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ । ଏପରିକି ବହୁ ସମୟରେ ସ୍ଥାନୀୟ ଗ୍ରାମବାସୀ ଓ ଲିଜ୍‌ଧାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଉଭୟ ପକ୍ଷରୁ ପୃଥକ ପୃଥକଭାବେ ୨ଟି ମାମଲା ଧର୍ମଶାଳା ଓ ଯାଜପୁର ସଦର ଥାନାରେ ରୁଜୁ ହୋଇଥିଲା । ଯାହାକୁ ନେଇ ଏହି ଅଂଚଳରେ ତିକ୍ତତା ଲାଗି ରହିଛି । ଆଜି ଆପରାହ୍ନରେ ଧର୍ମଶାଳା ତହସିଲଦାର ସ୍ୱାଗତ କୁମାର ଦାସ କୋଠଡିହସ୍ଥିତ ବ୍ରାହ୍ମଣୀ ନଦୀ ଘାଟରେ ଚଢାଉ କରି ବାଲି ଘାଟରେ ବ୍ୟବହୃତ ୨ଟି ପ୍ରୋକଲିନ ଜବତ କରିଥିଲେ। ୨ଟି ପ୍ରୋକଲିନକୁ ସ୍ଥାନୀୟ ଫାଣ୍ଡିରେ ଜିମା ଦେବାକୁ ଲିଜ୍‌ଧାରୀଙ୍କୁ କହିଥିଲେ । ଯଦି ଜେସିବିକୁ ଫାଣ୍ଡିରେ ଜିମା ନ ଦେଲେ ନିଜ ପକ୍ଷରୁ ଲିଜ୍‌ଧାରୀଙ୍କ ନାମରେ ଏତଲା କରାଯିବ । ଅନ୍ୟପକ୍ଷେ ଚାନ୍ଦପୁର ବାଲି ଘାଟର ଅବଧି ସରି ଯାଇଛି । ଏନେଇ ରସୁଲପୁର ତହସିଲଦାରଙ୍କୁ ଅବଗତ କରାଯାଇଛି ବୋଲି ଲିଜଧାରୀଙ୍କୁ ତହସିଲଦାର ଶ୍ରୀ ଦାସ ଚେତବାନୀ ଦେଇଥିଲେ। ଏହି ଘଟଣାରେ ସୀମା ବିବାଦ ଯୋଗୁଁ ଏଭଳି ବେଆଇନ ବାଲି ଉତୋଳନ ହେଉଛି । ଏକ ସପ୍ତାହ ମଧ୍ୟରେ ଏଠାରେ ସୀମା ନିର୍ଦ୍ଧାରଣ କରାଯିବ ବୋଲି ଜଣାପଡିଛି । ଏହି ଚଢାଉ ଭୟରେ ହାଇଓ୍ୱା ରାସ୍ତାରେ ଅଟକି ରହିବା ସହିତ ଅନେକ ହାଇଓ୍ୱା ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି । ଅବଧି ପରେ କିପରି ବାଲି ଉତୋଳନ ହେଉଛି ଯାହାକି ପ୍ରଶାସନ ରୋକିବାରେ ବିଫଳ ହୋଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ଏହି ବେଆଇନ ବାଲି ଘାଟକୁ ତୁରନ୍ତ ବନ୍ଦ କରା ନ ଗଲେ ଏକ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କୋଠଡିହ ଓ ନୂଆକୂଳ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ଶିକ୍ଷକ ଓ  ଶ୍ରେଣୀ ଗୃହ ଅଭାବ ପ୍ରତିବାଦରେ ସ୍କୁଲରେ ତାଲା ପକାଇଲେ ଛାତ୍ରଛାତ୍ରୀ ଓ  ଅଭିଭାବକ

କେନ୍ଦୁଝର ,୨୯/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ବଡ ବଡ ଯୋଜନା। ସ୍ମାର୍ଟ ସ୍କୁଲ ଠାରୁ ଆରମ୍ଭ କରି ସ୍କୁଲ ରୂପାନ୍ତରିତ ଆଦି ଅନେକ ଯୋଜନା। ଏଥିପାଇଁ ଖର୍ଚ୍ଚ ହେଉଛି ଟଙ୍କା ଉପରେ ଟଙ୍କା। କିନ୍ତୁ ଏପଟେ ପିଲାଙ୍କର ଆଗ୍ରହ ଥାଇ ମଧ୍ୟ ଶ୍ରେଣୀ ଗୃହ ର ଅଭାବ ସାଙ୍ଗକୁ ଶିକ୍ଷକଙ୍କର ଅଭାବ ଯୋଗୁଁ ପିଲାମାନେ ଠିକ ଭାବେ ପାଠ ପଢି ପାରୁ ନାହାଁନ୍ତି। ଯେଉଁଥିପାଇଁ ଛାତ୍ର ଛାତ୍ରୀ ମାନେ ଅଭିଭାବକ ମାନଙ୍କ ସହ ମିଶି ସ୍କୁଲରେ ତାଲା ପକାଇ ପ୍ରତିବାଦ କରିଛନ୍ତି । ଏଭଳି ଏକ ଘଟମା ଘଟିଛି କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ବ୍ଲକ ଅଂଚଳରେ । କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ର ଜଙ୍ଘିରା ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ । ଏହି ବିଦ୍ୟାଳୟରେ ଲାଗି ରହିଥିବା ଏଭଳି ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ କିମ୍ବା ଶିକ୍ଷା ବିଭାବ କେହି ହେଲେ ବି କର୍ଣ୍ଣପାତ କଲେନାହିଁ । ଫଳରେ ଦାବୀ ପୁରଣ ଲାଗି ଛାତ୍ର ଛାତ୍ରୀମାନେ ଅଭିଭାବକମାନଙ୍କ ସହ ମିଶି ଏଭଳି ପ୍ରତିବାଦ କରିବା ସହ ରାସ୍ତା ମଧ୍ୟ ଅବରୋଧ କରିଛନ୍ତି । ସଭିଏ ପଢିବେ ସଭିଏ ବଢିବେ । ଏହା ସରକାରଙ୍କ ସ୍ଲୋଗାନ । କିନ୍ତୁ ସରକାରଙ୍କ ଯୋଜନା କେବଳ ସ୍ଲୋଗାନ ମଧ୍ୟରେ ସିମୀତ ରହିଯାଉଥିବା ଦେଖିବାକୁ ମିଳିଛି । ଫଳରେ ଆଠଟି ଶ୍ରେଣୀ ପାଇଁ , ପାଚଂଟି ଶ୍ରେଣୀ ଗୃହ ରହିଥିବା ବେଳେ ରହିଛନ୍ତି ମାତ୍ର ଚାରିଜଣ ଶିକ୍ଷକ । ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କ୍ଲାସ ରହିଥିବା ଜଙ୍ଘିରା ସରକାରୀ ସ୍କୁଲ ରେ ୨୫୮ ଜଣ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି । କିନ୍ତୁ ଆଠଜଣ ଶିକ୍ଷକଙ୍କ ବଦଳରେ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ରହିଛନ୍ତି ମାତ୍ର ୪ ଜଣ ଶିକ୍ଷକ । ସେ ମଧ୍ୟରୁ ପ୍ରଧାନ ଶିକ୍ଷକ ମଧ୍ୟ ଏବେ ସି.ଆର.ସି ସି. ଦାୟିତ୍ୱ ତୁଲାଉଥିବା ବେଳେ ଅନ୍ୟ ଜଣେ ଶିକ୍ଷକ ଡେପୁଟେସନରେ ଅଛନ୍ତି । ଯେଉଁଥିପାଇଁ ପାଠ ପଢା ବ୍ୟାହତ ହେଉଅଛି । ଶ୍ରେଣୀ ଗୃହର ଅଭାବ କାରଣରୁ ଗୋଟିଏ ଶ୍ରେଣୀ ଗୃହରେ ୩ ଟି ପର୍ଯ୍ୟନ୍ତ କ୍ଲାସ ର ପିବାମାନେ ପାଠ ପଢୁଛନ୍ତି । ଯେଉଁଥିରୁ କିଭଳି ପାଠପଢା ହେଉଥିବ ତାହା ସହଜରେ ଅନୁମାନ କରାଯାଇପାରେ । ଏ ସଂପର୍କରେ ଶିକ୍ଷା ବିଭାଗ ସହ ସ୍କୁଲ କମିଟି ଆଦିଙ୍କୁ ଜଣାଇବା ପରେ ମଧ୍ୟ କିଛି ସୁଫଳ ମିଳିପାରୁନଥିବା କହିଛନ୍ତି ସତ୍ୟଭାମା ପରିଡା , ଭୀମସେନ ସେଠୀ ପ୍ରମୁଖ ଅଭିଭାବକମାନେ । ଘଟଣା ଅନୁଧ୍ୟାନ କରିବାକୁ ପହଂଚିଥିବା ହରିଚନ୍ଦନପୁର ର ବି.ଓ . ବିକଳ ସାହୁଙ୍କ କହିବା କଥା ହେଲା ଯେ ଯେ ହେତୁ ସେ ନୂଆ ଆସିଛନ୍ତି ତେଣୁ କିଛି ଜାଣି ନାହଁନ୍ତି । ମୋତେ ସମାଧାନ କରିବା ପାଇଁ ପଠାଯାଇଛି । ମୁ ଯାହା ଦେଖିଲି ତାହା ଯାଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି ବୋଲି କହି ସେ ସବୁ କଥାକୁ ଏଡାଇ ଯାଇଥିଲେ ।

# ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀଙ୍କ କନ୍ଧମାଳରେ ମାଓ ସମୀକ୍ଷା

କନ୍ଧମାଳ ,୨୯/୧୦ (ନି.ପ୍ର): ରାଜ୍ୟ ପୋଲିସ ଏବଂ ବିଏସଏଫ ତଥା ସିଆରପିଏଫ୍ ର ବରିଷ୍ଠ ଅଧିକାରୀ ମାନେ କନ୍ଧମାଳରେ ମାଓ ଗତିବିଧି ଓ ପୋଲିସ ପକ୍ଷରୁ ଏହାର ମୁକାବିଲା ପାଇଁ ପଦକ୍ଷେପ ର ସମୀକ୍ଷା କରିଥିଲେ। ଆଜି ସକାଳେ ହେଲିକ୍ୟାପ୍ଟର ଯୋଗେ ଫୁଲବାଣୀ ମାଦିକୁନ୍ଦା ସ୍ଥିତ ରିଜର୍ଭ ପୋଲିସ ପଡ଼ିଆ ଠାରେ ପହଞ୍ଚି ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ କୁମାର ପଣ୍ଡା, ଆଇ ଜି ଅପରେସନ ଅମିତାଭ ଠାକୁର,ଡିଆଇଜି ଏସଡବ୍ଲୁ ଅନିରୁଦ୍ଧ ସିଂ,ଆଇଜି ଏସ୍ ଆର ସତ୍ୟବ୍ରତ ଭୋଇ,ବିଏସଏଫ ଆଇଜି ଡି. କେ ଶର୍ମା, ଡିଆଜି ଧିରେନ୍ଦ୍ର କୁମାର, ସିଆରପିଏଫ୍ କମାଣ୍ଡେଣ୍ଟ ଆନନ୍ଦ ଝା ପ୍ରମୁଖ ଆସି କନ୍ଧମାଳ ଏସପି ଭିନୀତ ଅଗ୍ରୱାଲଙ୍କ ସମେତ ବାଲିଗୁଡ଼ା ଉପଖଣ୍ଡ ପୋଲିସ୍ ଅଧିକାରୀ ଓ ଜିଲ୍ଲା ର ବରିଷ୍ଠ ଅଧିକାରୀ ମାନଙ୍କ ସହ ଜିଲ୍ଲା ରେ ମାଓବାଦୀ ମାନଙ୍କ ଗତିବିଧି ଓ ପୋଲିସ ପକ୍ଷରୁ ଗ୍ରହଣ କରାଯାଇଥିବା ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଏହା ପୁର୍ବରୁ ହ୍ୟାଲିକ୍ୟାପଟର ଯୋଗେ ଜିଲ୍ଲାର କିଛି ମାଓ ଅଧ୍ୟୁଷିତ ଅଂଚଳର ଆକାଶମାର୍ଗରୁ ଏରିଏଲ ସର୍ଭେ କରିଥିଲେ।ପରେ ଜିଲ୍ଲା ପୋଲିସ ମୁଖ୍ୟାଳୟ ରେ ଏକ ସାମ୍ବାଦିକ ସମ୍ମିଳନୀରେ, ଆଜି ଅପରେସନ ଏବଂ ବିଏସଏଫ ଆଇଜି, ଜିଲ୍ଲା ରେ ମାଓବାଦୀ ମାନେ ପୋଲିସ ଖବର ଦାତା ନାମରେ ନିରିହ ଆଦିବାସୀ ମାନଙ୍କୁ ହତ୍ୟା କରୁଛନ୍ତି। ପୋଲିସ ବିଭାଗରେ ସେହିଭଳି କେହି ଇନଫର୍ମର ନାହାଁନ୍ତି ବୋଲି କହିବା ସହିତ, ମାଓବାଦୀ ମାନେ ହିଂସା ଛାଡି ସରକାରଙ୍କ ମାଓ ଆତ୍ମସମର୍ପଣ ଓ ଥଇଥାନ ବ୍ୟବସ୍ଥା ର ଲାଭ ନେବା ସହିତ ସମାଜର ମୁଖ୍ୟସ୍ରୋତ କୁ ଆସିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ରେ ମାଓ କୁମ୍ବିଙ୍ଗ ନିରନ୍ତର ଭାବେ ଜାରି ରହିବ ସାଧାରଣ ଲୋକେ ନିର୍ଭୟ ରେ ଜୀବନ ଯାପନ କରନ୍ତୁ ବୋଲି ବିଏସଏଫ ଆଇଜି କହିଛନ୍ତି।

ଏହି ଅବସରରେ କନ୍ଧମାଳ ଏସପି ଭିନୀତ ଅଗ୍ରୱାଲ ଓ ବାଲିଗୁଡା ଉପଖଣ୍ଡ ପୋଲିସ୍ ଅଧିକାରୀ ଜି. ରାଘବେନ୍ଦ୍ର ରେଡ୍ଡୀ ଏବଂ ଅନ୍ୟ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଗତ ୧୧ ତାରିଖ ରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅଂଚଳର କଣାସାଲୁ ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଥିବା ବେଳେ ସେଠାରେ ଜଣେ ମହିଳା ମାଓବାଦୀର ମୃତ୍ୟୁ ହୋଇଥିଲା । ଏହାପରେ ୨୪ ତାରିଖରେ କଣାସାଲୁ ଗାଁ ର ଜଣେ ଯୁବକଙ୍କୁ ପୋଲିସ ଖବର ଦାତା ନାମରେ ହତ୍ୟା କରିଥିଲେ ମାଓବାଦୀ। ଖାଲି ସେତିକି ନୁହେଁ ସେହି ଅଂଚଳର ନିକଟ ଜାର୍ଗୀ ଠାରେ ରାସ୍ତା କାମରେ ନିୟୋଜିତ ଏକ ଠିକା କମ୍ପାନୀ ର ୫ ଟି ଗାଡିକୁ ପୋଡି ଦେଇଛନ୍ତି ମାଓବାଦୀ। ଏହି ଘଟଣାର ସମୀକ୍ଷା କରିଥିଲେ ପୋଲିସ ଅଧିକାରୀ ମାନେ।

# ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ ବୃନ୍ଦାବନ ବରାଳଙ୍କ ପରଲୋକ

ବଲାଙ୍ଗିର ,୨୯/୧୦ (ନି.ପ୍ର): ବଲାଙ୍ଗିରର ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ରାଜସ୍ୱ ବିଭାଗର ଅଧିକାରୀ ବୃନ୍ଦାବନ ବରାଳ ଆଉ ନାହାନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା । ସେ ହୃଦଘାତ ରୋଗରେ ପୀଡିତ ହୋଇଥିଲେ । ସ୍ଥାନୀୟ ଭୀମଭୋଇ ହସପିଟାଲକୁ ନେବା ସମୟରେ ଗତକାଲି ସନ୍ଧ୍ୟା ୬ ଟାରେ ନିଜ କନ୍ଧପାଲି ପଡା ସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଯାଇଛି । ସେ ନାଗରିକ କମିଟିର ସକ୍ରିୟ ସଭ୍ୟ ରୂପେ କାର୍ଯ୍ୟ କରି ପୂର୍ବରୁ କୋଷାଧକ୍ଷ ପଦବୀରେ ମଧ କାର୍ଯ୍ୟ କରିଥିଲେ । ଶ୍ରୀ ବରାଳ ଜଣେ ମେଳାପୀ ଓ ମିଷ୍ଟଭାଷୀ ମଣିଷ ଭାବରେ ଜଣାଶୁଣା ଥିଲେ । ତାଙ୍କର ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ନାଗରିକ କମିଟିର ଉପଦେଷ୍ଟା ପ୍ରଫେସର ମଧୁସୁଦନ ପତି, ବିକ୍ରମ ବହିଦାର, ଡା. ଲକ୍ଷ୍ମୀକାନ୍ତ ମହାପାତ୍ର, ସଭାପତି ବେଲାର ସିଂ ଭୋଇ, ଉପସଭାପତି ନିତ୍ୟାନନ୍ଦ ମିଶ୍ର, ସହସଂପାଦକ ଡ. ଚକ୍ରପାଣି ଦାଶ, କୋଷାଧକ୍ଷ ଗଜେନ୍ଦ୍ର ଭମର ତଥା କମିଟିର ଅନ୍ୟାନ୍ୟ ସଭ୍ୟମାନେ ଗଭିର ଶୋକ ପ୍ରକାଶ କରିଛନ୍ତି ବୋଲି ସାଧାରଣ ସଂପାଦକ ମନୋରଂଜନ ସାହୁ ଜଣାଇଛନ୍ତି । ଆଜି ସକାଳୁ ତାଙ୍କର ଶେଷ ଦର୍ଶନ ପାଇଁ ତାଙ୍କର ବାସଭବରେ ଲୋକ ଗୁଣ୍ଡ ହୋଇଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୩୦ ଅକ୍ଟୋବର, ୨୦୨୨
email :
rabibarachayan2015@gmail.com



......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ - ୯୬**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଡାକ୍ତର ଦୁଖନରାମ ଶ୍ୟାମାକୁ ମାସେ ରହିବାକୁ ହେବ ବୋଲି କହିଥିଲେ ସିନା, ତାକୁ ଜୁଲାଇରୁ ଡିସେମ୍ବର ପର୍ଯ୍ୟନ୍ତ ଛଅମାସ ରଖିବାକୁ ହୋଇଥିଲା, ଏହି ଛଅମାସ ମଧ୍ୟରେ ଗୋଟିଏ ସ୍ୱତନ୍ତ୍ର ଭଡ଼ାଘରେ ମୋର ସ୍ୱର୍ଗତ ପୁତ୍ର ସତ୍ୟଗୋପାଳକୁ ରହିବାକୁ ହୋଇଥିଲା ଓ ସେ ସାନଭଉଣୀର ଯତ୍ନପୂରୋନାସ୍ତି ଯତ୍ନ କରୁଥିଲା। ସେତେବେଳେ ସେ ସମ୍ବଲପୁରରେ ଓକିଲାତି ଆରମ୍ଭ କରିସାରିଥିଲା, କିନ୍ତୁ ମୁଁ ଚାକିରିରେ ଥିବାରୁ ଓ ଏହି ଦାୟିତ୍ୱ ଗ୍ରହଣ କରିବାକୁ ଘରେ ଆଉ କେହି ନଥିବାରୁ ଏହି ଭାର ତାହା ଉପରେ ଅର୍ପିତ ହୋଇଥିଲା । ଡିସେମ୍ବର ଆଡ଼କୁ ପୀଡ଼ାର ଯଥେଷ୍ଟ ଉପଶମ ହେଲା ଓ ତାହାକୁ ଘରକୁ ଅଣାହେଲା । କିନ୍ତୁ ଘରେ ଦୁଇମାସ ରହିଲା ପରେ ପୁଣି ପୀଡ଼ା ଆରମ୍ଭ ହୋଇ ପତା ସବୁ ଫୁଲିଗଲା । ଫେବୃୟାରୀ ମାସରେ ପୁଣି ତାକୁ ନିଆ ହେଲା ଓ ଚିକିତ୍ସାଦ୍ୱାରା ଆମ୍ବାର ଉପଶମ ଦେଖି ପ୍ରାୟ ଦୁଇମାସ ପରେ ଘରକୁ ଫେରାଇ ଅଣାହେଲା । କିନ୍ତୁ ସଙ୍ଗେ ସଙ୍ଗେ ରୋଗ ଏତେ ବୃଦ୍ଧି ପାଇଲା ଯେ ୧୯୪୧ ମସିହା ଜୁନ୍ ତାରିଖରେ ତାକୁ ନେଇ ଡାକ୍ତର ଦୁଖନରାମଙ୍କ ଘରେ ତାହାର ଚିକିତ୍ସା କରାହେଲା । ଏତେଦିନ ପାଟଣାରେ ରହିବାରୁ ସତ୍ୟଗୋପାଳର ଓକିଲାତି ବ୍ୟବସାୟରେ କ୍ଷତି ହେଲାଣି । ତେଣୁ ତାକୁ ପଠାଇ ହେଲା ନାହିଁ । ତାହାର ମାଉସୀ ପୁଅ ଭାଇ ପ୍ରଭାକର ପାଣିଗ୍ରାହୀ ସ୍ୱତଃପ୍ରବୃତ୍ତ ହୋଇ ତାହାକୁ ନେଇ ପାଟଣାରେ ରହିଲା । ଏମାନଙ୍କ ସଙ୍ଗେ ଆମ୍ଭମାନଙ୍କ ପଡ଼ୋଶୀ ଶ୍ରୀ ନୀଳାଦ୍ରି ମହାପାତ୍ରଙ୍କ ବିଧବା ପ୍ରୌଢ଼ା ବୟସ୍କା ଭଉଣୀ ତୁଳସୀ ମଧ୍ୟ ଯାଇ ରହିଲେ । ଏମାନେ ଗଲାପରେ ମୁଁ ପାଞ୍ଚ ଦିନର ଛୁଟି ନେଇ ପାଟଣାକୁ ଗଲି । ସେତେବେଳେ ଦେଖିଲି, ସୁଷମା ମେଡ଼ିକାଲ୍ କଲେଜ ମଧ୍ୟସ୍ଥ ହ୍ୱିଲର୍ କେବିନ୍ (Wheeler cabin)ରେ ପୁରିସି ରୋଗରେ ଶଯ୍ୟାଶାୟିନୀ ହୋଇ ପଡ଼ିଅଛି । ଅଧ୍ୟାପକ ଡାକ୍ତର ବସ୍ତିଦାର ତାହାର ଚିକିତ୍ସା କରୁଅଛନ୍ତି । ସେ କହିଲେ, ସୁଷମା ଆରୋଗ୍ୟ ଲାଭ କଲାପରେ ସୁଦ୍ଧା ତାକୁ ଅନ୍ତତଃ ଛଅମାସ ପାଠ ବନ୍ଦ କରିବାକୁ ହେବ । ଡାକ୍ତର ଦୁଖରାମ ଶ୍ୟାମାକୁ ପରୀକ୍ଷା କରି ତାହା ପ୍ରତି ଅତ୍ୟନ୍ତ ଅଯତ୍ନ ହୋଇଅଛି ବୋଲି କହିଲେ ଓ ମୋ'ପ୍ରତି ଭୀଷଣ ବିରକ୍ତ ପ୍ରକାଶ କଲେ । କହିଲେ, ଆଖିର ଅବସ୍ଥା ଅତ୍ୟନ୍ତ ଗୁରୁତର, କିନ୍ତୁ ନିରାଶାଜନକ ନୁହେଁ ଶ୍ୟାମାର ଦୁଇ ଆଖିର ଦୁଇପତା ଯାକ ଭୀଷଣ ଭାବରେ ଫୁଲି ଯାଇଅଛି । ଆଖି ମେଲି ପାରୁନାହିଁ । ଡାକ୍ତର ତାଙ୍କ ଗୃହସ୍ଥିତ ଚିକିତ୍ସାଳୟରେ ଶ୍ୟାମାର ଆଖି ଖୋଲି ମୋତେ ଦେଖାଇଦେଲେ ।

ଦେଖିଲି, ପତା ଭିତରର ମାଂସ ଏତେ ବୃଦ୍ଧି ହୋଇଅଛି ଯେ ଉଭୟ ଚକ୍ଷୁର ଡୋଳାକୁ ତାହା ଆବରଣ କରି ରଖିଅଛି । ଡୋଳାର ଚିହ୍ନ ସୁଦ୍ଧା ଜଣାଯାଉନାହିଁ । ଚକ୍ଷୁ କୋଟରରୁ ପତାଦ୍ୱୟ ପ୍ରାୟ ଏକଇଞ୍ଚ ହେବ ଫୁଲି ଉପରକୁ ଉଠି ରହିଅଛି । ଡାକ୍ତର ପରଦିନ ପୁଣି ପରୀକ୍ଷା କରି କହିଲେ ଯେ, ତାହାର ଡାହାଣ ଆଖି ପ୍ରାୟ ଆଉ ନାହିଁ; ବାମ ଆଖିର ଅବସ୍ଥା ଅପେକ୍ଷାକୃତ ଭଲ ଏବଂ ସେ ଆଶା ଦେଲେ ଯେ, ଅଳ୍ପଦିନ ପରେ ଉଭୟ ଆଖି ଭଲ ହୋଇ ଯାଇପାରେ । କିନ୍ତୁ ଡାହାଣ ଆଖିର ଦୋଷ ରହିଯିବ । ଶ୍ୟାମାର ଅବସ୍ଥା ଦେଖି ଓ ଡାକ୍ତରଙ୍କ ଉକ୍ତି ଶୁଣି ମୁଁ ଦୀର୍ଘ ଛୁଟିନେଇ ପାଟଣାରେ ରହି ନିଜେ ତାହାର ଚିକିତ୍ସା କରାଇବା ସ୍ଥିରକଲି । ଶ୍ୟାମାକୁ ଦେଖିବି ଓ ସୁଷମାକୁ ମଧ୍ୟ ଦେଖିବି । ଉଭୟଙ୍କ ଅବସ୍ଥା ଦେଖି କାତର କଣ୍ଠରେ କେବଳ ଭଗବାନଙ୍କ କୃପାଭିକ୍ଷା କରୁଥାଏଁ । ଡାକ୍ତର ତ ଆଶାଦେଇ ରଖିଥାଆନ୍ତି । ୫ ଦିନର ଛୁଟି ଶେଷରେ ଘରକୁ ଫେରିଆସିଲି। ତିନିମାସର ଛୁଟି ସକାଶେ ଦରଖାସ୍ତ କରିଦେଲି ଓ ଯେତେଶୀଘ୍ର ସମ୍ଭବ ମୋତେ ଛୁଟିରେ ଯିବାକୁ ସରକାରଙ୍କୁ ଅନୁରୋଧ କଲି । ସୌଭାଗ୍ୟକୁ ଓଡ଼ିଶାର ତଦାନୀନ୍ତନ ରେଭେନ୍ୟୁ କମିଶନର ଉଡ଼ ସାହେବ (Wood) ମୋତେ ଛୁଟିରେ ଚାଲିଯିବାକୁ ଅନୁମତି ଦେଲେ । ଜୁଲାଇ ୧୨ ତାରିଖ ଦିନ ମୁଁ ପାଟଣାରେ ପହଞ୍ଚି ଦେଖିଲି, ସମସ୍ତେ ମୋ ଅପେକ୍ଷାରେ ବସିରହି ଅଛନ୍ତି । ସୁଷମାକୁ ଦେଖିଲି, ସେ ଭଲ ଅଛି କିନ୍ତୁ ଛାତିର ବଥା ଯାଇନାହିଁ ବୋଲି କହିଲା । ଶ୍ୟାମାର ବସାରେ ପହଞ୍ଚିଲା ବେଳକୁ ରାତି ଦଶଟା । ଶ୍ୟାମା ଶୋଇ ନାହିଁ । ମୋର ତୁଣ୍ଡ ବାରି ଉଠିପଡ଼ି ଅଣ୍ଡାଳି ଅଣ୍ଡାଳି ଆସି ବାପା ! ବାପା ! ବୋଲି ମୋତେ କୁଣ୍ଢେଇ ପକାଇଲା ଓ ହସିବାକୁ ଲାଗିଲା । ତାହାର ନିଃସହାୟ ଅବସ୍ଥା ଦେଖି ମୋ ଚକ୍ଷୁରୁ ସ୍ୱତଃ ଅଶ୍ରୁ ବୋହିବାକୁ ଲାଗିଲା । କିନ୍ତୁ ମୋର ମନେ ହେଲା, ମୋତେ ପାଇ ଯେପରି ତାହାର ସମସ୍ତ ଦୁଃଖ ଲୁପ୍ତ ହୋଇଯାଇଅଛି । ସାନଭାଇ ଫକୀର (ବିଭୁପ୍ରସାଦ) ଓ ସାନ ଭଉଣୀ ମଣିମା ଓ ସତ୍ୟଭାମାର କଥା ପଚାରିଲା। ଅଥଚ କୋହରେ ମୋତେ ଅଧୀର ବଳ ଦେଉଥିଲା । ମା' ଆସିଛନ୍ତି କି ନା ବୋଲି ପଚାରିଲା ଓ ଆସି ନାହାଁନ୍ତି ଶୁଣି ମୁହଁ ଶୁଖାଇଦେଲା । କିଛିଦିନ ପରେ ଆସିବେ ବୋଲି କହିଲାରୁ ପୁଣି ତାହାର ମୁହଁରେ ହସ ଦେଖାଗଲା ।

ଶ୍ୟାମାର ଚକ୍ଷୁଦ୍ୱୟ ଏକାବେଳକେ ବନ୍ଦ । ଅଣ୍ଡାଳି ଅଣ୍ଡାଳି ଯାହା କରୁଛି । ହାତଧରି ତାକୁ ନିଆ ଅଣା ହେଉଛି। ୧୩ ତାରିଖ ଦିନ ତାକୁ ନେଇ ଡାକ୍ତରଙ୍କ ସଙ୍ଗେ ସାକ୍ଷାତ କଲି । ଡାକ୍ତର କହିଲେ, ଚକ୍ଷୁର ଅବସ୍ଥା ଅତ୍ୟନ୍ତ ଗୁରୁତର। ଔଷଧ ଆଶାନୁରୂପ କାର୍ଯ୍ୟ କରୁନାହିଁ । ପରଦିନ ସକାଳେ ପୁଣି ଶ୍ୟାମାକୁ ନେଇ ଡାକ୍ତରଙ୍କ ଘରକୁ ଗଲି । ସେଠାରେ ପ୍ରତ୍ୟହ ଚକ୍ଷୁରୋଗୀଙ୍କ ଭିଡ଼ । ଡାକ୍ତରବାବୁ ଶ୍ୟାମାକୁ ପୁଣି ଦେଖିଲେ । ମୋତେ କହିଲେ, ପୂର୍ବ ରାତିରେ ପ୍ରାୟ ଦୁଇଟା ପର୍ଯ୍ୟନ୍ତ ସେ ଚକ୍ଷୁରୋଗ ବିଷୟରେ କେତେଗୁଡ଼ିଏ ବହି ପଢ଼ିଲେ, କିନ୍ତୁ କୌଣସିଠାରୁ ଆଲୋକପାତ ପାଇଲେ ନାହିଁ । ହଠାତ୍ ତାଙ୍କର ସ୍ମରଣ ହେଲା, କିଛିଦିନ ପୂର୍ବେ ଗୋଟିଏ ଚକ୍ଷୁରୋଗର ମଲମ ଜର୍ମାନୀରୁ ଆସିଥିଲା । ନମୁନା ସ୍ୱରୂପ ତାହା ସେ ପାଇଥିଲେ ଓ ତାହା ପ୍ରୟୋଗକରି ଆଶାତୀତ ଫଳ ପାଇଥିଲେ। ଯଦି ସେହି ଔଷଧ କୌଣସିଠାରେ ମିଳେ, ତାହା ଦ୍ୱାରା ଶ୍ୟାମାର ଆଖି ଭଲ ହୋଇଯାନ୍ତା । ଔଷଧଟି ବଜାରକୁ ବିକ୍ରୟ ସକାଶେ ଆସି ନଥିଲା । କୌଣସି ଔଷଧ ବଜାରକୁ ବିକ୍ରୟ ସକାଶେ ପଠାଇବା ପୂର୍ବରୁ ଔଷଧ ପ୍ରସ୍ତୁତକାରୀମାନେ ଡାକ୍ତରମାନଙ୍କଠାକୁ ପରୀକ୍ଷା ସକାଶେ ପଠାନ୍ତି ଓ ଫଳ ସମ୍ବନ୍ଧରେ ସେମାନଙ୍କ ଅନୁକୂଳମତ ପ୍ରାପ୍ତ ହେଲେ ତାହା ବଜାରକୁ ପଠାନ୍ତି । ଏହି ନିୟମାନୁସାରେ ଏହି ମଲମ କେବଳ ପରୀକ୍ଷା ସକାଶେ ଆସିଥିଲା । ଆସିବା ଅଳ୍ପଦିନ ପରେ ଦ୍ୱିତୀୟ ମହାଯୁଦ୍ଧରେ ଜର୍ମାନୀ ଲିପ୍ତ ହେବାରୁ ଆଉ ଆସିଲା ନାହିଁ । ଡାକ୍ତରଙ୍କ ପରାମର୍ଶାନୁସାରେ ପାଟଣାର ପ୍ରାୟ ସମସ୍ତ ଔଷଧ ଦୋକାନରେ ତାହା ଖୋଜିଲି; କିନ୍ତୁ କୌଣସିଠାରେ ମିଳିଲା ନାହିଁ । କଲିକତାକୁ ମଧ୍ୟ ଲୋକ ପଠାଇ ଖୋଜାଇଲି ସେଠାରେ ମଧ୍ୟ ମିଳିଲା ନାହିଁ ।

ରୀତିମତ ଶ୍ୟାମା ଓ ସୁଷମାର ଚିକିତ୍ସା ଚାଲିଛି । ଡାକ୍ତର ଦୁଖନରାମ ନିଜ ଚିକିତ୍ସାଳୟରେ ଶ୍ୟାମାର ଚିକିତ୍ସା କରୁଥିବାରୁ ତାଙ୍କ ଫିଜ୍ ସମ୍ବନ୍ଧରେ ଯେତେବେଳେ ପଚାରିଲେ, ସେ କହିଲେ, ତାଙ୍କ ଫିଜ୍ ସ୍ୱରୂପ ଶ୍ୟାମାଠାରୁ ଶୁଣିବେ ଗୋଟିଏ ଲେଖାଏଁ ଭଜନ, ଆଉ କିଛି ନାହିଁ । ଏହି ଅବସ୍ଥାରେ ସୁଦ୍ଧା ଶ୍ୟାମା ଆନନ୍ଦମୟୀ । ପିଲାଦିନରୁ ସେ ଗୀତ ଗାଇବା ଶିକ୍ଷା କରିଥିଲା । ଗଳା ଅତି ମିଷ୍ଟ । ଲଳିତ ସ୍ୱରର ଗୀତ ଗାଉଛି । ଡାକ୍ତର ଦୁଖନରାମ ଜଣେ ଧର୍ମପରାୟଣ ବ୍ୟକ୍ତି। ପ୍ରତ୍ୟହ ହୋମ କୁଣ୍ଡରେ ହୋମ କରି ଦୈନନ୍ଦିନ କାର୍ଯ୍ୟ ଆରମ୍ଭ କରନ୍ତି । ଶ୍ୟାମାର ମୀରାଭଜନ ଶୁଣି ସେ ଏତେ ମୁଗ୍ଧ ହୁଅନ୍ତି ଯେ, ତାଙ୍କ ଚକ୍ଷୁ ଛଳଛଳ ହେଉଥିବା ମୁଁ ନିଜେ ଲକ୍ଷ୍ୟ କରିଅଛି । ଶ୍ୟାମାର ଗୀତ ଶୁଣି ସେ ଦିନେ କହିଲେ, 'ଭଗବାନ କି କାରଣରୁ ଏହି ନିରିହ ବାଳିକାକୁ ଏତେ କଷ୍ଟ ଦେଉଅଛନ୍ତି ।

(କ୍ରମଶଃ)

## ପର୍ଦ୍ଦା ପଛର କଥା

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।



ଶେଷ ଭାଗ

### ॥ ଛୋଟ ପରଦାର ସିନେମା ॥

ସମୟ ଥିଲା ଚଳଚ୍ଚିତ୍ରଟିଏ ପ୍ରେକ୍ଷାଳୟମାନଙ୍କରେ ମୁକ୍ତିଲାଭ କରିବାର ଅନେକଦିନ ପରେ ଟି.ଭିରେ ପ୍ରସାରିତ ହେଉଥିଲା । ପ୍ରେକ୍ଷାଳୟ ମାନଙ୍କରୁ ଯାହା ଅର୍ଥ ଆଦାୟ ହେଉଥିଲା ଟିଭି ଚ୍ୟାନେଲମାନଙ୍କୁ ବିକ୍ରୟ ଦ୍ୱାରା ପ୍ରଯୋଜକ କିଛି ପଇସା ପାଇ ଯାଉଥିଲେ । କେଉଁ ଚଳଚ୍ଚିତ୍ର କେତେ ଦରରେ ମୂଲଚାଲ ସ୍ଥିର ହେବ ତାହା ନିର୍ଭର କରୁଥିଲା ଚଳଚ୍ଚିତ୍ର ଷ୍ଟାରକାଷ୍ଟ ଉପରେ । ତେବେ ପରବର୍ତ୍ତୀ କାଳରେ ଚ୍ୟାନେଲ ଗୁଡ଼ିକ ପ୍ରେକ୍ଷାଳୟ ନିମନ୍ତେ ଚଳଚ୍ଚିତ୍ର ବନାଇଲେ । ବଲିଉଡ୍‌ରେ ମଧ ଅନେକ ଚଳଚ୍ଚିତ୍ର ପ୍ରଯୋଜିତ ହେଲା ଲୋକପ୍ରିୟ ଚ୍ୟାନେଲ ଗୁଡ଼ିକ ମାଧ୍ୟମରେ । ଓଡ଼ିଶାରେ ଅନୁରୂପ ଭାବରେ ଏ ଉଦ୍ୟମ ଆରମ୍ଭ ହୋଇଯାଇଥିଲା । ପ୍ରଯୋଜକ ସୀତାରାମ ଅଗ୍ରୱାଲ, ତରଙ୍ଗ ଚ୍ୟାନେଲ, ଜି. ସାର୍ଥକ ପ୍ରମୁଖ ଚ୍ୟାନେଲ ଗୁଡ଼ିକ ନିଜସ୍ୱ ସମ୍ବଳ ବିନିଯୋଗ କରି ସିନେମା ନିର୍ମାଣ ନିମନ୍ତେ ଆଗେଇ ଆସିଥିଲେ । ଏଥିରେ ଗୋଟିଏ ଲାଭ ଥିଲା ନିଜ ଚ୍ୟାନେଲମାନଙ୍କର ବହୁଳ ପ୍ରଚାର କରାଯାଉଥିଲା ।

ଜି. ସାର୍ଥକ ପ୍ରସ୍ତୁତ 'ବଜରଙ୍ଗୀ' ସହ ମୁଁ ସଂପୃକ୍ତ ଥିଲି । ମୁନ୍‌ଟିଭି ଏହାର କାର୍ଯ୍ୟକାରୀ ପ୍ରଯୋଜକ ଥିଲେ । ତେବେ ପରେ ପରେ ଚ୍ୟାନେଲ ଗୁଡ଼ିକ ସ୍ୱଳ୍ପ ବଜେଟ୍‌ରେ ନିଜ ଚ୍ୟାନେଲ ନିମନ୍ତେ ଉତ୍କୃଷ୍ଟମାନର ଚଳଚ୍ଚିତ୍ର ପ୍ରସ୍ତୁତ ଆରମ୍ଭ କରିଦେଲେ । ଏହାକୁ ଟେଲିଫିଲ୍ମ ବା ସାଟେଲାଇଟ୍ ମୁଭିର ଆଖ୍ୟା ଦିଆଗଲା । ଯଦିଓ ଏପରି ନାମକରଣର କୌଣସି ମାନେ ନାହିଁ । ଚଳଚ୍ଚିତ୍ରର ମୁକ୍ତିଲାଭ ଓ.ଟି.ଟି ପ୍ଲାଟଫର୍ମରେ ହେଉଛି । ସମୟ ବଦଳିବା ସଙ୍ଗେ ସଙ୍ଗେ ଦର୍ଶକୀୟ ରୁଚି ଓ ମନୋରଂଜନର ତରିକା ବଦଳି ଯାଇଛି ।

ତେବେ ଛୋଟ ପରଦା ନିମନ୍ତେ ଚଳଚ୍ଚିତ୍ର ପ୍ରସ୍ତୁତ ସମୟରେ ବିଶେଷ ସତର୍କତା ଅବଲମ୍ବନ କରାଯାଏ । ବିଶେଷ କରି କାହାଣୀ ନିର୍ବାଚନ ସମୟରେ ଟି.ଭି ପ୍ରେମୀ ଦର୍ଶକମାନଙ୍କର ରୁଚିକୁ ଲକ୍ଷ୍ୟକରି କାହାଣୀ ପ୍ରସ୍ତୁତ କରିବା ଆବଶ୍ୟକ । ଏମିତି ତ ଚ୍ୟାନେଲମାନଙ୍କରେ ଅସଂଖ୍ୟ ଧାରାବାହିକର ପ୍ରସାରଣ ଦର୍ଶକମାନଙ୍କୁ ଏକରକମ୍ ଆଡିକ୍‌ସନ୍ ଭିତରକୁ ନେଇଯାଇଥାଏ ।

୨୦୧୯ ମସିହାରେ ଜି. ସାର୍ଥକ ଚ୍ୟାନେଲ ନିମନ୍ତେ ମୁଁ ତିନୋଟି ସାଟେଲାଇଟ୍ ମୁଭି ସହ ସଂପୃକ୍ତ ହୋଇଥିଲି । ୧୯ ମସିହା ଫେବୃଆରୀ ୨୪ ତାରିଖରେ ମୁକ୍ତିଲାଭ କରିଥିଲା ରଙ୍ଗିଲା ବୋହୂ । ମାର୍ଚ୍ଚ ୩୧ ତାରିଖରେ 'ଝିଅଟା ଅଲଗା ପ୍ରକାରର' ଏବଂ ଜୁଲାଇ ୨୧ ତାରିଖରେ ପ୍ରସାରିତ ହୋଇଥିଲା 'କାଳିଆ କରୁଛି ଲୀଳା' । 'ରଙ୍ଗିଲା ବୋହୂ' ଓ 'ଝିଅଟା ଅଲଗା ପ୍ରକାର'ର ନିର୍ଦ୍ଦେଶକ ଅଭିନେତା ଶ୍ରୀତମ ଦାସ ଥିବାବେଳେ 'କାଳିଆ କରୁଛି ଲୀଳା'ର ନିର୍ଦ୍ଦେଶନା ଦେଇଥିଲେ ଅଶ୍ୱିନୀ ଗଡ଼ନାୟକ । ତିନିଟି ଯାକ ଚଳଚ୍ଚିତ୍ର ବେଶ୍ ଲୋକପ୍ରିୟ ହୋଇ ପାରିଥିଲା । ୨୦୧୯ ମସିହାର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରର ଟେଲି ପର୍ଯ୍ୟାୟରେ ଏ ଚଳଚ୍ଚିତ୍ର ଗୁଡ଼ିକ ଅଧିକାଂଶ ପୁରସ୍କାର ଲାଭ କରିପାରିଥିଲା ।

ତିନୋଟି ଯାକ ଚଳଚ୍ଚିତ୍ରର କାହାଣୀ ଥିଲା ନିମ୍ନ ମଧ୍ୟବିତ୍ତ ପରିବାରର ସମସ୍ୟାକୁ ନେଇ । କାହାଣୀ ଗୁଡ଼ିକର ପ୍ରେରଣା ଥିଲା ଅଶୀ ଦଶକର କିଛି ଲୋକପ୍ରିୟ ହିନ୍ଦୀ ଚଳଚ୍ଚିତ୍ରର ପୃଷ୍ଠଭୂମି । ସାଂପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆନୁସଙ୍ଗିକ କାହାଣୀ ବିନ୍ୟାସ ମାଧ୍ୟମରେ ଚଳଚ୍ଚିତ୍ରଗୁଡ଼ିକୁ ଉପସ୍ଥାପନା କରିବାର ପ୍ରଚେଷ୍ଟା କରାଯାଇଥିଲା ଓ ଏଥିରେ ଆମେ ସଫଳ ହୋଇଥିଲୁ । 'ରଙ୍ଗିଲା ବୋହୂ' ଓ 'କାଳିଆ କରୁଛି ଲୀଳା'ର କାର୍ଯ୍ୟକାରୀ ପ୍ରଯୋଜକ ଦେବାଶିଷ ପାତ୍ର (ଅଭିନେତା ଥିଲେ) କାହାଣୀ, ଚିତ୍ରନାଟ୍ୟ, ସଂଗୀତ ସବୁଥିରେ ତାଙ୍କର ଇନ୍‌ଭଲ୍‌ଭମେଣ୍ଟ୍ ବିଶେଷ କରି ଅଭିନୟ କ୍ଷେତ୍ରରେ ଦେବାଶିଷ ଚଳଚ୍ଚିତ୍ର ଦୁଇଟିର ସଫଳତା ପାଇଁ ଅନେକାଂଶରେ ଦାୟୀ । ଜଣେ ସଫଳ ଅଭିନେତାରୁ ନିର୍ଦ୍ଦେଶ ପାଲଟିଥିବା ଶ୍ରୀତମ ଦାସ ଓ ଅଭିଜ୍ଞ ଟେକ୍ନିସିଆନ୍ ଅଶ୍ୱିନୀ ଖୁବ୍ ଯତ୍ନର ସହ କାର୍ଯ୍ୟ ସଂପାଦନ କରିଥିଲେ । ଚଳଚ୍ଚିତ୍ର ଗୁଡ଼ିକର ସଂଗୀତ ଦିଗଟି ମଧ ବେଶ୍ ସଫଳ ଥିଲା ।

୨୦୧୯ ପରବର୍ତ୍ତୀ ଓଡ଼ିଆ ଚଳଚ୍ଚିତ୍ରର ଧାରା ଥିଲା ଘଟଣାମୟ । କରୋନାର କରାଳଗ୍ରାସ ସାଧାରଣ ଜନଜୀବନକୁ ଯେଉଁଭଳି ବିପର୍ଯ୍ୟସ୍ତ କରିଦେଲା ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପକୁ ମଧ ଏକପ୍ରକାର ଧ୍ୱଂସ କରିଦେଲା । ହଲ୍‌କୁ ଯିବାର ମାନସିକତା ଆଉ ରହିଲା ନାହିଁ । ସ୍ୱଳ୍ପ ବଜେଟ୍‌ରେ ଚଳଚ୍ଚିତ୍ର ନିର୍ମାଣର ଧାରା ବଢ଼ି ଚାଲିଲା ଯାହାକି ଚଳଚ୍ଚିତ୍ରର ମାନକୁ ଅନେକାଂଶରେ ହ୍ରାସ କରିଚାଲିଲା । ଏ ସବୁ ଭିତରେ ମୋର କିଛି ବଂଧୁ, ପ୍ରଶଂସକ ୨୦୨୦ ମାର୍ଚ୍ଚ ୧୪ ତାରିଖରେ ଭୁବନେଶ୍ୱର ସ୍ଥିତ ଜୟଦେବଭବନରେ 'ରଜନୀରଞ୍ଜନ@୬୦'ର ଆୟୋଜନ କରିଥିଲେ । ସଂଯୋଗବଶତଃ ମୋର ବୟସ ଥିଲା ଷାଠିଏ, ଚଳଚ୍ଚିତ୍ରର ସଂଖ୍ୟା ଥିଲା ଷାଠିଏ ଏବଂ ରାଜ୍ୟସ୍ତରୀୟ ପୁରସ୍କାର ଓ ସମ୍ବର୍ଦ୍ଧନାର ସଂଖ୍ୟା ଥିଲା ଷାଠିଏ । ଏହି ଉତ୍ସବରେ ମୋ ସହିତ ସଂପୃକ୍ତ ଥିବା ଷାଠିଏ ଜଣ କଳାକାର, ନିର୍ଦ୍ଦେଶକ, ଟେକ୍ନିସିଆନ୍, ଶୁଭେଚ୍ଛୁମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏଇ ଉତ୍ସବଟି ଥିଲା ମୋ ୩୦ବର୍ଷ ଓଲିଉଡ୍ ଯାତ୍ରାର ଏକ ଟର୍ଣ୍ଣିଂ ପଏଣ୍ଟ । ଚଳଚ୍ଚିତ୍ରର ସଂଖ୍ୟା, ସଫଳତା, ବିଫଳତାକୁ ନେଇ ମୁଁ ଉତ୍ସାହିତ, ବ୍ୟସ୍ତ କି ବିବ୍ରତ ନୁହେଁ । ମୁଁ କେବଳ ଆଗକୁ ଚାଲିଛି, ମୋ ଗୀତ ମୋର ଜୀବନ ଦର୍ଶନ, ମୋ ପ୍ରେରଣା 'ଜୀଇଁବାର ମାନେ ଯଦି ଜୀବନ ହୁଏ ଜୀଇଁବା ପାଇଁ ମୁଁ ବାଟ ଚାଲୁଥିବି, ଜୀବନର ମାନେ ଯଦି ଗୀତ ହୁଏ, ଜୀଇଁବା ପାଇଁ ମୁଁ ଗୀତ ଗାଉଥିବି, ଜୀବନଟା ବିନ୍‌ଦାସ ଖୋଲାବହି, ପ୍ରଶ୍ନ ନାହିଁକି ଉତ୍ତର ନାହିଁ, ଜୀବନର ମାନେ ଯଦି ଖୁସି ହୁଏ ଜୀଇଁବା ପାଇଁ ମୁଁ ଖୁସି ବାଣ୍ଟୁଥିବି । (ସମାପ୍ତ)

---



## ବିଦ୍ୟୁତଲତା ଦାସ

### ॥ ମୁଁ ଭଲ ଅଛି ॥

ଏବେ ଏଠି ଆକାଶ ଖୁବ୍ ପରିଷ୍କାର
ବତାସର ଯା'ଆସ ଲାଗିଛି ।
ବିଜୁଳିର ଲୁଚକାଳି ଖେଳ
ପାଣି ଟୋପାଏ ପାଇଁ
ପାଟିତୁଣ୍ଡ, ହାତାହାତି
ଯଦିଓ ଇନ୍ଦ୍ରରାଜା

ବରଷି ଦେଇ ଯାଉଛି ତୁହାକୁ ତୁହା
ଅନେକଥର ବଜ୍ର ବିଜୁଳି ସହିତ ।

ଭଙ୍ଗା କାନ୍ଥରେ ବାଉଁଶ ଢିରା
ତା' ତଳେ ଜନ୍ତୁଜୁନ୍ତା
କୁକୁର ଶିଅଳ ମେଳରେ
ବିତି ଯାଉଛି ସମୟ ।
ପଡିଯିବ କେତେବେଳେ ଉପରେ
ତା'ର ଠିକଣାନାହିଁ ।
ପାଖରେ ଅଣ୍ଡିରା କାଉଟିଏ ନାହିଁ
ସବୁଠି ଠୋ, ଠା, ଠି ।

ଫାଙ୍କା ହୃଦୟ
ଶୂନ୍ୟ ମାନସପଟ
ନା ଆଶା, ନା ଆଶଙ୍କା - କିଛି ବି ନାହିଁ
ଚେତନାହୀନ ଶରୀରଟି ଖାଲି
ଟିକିଏ ଆଗପଛ ଦୋହଲୁଛି ।

ଖୁବ୍ ଗୋଟିଏ ପରିପୂର୍ଣ୍ଣତା
ବୋଧହୁଏ ଶେଷ ପ୍ରହରର ।
ସ୍ନିଗ୍ଧ ଆଲୋକିତ ସ୍ୱପ୍ନଟିଏ
ଶାନ୍ତ କରିଦେଉଛି ସମଗ୍ର ଚେତନା
ଅପେକ୍ଷାରେ ସମୟ ।
ଶେଷ ସ୍ୱର୍ଶ ଶିହ୍ରୀର ଆସନ୍ନ ପ୍ରାୟ ।
ମୁଁ ଖୁବ୍ ଭଲରେ ଅଛି,
ଆଉ କ'ଣ ଲୋଡାଯେ ?

♥ ମଙ୍ଗଳପୁର, ଯାଜପୁର
(ମୋ) ୭୬୦୫୯୪୮୭୧୪

---

## ସତ୍ୟରଂଜନ ପ୍ରହରାଜ



### ॥ ମାଷ୍ଟରକ୍ୟାଣ୍ଟିନ୍ ॥

ଯିଏ ଯୁଆଡେ ଧାଉଁଥିଲେ
ସମୟଠୁ ଖୁବ୍ ଅଧିକ ବେଗରେ
ଆହତ ଘୋଡା ଅବା
ଭଣଭଣ ମାଛି ପରି ଆଖି ପିଛୁଳାକେ
କାହା ହାତରେ ସ୍ୱପ୍ନର ପାଖୁଡା
କାହା ଝୁଲାରେ ଗ୍ଲାନି ଓ ଗରିମା
କାହା ଆଖିରେ ବତାସର ବାଆ
କାହା କ୍ଷତର ରଂଗ ବଦଳାଉଥିଲା
ଧୂଳି, ଦୁର୍ଭାଗ୍ୟ ଓ ଧୂଆଁର କଣିକା ?

ଚାଲିଥିଲା ଶାନ୍ତିପୂର୍ଣ୍ଣ ଅନଶନ
ଦଳେ ସରକାରୀ ଚାକିରିଆଙ୍କ ମୁହଁ ପରି
ଦିଶୁଥିଲା ସେମାନଂକ ଭବିଷ୍ୟତ
ରାସ୍ତା ଆରପଟେ ବିଫଳ ଆତ୍ମହୁତି ଉଦ୍ୟମ
ସାରା ରାସ୍ତା ଜାମ୍
କୋଳାହଳ, କନ୍ଦଳ, ହିଂସା ପ୍ରଦର୍ଶନ
ଲାଠିମାଡ ଓ ଲୁହବୁହା ଗ୍ୟାସରେ
ଜନତା ଓ ସରକାର ଉଭୟ ଆହତ ॥

କେବେ କେମିତି ସେ ଛକରେ
ଗଢିଉଠେ ବନ୍ଧୁତା ଓ ପ୍ରେମ
ନିଖୋଜ ହୁଅନ୍ତି ରେଲଷ୍ଟସନରୁ
ପ୍ରେମୀଯୁଗଳ, ଅପରାଧୀ ଓ ହତାଶ ମଣିଷ
ଘରବାହୁଡନ୍ତି ବାଟବଣା ପକ୍ଷୀ
ସହରର ଧମନୀ ପରି
ଥାଏ ମାଷ୍ଟରକ୍ୟାଣ୍ଟିନ୍
ଲାଗେ କେଉଁ କାଳୁ ଚିହ୍ନା ଚିହ୍ନା
ଜଣେ ସହଯାତ୍ରୀ ମୁହଁ !!

ତା' ଗୋଲେଇଛକରୁ ସମସ୍ତେ
ବାଛିନିଅନ୍ତି ନିଜ ନିଜ ଦିଗ
ଦିନ ପରେ ରାତି ପୁଣି ଦିନ ଆସେ
ମାଷ୍ଟରକ୍ୟାଣ୍ଟିନ୍ ତ ଅନିଦ୍ରା ଚିରକାଳ
ଭୃତ୍ୟ ପରି ଜଗିଥାଏ ସହରକୁ
ଭୋଗୁଥାଏ ସମୟ ସମାଜ ପ୍ରକୃତିର
ପ୍ରେମ ପ୍ରାର୍ଥନା ଓ ତାଣ୍ଡବ ?

♥ ଲେନ ନଂ୬, ଏରୋଡ୍ରୋମ୍ ଏରିଆ
ଭୁବନେଶ୍ୱର-୭୫୧୦୨୦
(ମୋ) ୯୬୮୪୧୩୫୩୪

---

ଆମ ସମୟର କବିତା.....

## ପୂର୍ଣ୍ଣଚନ୍ଦ୍ର ମହାରଣା



### ॥ ସହର ॥

ଅଶିଣ ଏଇ ନଗଦ ନଗଦ ଯାଇଚି,
ଅଧା ଚଉଠ ଜହ୍ନ
ହିଡ ତାଳୁ ଉପରେ
ଟଙ୍ଗର ଟଙ୍ଗର
ସଂଜ ଗଡିଗଲାଣି
ରାତି ଆଖିରେ କଳା ନାଉଚି !!

ହିଡକଡରୁ ଦରାଣ୍ଡି ମାଣ୍ଡିଆକଙ୍କଡା
ଆଣିଛନ୍ତି ବାପା
ଗଣ୍ଡେ ଦି'ଗଣ୍ଡା
ଆଜି ରାତିକି କଙ୍କଡାଝୋଳ
ଚାଉଁ ପଖାଳ !!

ଆମର ତ ଚୁଲି ଜାଳକୁ
ମାଟିହାଣ୍ଡି, ଶଢେଇ ଡଙ୍କା
ବାଉଁଶବତା ଚଟୁ !!
ଲୁଣକାଠୁଆରେ ଢେଗାଲୁଣ,
ଝୋବାରେ ଘଣାପେଡା
ଷୋରିସତେଲ,
ହଳଦି କାଠୁଆରେ ହଳଦି ଶିଳବଟା !!

ଚକିରେ ମୁଗ ରଗଡା,
ଆଟିକାରେ ଚାଉଳଉଗୁଚା, ମୁଢିଭଜା
ପଥୁଲିରେ ଆମ୍ବୁଲ ଚକଟା
ଡୋଲିରେ ବିରି, ମୁଗ, ଓଳିଆରେ କୋଳଥ,
ଘୁମରେ ଚାଉଳ
କୋଠିରେ ଧାନ !!

ବେଳେବେଳେ ବୋଉ ଆମର
ଚୁନା ମାଛ କଖାରୁ ପତରରେ ବାନ୍ଧି
ରଡ ଚୁଲିରେ ପୋଡେ,
ରସୁଣ, ଲଙ୍କା ପକେଇ
ବାଲି ଶୁଖୁଆ ଛେଚେ ପଥୁଲିରେ
ଷୋରିସ ତେଲ ଠୋପେ ଦି'ଠୋପା ଢାଳି
କି ବାସେନା
ବେଳେ ପଖାଳ ମୁଁ ତେଣ୍ଡି ଦିଏ !!

ବୋଉ ଗଲାଣି କୋଉ ଦିନଠୁ
ବାପାଙ୍କର ବଳ ରହିଲାଣି
ମୋ ଭାରିଜା ଆସିଲାଣି
ଏଇ ତିନି ବର୍ଷ ହବ !!

ସବୁଦିନ ରାତିରେ
ମୋ କାନରେ ଫୁସୁଫସୁ ହେଇ କହେ
ଯାଇଁଲ, ଆମ ଗାଁ ପଞ୍ଚେଇ ନା
ତା' ଗେରସ୍ତକୁ ନେଇ ସହରରେ ରହୁଚି,
ଯଦି ଆମର ପିଲାଛୁଆ ହୁଏ
ସିଏ କଣ ଏ ଗାଁରେ ମଣିଷ ହବ !!

କହିବି କହିବି ହୁଏ ହେଲେ
କହି ପାରେନି,
ମୋ ବାପା କଣ ମତେ
ସହରରେ ଜନ୍ମ କରିଥିଲେ
ନା ତୋ ବୋଉ ତତେ ସହରରେ;
ଭାବେ କହି ଦେବିକି
ହେଲେ ସେତେବେଳକୁ ମତେ ଆସକତ
ସିଏ ମୋ ଅଣ୍ଟାକୁ
କେଞ୍ଚିଲା ବେଳକୁ
ସବୁ ସାରିଦିଏ
ଗମଗମ ନିଦ !!

♥ ବାଳକାଟୀ, ଖୋର୍ଦ୍ଧା-୭୫୨୧୦୦
(ମୋ) ୯୯୩୭୭୭୭୬୫୨

---

## ବୀଣାପାଣି ଦେବତା



### ॥ କବିତାଞ୍ଜ ॥

କବିତାକୁ ଛାଡିଦେଲି
କଞ୍ଚା, ଅଗଢା ।

ଖରାର ତେଜ, ପାଣିର ସହଜ
ପବନର ଚୁମ୍ବନ ପାଇ ବଢୁ ।

ଭିତର ଗତିରେ
ବିଳମ୍ବିତ ଗୀତରେ
ସେ ଯାଉ ।

ଗାଉଁଲୀ କୋଣର ନିରାପତ୍ତା
ମହାନଗରୀର ଫୁଟ୍‌ପାଥ୍
ସେ ଚିହ୍ନୁ ।

ପ୍ରେମର ପାଠ ଅଗଣନ
ନଦୀର ସମୁଦ୍ର ସ୍ନାନ
ସେ ଶିଖୁ ।

ଯଦି ବଢୁ, ଗଛପରି
ଯଦି ଛିଡୁ, ଫଳ ପରି ।

ଫେରିବାର ମନ ହେଲେ
ଫେରୁ ମୋ ପାଖକୁ
କବିତା ମୋର ପ୍ରେମିକ
କବିତା ମୋର ବାଳକ ।

♥ ୧, ସତ୍ୟ ଡକ୍ଟର ରୋଡ
କୋଲକାତା-୨୩

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୩୦ ଅକ୍ଟୋବର, ୨୦୨୨



## ପ୍ରେମରେ ପ୍ରେମରେ ଗୀତି ....(୭୯)



### ॥ ଅଭିନବ ନିରବତା ॥

ସେଦିନ ସଞ୍ଜରେ ସଖୀ! ମୁଁ ଖଞ୍ଜରେ
ଚୁମାଟିଏ ଦେଇଥିଲି,
ଚୁମା ନୁହେଁ ସିଏ ପ୍ରୀତିର ପରାଗ
ତୁମ ଦେହେ ବୋଳିଦେଲି।

ମଉଳିଲ ତୁମେ ବାସିଫୁଲ ପରି
ବାଉଳି କହିଲ କଥା,
ନଥିଲା ତୁମର ପ୍ରେମର ସରାଗ
ଅଭିନବ ନିରବତା,
ସତେ କି ବା ଆମ ପ୍ରେମର ସରାଗ
ବଡ଼ ଭୁଲ୍ କରିଦେଲି ।

ସେଦିନର ସେଇ ଛୋଟ ଭୁଲ ପାଇଁ
କରୁଛି ମୁଁ ଅନୁତାପ,
ପୁଣ୍ୟ ପ୍ରେମର ଦେହ ଦେହଳୀରେ
ଅନ୍ୟନାମ ଅଟେ ପାପ,
ନିଛାଟିଆ ତୋର ମନତଳୁ ସଖୀ!
ସପନ ଫେରେଇ ନେଲି ।

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧




## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୨୫)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...

■ ହେମେନ୍ଦ୍ର ମହାପାତ୍ର

ସଂପାଦକ: ରଂଗମଞ୍ଚ, ସୁନହଟ
ବାଲେଶ୍ୱର-୨
(ମୋ) ୯୮୬୧୩୫୦୯୫୧

### ॥ ଯୁଗ ଚରିତ ବୃତ୍ତାନ୍ତର ବାର୍ତ୍ତା, ରସ, ଶୈଳୀ, ମଂଚ ଓ ସଂଗୀତ ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)

**ବାର୍ତ୍ତା:** ଯୁଗ ଚରିତ ବୃତ୍ତାନ୍ତ କେବଳ ସତ୍ୟ ଓ ଚିରନ୍ତନ ମୂଲ୍ୟବୋଧର ପୁନଃ ପ୍ରତିଷ୍ଠା ନିମନ୍ତେ ଅଂଗୀକାରବଦ୍ଧ । ପରିବର୍ତ୍ତନ ବା ବଦଳିଯିବା ହେଉଛି ସମୟ ଚରିତ୍ର । ସମୟ ଆଗକୁ ଯାଏ ବୃତ୍ତାକାର ପଥରେ ସରଳ ରୈଖିକ ପଥରେ ସମୟ ଯାଇପାରେ ନାହିଁ । ତେଣୁ ଯୁଗ ଯୁଗାନ୍ତର ସ୍ଥିତିରେ ସମୟ ଆକଳନ କରାଯାଏ । ସମୟ ପରିମାପକ ଯନ୍ତ୍ରରେ ବାରଟା ପରେ ଗୋଟାଏ ବାଜିଲା ପରି ସତ୍ୟ, ତ୍ରେତୟା, ଦ୍ୱାପର, କଳିପରେ ପୁଣି ସତ୍ୟର ଆଗମନ ହୋଇଥାଏ । ତେଣୁ ଏ ନାଟକରେ ଚାରିଯୁଗର ଚରିତ୍ରକୁ ବଖାଣିବାକୁ ଯାଇ ବଦଳି ଯାଉଥିବା ସମୟକୁ ବଦଳାଇ ଦେଇ ଏକ ନୂତନ ସୂର୍ଯ୍ୟୋଦୟର ସ୍ୱପ୍ନ ନୁହେଁ ବରଂ ବାସ୍ତବତାର ବାର୍ତ୍ତା ସର୍ବସ୍ୱରେ ଏ ନାଟକଟି ପରିପୃଷ୍ଟ ।

**ରସ:** ଏ ନାଟକଟି ଯଦିଓ ହାସ୍ୟ ବ୍ୟଙ୍ଗ ରସ ଉପରେ ମୁଖ୍ୟତଃ ନିର୍ଭରଶୀଳ ତଥାପି ବୀର ଶୃଙ୍ଗାର, କାରୁଣ୍ୟ ଭୟାନକ ଆଦି ମିଶ୍ରିତ ରସର ଉପସ୍ଥିତି ସର୍ବତ୍ର ଅନୁଭୂତ । ଏହା ଏକ ମିଶ୍ରିତ ରସର ନାଟକ ।

**ଶୈଳୀ:** ଯେହେତୁ ବିଷୟବସ୍ତୁଟି ପୌରାଣିକ ଭିତ୍ତି ଉପରେ ଆଧାରିତ ହୋଇ ସାଂପ୍ରତିକ ସମୟକୁ ଅତିକ୍ରମ କରି ଆଗାମୀ ଯୁଗ ପାଇଁ ଉଦ୍ଦିଷ୍ଟ, ତେଣୁ ଏହାର ରଚନା ଶୈଳୀର ବ୍ୟାପକତା ଆବଶ୍ୟକ କରେ । ଗୀତିନାଟ୍ୟ ଶୈଳୀରୁ ଆରମ୍ଭ ହୋଇ ଲୋକନାଟ୍ୟ ପାରମ୍ପରିକ ରୀତି ପରି ଆଧୁନିକ ତଥା ଅତ୍ୟାଧୁନିକ ଶୈଳୀ ମାଧମରେ ନାଟକର ପରିକଳ୍ପନା କରାଯାଇଛି । ଯେହେତୁ ଏକ ନିର୍ଦ୍ଦିଷ୍ଟ ଦ୍ୱନ୍ଦ୍ୱରୁ ନାଟକର ଆରମ୍ଭ ତେଣୁ ସେହିପରି ଏକ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିରେ ଏହାର ଯବନୀକା ଯତନ କରାଯାଇଛି । ନାଟକଟିର ବିଷୟବସ୍ତୁ ତଥା ସମାପ୍ତି ଘୋଷଣା ନିମନ୍ତେ ଏକ ସ୍ଥିର ସିଦ୍ଧାନ୍ତରେ ଉପନୀତ ହେବାକୁ ପଡ଼ିଛି । ଏହାର ଚରିତ୍ରମାନେ ପୁରାତନ ଏବଂ ସାଂପ୍ରତିକ ସମୟର ଚରିତ୍ର ସମୂହର ପ୍ରତୀକାତ୍ମକ ତଥା ଫେଣ୍ଟାଫେଣ୍ଟି ରୂପ ବିଭବର ସଂଜ୍ଞା ବହନ କରନ୍ତି । ସମୟପୋଯୋଗୀ ତଥା ପାତ୍ରୋପଯୋଗୀ ସଂଳାପ ଭାଷା ଭାବ ଓ ସ୍ୱର ଦେଇ ନାଟକଟିକୁ ଗତିଶୀଳ କରିବା କାଳରେ ବାରମ୍ବାର ପରିବର୍ତ୍ତନଶୀଳ ଶୈଳୀ ଉପରେ ପ୍ରାଧାନ୍ୟ ଦେବାକୁ ପଡ଼ିଛି । ସେହି ଅନୁକ୍ରମରେ ହୋଇ ମଂଚନ ଶୈଳୀ ମଧ ପ୍ରାଚ୍ୟ ପାଷ୍ଚାତ୍ୟ ନାଟ୍ୟ ଧାରା ତଥା ପୁରାତନୀ ଓ ଅତ୍ୟାଧୁନିକ ବିବର୍ତ୍ତନ ପ୍ରତି ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ଯଥେଷ୍ଟ ଆବଶ୍ୟକ । ଏହାର ଶୈଳୀ ସଂପୂର୍ଣ୍ଣ ଭିନ୍ନ ।

**ନାଟକର କାଳ:** ଯୁଗଚରିତ ବୃତ୍ତାନ୍ତ ଯୁଗ ଅର୍ଥାତ କାଳ ସମ୍ବନ୍ଧୀୟ ଏକ ବିଶେଷ ଦସ୍ତାବିଜ୍ । ଯଦିଓ ଦ୍ୱାପର କଳିର ସଂଧିକ୍ଷଣରୁ ଆରମ୍ଭ ହୋଇଛି କିନ୍ତୁ ଶେଷ ହୋଇଛି ଆଗାମୀ ବହୁ ଯୁଗ ପର୍ଯ୍ୟନ୍ତ । ଅର୍ଥାତ୍ କୌଣସି ଏକ ସତ୍ୟ ଯୁଗର ଆଦ୍ୟ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଏହା ବିସ୍ତାରିତ । ଏହା ଏକ ସର୍ବକାଳୀନ ନାଟକ । ଏଥିରେ କାଳର ସୀମାରେଖା ନିର୍ଦ୍ଧାରିତ ନୁହେଁ ।

**ମଂଚ:** ଏହା ନିଶ୍ଚିତ ଭାବରେ ଏକ ମୁଖୀ ମଂଚ ନିମନ୍ତେ ଲିଖିତ, ଏଯାବତ୍ ମଧ କେବଳ ଏକମୁଖୀ ମଂଚରେ ଏହା ବହୁବାର ବହୁତ ଅନୁଷ୍ଠାନ ଦ୍ୱାରା ଏପରିକି ସ୍କୁଲ କଲେଜ ପିଲାମାନଙ୍କ ଦ୍ୱାରା ଅଭିନୀତ ହୋଇ ବେଶ୍ ସଫଳତା ଲାଭ କରିସାରିଛି । ମାତ୍ର ଯଦି ଏହା ଅତ୍ୟାଧୁନିକ ଅପେରା ମଂଚରେ ପରିବେଷଣ କରାଯାଏ କୌଣସି ଅସୁବିଧା ହେବନାହିଁ । କେବଳ ନିର୍ଦ୍ଦେଶକଙ୍କୁ ଟିକିଏ ସତର୍କତା ତଥା ଭିନ୍ନ ନାଟ୍ୟ-କୌଶଳ ପ୍ରୟୋଗ କରିବାକୁ ପଡ଼ିପାରେ । ଚତୁର୍ମୁଖୀ ମଂଚରେ ବରଂ ଏହାର ରସ ଆସ୍ୱାଦନ କରିବାରେ ଅଧିକତର ସ୍ପଷ୍ଟତା ଲପଲବ୍ଧି କରି ହେବ ବୋଲି ମୋର କେବଳ କଳା ପରଦାରେ ସଂକେତିକ ଭାବରେ ମଂଚନ କଲେ କୌଣସି ଅସୁବିଧା ବା ଅଭିଯୋଗ ହେବାର ନାହିଁ ।

**ସଂଗୀତ:** ଏହା ଏକ ଗୀତିନାଟ୍ୟ ତଥା ଗୀତିଧର୍ମୀ ନାଟକ ହୋଇଥିବାରୁ ଏହାକୁ ଏକ ସଂଗୀତ ପ୍ରଧାନ ନାଟକର ମାନ୍ୟତା ଦିଆଯାଇପାରେ ତେଣୁ ଗୀତ ସଂଗୀତର ଗୁରୁତ୍ୱ ରହିବା ସ୍ୱାଭାବିକ । ସୂତ୍ରଧର ଚରିତ୍ର ଯୁଗଳ କେବଳ ଗୀତ ମାଧମରେ ଉପସ୍ଥାପନା କରୁଥିବାରୁ ଗୀତର ସ୍ୱର ମଧରେ ଭିନ୍ନତା ଭିତରେ ଅଭିନ୍ନତା ପ୍ରଦର୍ଶନ କେବଳ ମାଧମରେ ସମ୍ଭବ ହୋଇଥାଏ, ସେହି ଦୃଷ୍ଟିରୁ ଏହାର ସଂଗୀତ ନିର୍ଦ୍ଦେଶକଙ୍କ ଭୂମିକା ବିଶେଷ ।

**ନୃତ୍ୟ:** ଗୀତ ସହିତ ନୃତ୍ୟର ସଂପର୍କ ଆଦ୍ୟରୁ ନିର୍ଣ୍ଣିତ, ତେଣୁ ଗୀତ ଯେତେବେଳେ ଏ ନାଟକର ପ୍ରମୁଖ ଭୂଷଣ ନୃତ୍ୟର ଭୂମିକା ମଧ ତଦନୁରୂପ ଗୁରୁତ୍ୱପୂର୍ଣ୍ଣ । ବିଶେଷକରି କୃଷକ ଓ କୃଷକ ପତ୍ନୀର ପ୍ରତୀକାତ୍ମକ ଦୃଶ୍ୟରେ ନୃତ୍ୟର ଏକ ଅନ୍ତରଂଗ ଭୂମିକା ବିଦ୍ୟମାନ ସେହିପରି ନକୁଳ ଓ ଭୀମ। କୃଷକ ଓ ବ୍ରାହ୍ମଣଙ୍କ ହାସୋଦ୍ଦୀପକ ନୃତ୍ୟ ଏହାର ଅପରିହାର୍ଯ୍ୟ ଆବଶ୍ୟକତା । ତା ଛଡ଼ା ରାଜା ଓ ନାରୀ ଦୃଶ୍ୟରେ ନୃତ୍ୟର ମୁଦ୍ରା ନୃତ୍ୟର ଆଂଗିକ ପ୍ରଦର୍ଶନ ମଧ ନିହାତି ଆବଶ୍ୟକ । ଏହି ଦୃଷ୍ଟିରୁ ବିଚାର କଲେ, ଏ ନାଟକଟି ନୃତ୍ୟ ଗୀତ ଭରା ଏକ ସର୍ବରସ ରଂଗଯୁକ୍ତ ନାଟକ । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ

ଭାଗ-୧୧

ପୁଷ୍ପାଞ୍ଜଳି ନାୟକ

♥ ଜେଲ୍ ରୋଡ, ବାଲେଶ୍ୱର
ମୋ:୯୨୩୭୯୫୯୯୭୩



ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ ହୋଇଗଲା । ମା ପାଖରେ ପୁଅ ହାର ମାନିବା ଭଳି ମାଟି ପାଖରେ ଘାଟୀ ହାର ମାନିଲା । ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସଂପୂର୍ଣ୍ଣ ବିବରଣୀ ନୁହେଁକିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହେଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି ।

-ଲେଖିକା

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଘାଟୀ ବିରୁଦ୍ଧରେ ସେ ପ୍ରଥମରୁ ଲଢ଼ିଆସୁଛନ୍ତି । ତେବେ ତାଙ୍କର ଟିକିଏ ଅସୁବିଧା ଅଛି । ସେ ସରକାରୀ କର୍ମଚାରୀ । ହେଲେ ସେ ପଣ କରିଛନ୍ତି, ଚାକିରି ତ ତୁଚ୍ଛ କଥା, ଭିଟାମାଟି ରକ୍ଷା କରିବା ପାଇଁ ଜୀବନ ମଧ ପଣ ଲଗାଇ ଦେବେ ।

ଦିବାକର ଜେନା ପାନ ତିଆରି କରୁଥିଲା । ଖଣ୍ଡେ ଅଖଇରିଆକଡ଼ା ପାନ ଅନାଦି ସାହୁଙ୍କ ହାତକୁ ବଢ଼ାଇଦେଇ କହିଉଠିଲା, ମତେ କିନ୍ତୁ ଗଣେଶ ମାରୁଆଡ଼ି ହାବଭାବ କେମିତି ଲାଗୁଛି । ଆଜିକାଲି କିଛି ନା କିଛି ବାହାନା ଦେଖାଇ ସେ ଆମ ସଭାରେ ଯୋଗ ଦିଏନାହିଁ । ମତେ ଲାଗୁଛି, ସେ ଆରପଟକୁ ଚାଲିଯିବ ।

ଅବଦୁଲ ମିଆଁ, ଯାର ବାଲିଆପାଳ ବଜାରରେ ଦର୍ଜୀଦୋକାନଟିଏ ଅଛି, ଯିଏ ଏଯାକେ ଚୁପଚାପ୍ ଖବରକାଗଜ ପଢୁଥିଲା, କହିଉଠିଲା ଚାଲିଯିବ କଅଣ, ଚାଲିଗଲାଣି ଜାଣ । ଏଇ ନିଅ, ଆଜି କାଗଜରେ ତା ଚିଠି ପଢ଼ । ଘାଟୀ ହେଲେ କୁଆଡ଼େ ବାଲିଆପାଳର ଖୁବ୍ ଉନ୍ନତି ହେବ । ଆମେ କୁଆଡ଼େ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ, ଘାଟୀ ବାହାନାରେ ଲୋକଙ୍କୁ ଅଯଥା ଭୟ ଦେଖାଇ, ଉତ୍ତେଜିତ କରାଇ ଶାସନକଳକୁ ହୁଗୁଳା କରିଦେବାକୁ ଚେଷ୍ଟା କରୁଛୁ । ସେ ନଟବର ପ୍ରଧାନଙ୍କ ହାତକୁ କାଗଜଟିଏ ବଢ଼ାଇଦେଲା ।

ଅନାଦି ସାହୁ ପକେଟରୁ ଚଷମାଟି କାଢ଼ି ପିନ୍ଧୁପିନ୍ଧୁ କହିଉଠିଲେ, 'ଦେଖେ' ?

ନଟବର ପ୍ରଧାନ ତାଙ୍କ ହାତକୁ କାଗଜଟି ବଢ଼ାଇଦେଇ ନିରୁତ୍ତେଜକ କଣ୍ଠରେ କହିଲେ, ମୁଁ ଜାଣିଥିଲି, ସେ ଏମିତି କରିବ । ସେ ଶାସକଦଳ ସହିତ ବିରୋଧ କଲେ ଦୁଇଦୁଇଟା ମିଲ୍, କଣ୍ଟ୍ରୋଲ ଦୋକାନର ଅବସ୍ଥା କଅଣ ହେବ ? ତା'ଛଡ଼ା ଘାଟୀ ହେଲେ ସେ ଭାବିଛି, କଣ୍ଟ୍ରାକ୍ଟରୀ କରି କିଛି ପଇସା କମାଇବ । ସେତ ଜାଣେନି, ଘାଟୀ ହେଲେ, ସବୁ ବଡ଼ ବଡ଼ କଣ୍ଟ୍ରାକ୍ଟରୀସବୁ ବାହାର ଲୋକେ ପାଇବେ । ବାହାରୁ ବଡ଼ ବଡ଼ ଇଞ୍ଜିନିଅର, ଅଫିସର ଆସି ଏଠି ରହିବେ। ଆଉ ତମେ ଶଳା ଯେଉଁ ଖୋସାମତିଆକୁ ସେଇ ଖୋସାମତିଆ ହୋଇ ମାଲିସ କରୁଥିବ ।

ଅବଦୁଲ ମିଆଁ କହିଲା, ଆଲ୍ଲା ସେମାନଙ୍କୁ କ୍ଷମା କରିବେନି ନଟବର ବାବୁ! ଆମ ଭାତଥାଳି ଛଡ଼ାଇନେଲେ ସେମାନଙ୍କ ଭାତଥାଳିରେ ବି ଠିକ୍ ଧୂଳିପଡ଼ିବ ।

ବାଲିଆପାଳରେ ପ୍ରଧାନ ଦୁଇ ସମ୍ପ୍ରଦାୟ, ହିନ୍ଦୁ, ମୁସଲମାନ । କିନ୍ତୁ ଦୁଇ ସମ୍ପ୍ରଦାୟ ମଧ୍ୟରେ କୌଣସି ତିକ୍ତତା ନାହିଁ । ସୁଖରେ ଦୁଃଖରେ ସେମାନେ ଭାଇ ଭାଇ ଭଳି ଚଳନ୍ତି । ଅବଦୁଲ ମିଆଁ ଭଳି ଅନେକ ମୁସଲମାନ ଘାଟୀ ରକ୍ଷା କମିଟିର ସଭ୍ୟ ଅଛନ୍ତି ।

ଅନାଦି ସାହୁ ଏତେବେଳଯାଏ ନିବିଷ୍ଟ ଚିତ୍ତରେ ଖବରକାଗଜ ପଢୁଥିଲେ । ସେ କାଗଜଟିର ଏକ ବିଶେଷ ଜାଗାରେ ଆଙ୍ଗୁଠି ରଖି କହିଲେ, ପ୍ରଧାନମନ୍ତ୍ରୀଙ୍କ ବିବୃତି ପଢ଼ିଲଣି ? ବାଲିଆପାଳରେ କ୍ଷେପଣାସ୍ତ୍ର ଘାଟୀ ନହେଉ, ବିରୋଧୀଦଳର ଅନୁରୋଧକୁ ସେ ଦ୍ୱିତୀୟଥର ଲାଗି ପ୍ରତ୍ୟାଖାନ କରିଛନ୍ତି । ଆମେ କୁଆଡ଼େ ଏଥିରୁ ରାଜନୈତିକ ଫାଇଦା ଉଠାଉଛୁ । ଶେଷଆଡ଼କୁ ତାଙ୍କ କଣ୍ଠସ୍ୱର କେମିତି କ୍ଷୀଣ ଶୁଣାଗଲା

ଦିବାକର ଜେନା ସମସ୍ତଙ୍କୁ ପାନ ବଢ଼ାଇଦେଇ କହିଲା, ଏତେ ଲୋକଙ୍କ ଆଖିରେ ଲୁହ ଭରି ଘାଟୀ ତିଆରି କଲେ ସେ ଘାଟୀ ରହିବ ? ଏତେ ବଡ଼ ଅନ୍ୟାୟ ବିହି ସହିବ ?

କେହି ତା ପ୍ରଶ୍ନର କିଛି ଉତ୍ତର ଦେଲେ ନାହିଁ । ସମସ୍ତଙ୍କ ମୁହଁରେ ସୂର୍ଯ୍ୟାସ୍ତର ଶେଷରଙ୍ଗ ଭଳି ଏକ ମଳିନ ବିଷର୍ଣ୍ଣତାର ଆଲୋକ ପହଁରିଗଲା ।

ସେଇ ସୃଷ୍ଟିର ଆଦିମକାଳରୁ ପୃଥିବୀ ଇତିହାସରେ କେତେ କେତେ ଅନ୍ୟାୟ, ଅବିଚାର, ଦମନଲୀଳାର କାହାଣୀ ଗଢ଼ିଆସିଛି । କେବଳ ଧନ କିମ୍ବା କ୍ଷମତାଲିପସା ନୁହେଁ, ଗୋଟାଏ ଗୋଟାଏ ନିଷ୍ଠୁର ମଣିଷଙ୍କର ଗୋଟାଏ ଗୋଟାଏ ବିଚିତ୍ର ଖିଆଲ ଚରିତାର୍ଥ କରିବା ପାଇଁ କେତେ ସମର, ମହାସମର ଘଟି ଯାଇଛି । କେତେ କେତେ ରକ୍ତନଦୀ ବୋହିଯାଇଛି । କେତେ ଦୁରନ୍ତ ଯୌବନ, କେତେ ସମ୍ଭାବନାମୟ କୈଶୋର ଆଉ କେତେ ପ୍ରଜ୍ଞାଦୀପ୍ତ ବାର୍ଦ୍ଧକ୍ୟ ସେଇ ଖିଆଲର ପାତ୍ରରେ ଢାଳି ହୋଇଯାଇଛନ୍ତି । ତଥାପି ସତ୍ୟର ସେଇ ଅମଳିନ ଦୀପ୍ତି ମଳିନ ହୋଇଛି ? ବନ୍ଦୀଶାଳାର ଲୌହ କାରାଗାର ମଧ୍ୟରୁ ଅତ୍ୟାଚାର, ଲାଞ୍ଛନାର ଚରମ ଯନ୍ତ୍ରଣା ମଧ୍ୟରୁ ସତ୍ୟ ଠିକ୍ ମୁକୁଳି ଆସିଛି, ସବୁଦିନେ । ସତ୍ୟକୁ, ନ୍ୟାୟକୁ ଅବା ଧର୍ମକୁ କିଏ ବା ଚିରଦିନଲାଗି ବାନ୍ଧିରଖିପାରିଛି ?

ଆଜି ଆଉଥରେ ବାଲିଆପାଳରେ ଅସତ୍ୟର ଡିଣ୍ଡିମ ଶୁଭୁଛି । ଦେଶରକ୍ଷା ନାମରେ, ଜନସ୍ୱାର୍ଥ ନାମରେ ସେମାନେ ଚରମ ଧ୍ୱଂସଲୀଳାର ଚିତା ସଜାଇଦେଇଛନ୍ତି । ସେ ସର୍ବନାଶର ଅଗ୍ନି କେବଳ ଯେ ସେମାନଙ୍କର ବର୍ତ୍ତମାନ ଏବଂ ଭବିଷ୍ୟତକୁ ଜାଳିଦେବ, ତା ନୁହେଁ, ସେମାନଙ୍କର ଆଗାମୀ ବଂଶଧରମାନଙ୍କର ଜୀବନ ମଧ ସେଇ ବିଭୀଷିକାର ବଳୟରେ ନିଃଶେଷିତ ହୋଇଯିବ ।

ଏବେବି ଅଗ୍ନି ଲାଗି ନାହିଁ । ବାଲିଆପାଳ ଏବେବି ଷୋଡ଼ଶୀ ଗ୍ରାମବଧୂ ଭଳି ଲାବଣ୍ୟରେ ଜଳଜଳ, ସ୍ୱପ୍ନରେ ଛଳଛଳ । ବାଲିଆପାଳର ସବୁଜ ଶିରୀକୁ ସର୍ବନାଶର ସେଇ ଅଗ୍ନିଗ୍ରାସରୁ ରକ୍ଷା କରିବାର ଦାୟିତ୍ୱ ତ ସେମାନଙ୍କର । ସେମାନଙ୍କୁ ଏ ଦାୟିତ୍ୱ ପାଳନ କରିବାକୁ ହିଁ ହେବ । ସେମାନେ ଯେ ସୁବର୍ଣ୍ଣରେଖାର ସନ୍ତାନ । ମାତୃଭୂମିର ଋଣ ସେମାନଙ୍କୁ ସୁଝିବାକୁ ହିଁ ହେବ ।

ଅବଦୁଲ ମିଆଁ ନିରବତା ଭାଙ୍ଗି କହିଉଠିଲା, ବାପ ଅଜା ଅମଳର ଏ ଜାଗା ଛାଡ଼ି ଆମେ କୁଆଡ଼େ ଯିବୁ? ଏଇ ଗାଁରେ ଜନ୍ମ ହେଲୁ, ବଢ଼ିଲୁ, ଏଇ ଆମ୍ବତୋଟା, ମନ୍ଦିର ମସଜିଦ୍, ଗୋରସ୍ଥାନ ଏସବୁ ଛାଡ଼ି ଗଲାବେଳେ କଲିଜାଟା ଛିଡ଼ିଯିବ ନାହିଁ, ନଟବରବାବୁ ?

ନଟବର ପ୍ରଧାନ ଚାରିଆଡ଼କୁ ଅନାଇ କହିଲେ, ଦେଖ ଅବଦୁଲ, ଘାଟୀ ଆମେ କରାଇଦେବୁ ନାହିଁ । ହେଲେ ଆନ୍ଦୋଳନକୁ ଆଗେଇନେବା ପାଇଁ ଆମକୁ ସଂଗଠିତ ହେବାକୁ ହେବ । ସଂଘବଦ୍ଧଭାବରେ ଲଢ଼ିବାକୁ ହେବ । ବିଧିବଦ୍ଧ ଭାବରେ ଘାଟୀ ପ୍ରତିରୋଧ କମିଟି ଗଢିବାକୁ ହେବ । ଆଉ ଗୋଟିଏ କଥା, ସେମାନେ ଲୋକଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାକୁ ଚେଷ୍ଟା କରିବେ । ଯେମିତି ସେଦିନ ଖବରକାଗଜରେ ବାହାରିଛି, ଘାଟୀ ପାଇଁ ପୂର୍ବ - ନିର୍ଦ୍ଧାରିତ ଜମିଠାରୁ ଅନେକ କମ୍ ଜମି ଦରକାର । ଏସବୁ ଗୋଟାଏ କାରସାଦି । ଆଙ୍ଗୁଳି ପ୍ରବେଶ କରୁ କରୁ ସେମାନେ ବାହୁ ଗିଳିବାର ମସୁଧାରେ ଅଛନ୍ତି । ଆମର କାମ ହେଲା, ଲୋକଙ୍କୁ ଏଥିଲାଗି ସତର୍କ କରି ରଖିବା । ହେ ଜେନାପୁଅ, ଭୁଲିଗଲି, ସ୍ଲେଟଟିଏ ଆଉ କିଛି ଖଡ଼ି ଦେଇଥିବ, ଆସିବାବେଳେ ପୁଅ କହିଥିଲା । ଅନଦିବାବୁ, ଆପଣଙ୍କ ସ୍କୁଲରେ ମୋ ପୁଅ କେତେ ପାଠ ପଢୁଛି କି ପ୍ରତିଦିନ ଖଣ୍ଡିଏ କରି ସ୍ଲେଟ ଦରକାର ।

ଅନାଦି ସାହୁ କହିଲେ, ଆଜିକାଲି କଅଣ ଆଉ ଆମ ପିଲାଦିନ ଭଳି ସ୍ଲେଟ ମିଳୁଛି ନଟବରବାବୁ? ମୁଁ ତ ଖଣ୍ଡିଏ ସ୍ଲେଟରେ ଅପର ପ୍ରାଇମେରୀ ପହଞ୍ଚିଥିଲି । ଆଜିକାଲି ସବୁ ଭେଜାଲ ମାଲ୍, ପିଲାଙ୍କୁ ଦୋଷ ଦିଅନ୍ତୁନି ।

ଖରା ଟାଣ ହେଲାଣି । ଜ୍ୟେଷ୍ଠମାସ । ଆଉ ଟିକେ ଗଲେ ଝାଞ୍ଜି ପିଟିବ । ନିଆଁହୁଳା ଭଳି ଧରଣୀ ତାତିଯିବ । ସମସ୍ତେ ଉଠିଲେ ।

କେବଳ ଦିବାକର ଜେନା ଗରାଖଙ୍କୁ ଅପେକ୍ଷା କରୁ କରୁ ଖବର କାଗଜଟିକୁ ପଢ଼ିବାକୁ ଆରମ୍ଭ କଲା ।

ଛକଉପରେ ଗହଳି କମିଆସୁଛି । ସମସ୍ତେ ଘରକୁ ବାହୁଡୁଛନ୍ତି । ବରଗଛ ତଳେ ଗୋଟାଏ ଷଣ୍ଢ ପାକୁଳି କରୁଛି । ବୁଲା କୁକୁରଟିଏ ଧକଉଛି।

ଦିବାକର ଜେନାର ଏବେ ଯିବାର ନାହିଁ । ଘର ତା'ର ଅନେକଦୂର, ସୁନାପାଟଦେଇପୁର । ଦି କୋଶ ବାଟ ଏଠୁ । ସେ ଟିଫିନ କ୍ୟାରିଅରରେ ରୋଜ ଭାତ ଆଣେ । ଫେରେ ସେଇ ରାତିକୁ ।

ଟିଫିନ କ୍ୟାରିଅରରୁ ପଣସ ମହମହ ବାସୁଛି ।

ବାରିପଣସ । ଘର ପଶ୍ଚିମକୋଣରେ ତା ବୁଢ଼ୀମା ଲଗାଇ ଯାଇଥିଲା ।

ବୁଢ଼ୀମା ଆଉ ନାହିଁ, ହେଲେ ତା' ବାପଘର ବଡ଼ ମୁକୁନ୍ଦପୁରରୁ କେବେ ବେଭାରରେ ଆଣିଥିବା ପଣସ ଗଛ ଏବେବି ଫଳୁଛି ।

ଦିବାକର ଜେନା ଦୋକାନର କାଠ କବାଟ ଆଉଜାଇ ଟିଫିନ କ୍ୟାରିଅର ଖୋଲିଲା ।

॥ ଚଉଦ ॥

ବାଲେଶ୍ୱରରୁ ଫେରିବା ପରଠାରୁ ଉମାକୁ ରାତିରେ ନିଦ ନାହିଁ ।

ବଡ଼ ଆଶା କରି କଣ୍ଢେଇପୁର ଗାଁର ଅଜସ୍ର ଝିଅବୋହୂଙ୍କ ସହିତ ସେ ଯାଇଥିଲା ଘାଟୀ ବନ୍ଦ କରିବାକୁ, ସରକାରଙ୍କ ପାଖରେ ଗୁହାରି ଜଣାଇବାକୁ । କାଳୀଅନ୍ଧାରରୁ ଉଠି ଭୁଜା କି ଚାଉଳଭଜା ଗଣ୍ଡାଏ ପାଟିରେ ପକାଇ ସେମାନେ ଛୁଟିଥିଲେ, ଷୋଳ କୋଶ ରାସ୍ତା ଚାଲି ଚାଲି ଭୋକରେ ଝୋଲା ମାରିଯାଇଥିଲା, ତଳିପାରୁ ଚମଡ଼ା ଛିଡ଼ି ରକତ ବାହାରି ଯାଇଥିଲା, ପ୍ରଚଣ୍ଡ ଖରାରେ ପିଚୁଦିଆ ରାସ୍ତାରେ ଚାଲୁଚାଲୁ କେତେ ବୁଢ଼ା ବୁଢ଼ୀଙ୍କର ଚେତା ବୁଡ଼ିଯାଇଥିଲା । ସେମାନଙ୍କୁ ପାଣି ଛିଞ୍ଚି ସାଷ୍ଟାମ କରାଇ କାହାରି କାହାରିକୁ ରାସ୍ତାକଡ଼ ଦୋକାନରୁ ଚା, ବିସ୍କୁଟ ଖୁଆଇ ସେମାନେ ପୁଣି ଆଗକୁ ପାଦ ବଢ଼ାଇଥିଲେ, ସଞ୍ଜବୁଡ଼ିବା ଆଗରୁ ସେମାନଙ୍କର ବାଲେଶ୍ୱରରେ ପହଞ୍ଚିବା ଜରୁରୀ ।

ହେଲେ କଅଣ ଅବା ଲାଭ ହେଲା ?

ବାଲେଶ୍ୱର ଛୁଇଁବା ଆଗରୁ ଫୁଲାଡ଼ି ଛକରେ ଶହଶହ ଲାଠିଧାରୀ ପୋଲିସ୍ ସେମାନଙ୍କୁ ଘେରିଗଲେ । ସୁଧାକର ଗିରି, ନଟବର ପ୍ରଧାନ, ଅନାଦି ସାହୁ, ଘନଶ୍ୟାମ ଦାସଙ୍କ ହାତରେ ହାତକଡ଼ା ପିନ୍ଧାଇ ଦେଲେ । ଆଉ ସେମାନଙ୍କ ଭଳି ଶହ ଶହ ଭୋକିଲା, ଥକା ଝିଅବୋହୂ, ପିଲାଛୁଆ, ପୁରୁଷ, ସ୍ତ୍ରୀ, ବୁଢ଼ାବୁଢ଼ୀଙ୍କୁ ଜବରଦସ୍ତି ଟ୍ରକରେ ବସାଇ ନେଇଗଲେ ଥାନାକୁ । ଥାନା ହାଜତରେ ଗୋଟାଏ ଦିନ ନିରନ୍ନ ଅବସ୍ଥାରେ ରଖି ପୁଣି ସେମିତି ଟ୍ରକରେ ବସାଇ ଆଣି ସେଇ ଫୁଲାଡ଼ିରେ ଛାଡ଼ିଦେଇଗଲେ ।

ଉମା ଏବବି ବିଶ୍ୱାସ କରିପାରୁ ନାହିଁ ।

ମଣିଷ ଏତେ ନିର୍ଦ୍ଦୟ ହୋଇପାରେ ?

ଥାନା ହାଜତରେ ଛୋଟ ଛୋଟ ପିଲାଙ୍କର ଖାଇବା ପାଇଁ କି ବିକଳ କାନ୍ଦଣା ! ଆଉ ଲୋଳିତଚର୍ମ ବୁଢ଼ା ବୁଢ଼ୀମାନେ ?

ଫେରିବା ରାସ୍ତାରେ ଅବଶ୍ୟ ଫୁଲାଡ଼ିର ଦୋକାନୀମାନେ ସେମାନଙ୍କୁ ଖୁଆଇଥିଲେ । ହେଲେ ତା ସମୁଦ୍ରକୁ ଶଙ୍ଖେ ଭଳି । କିଏ ଖୁଆଇବ ? ନଟବର ପ୍ରଧାନ, ଅନାଦି ସାହୁ ଆହୁରି ଛାଡ଼ ପାଇନଥିଲେ ।

ଦୁଇଦିନର ଅଭୁକ୍ତ କ୍ଲାନ୍ତ ଦେହଟିକୁ ଟାଣି କଣ୍ଢେଇପୁର ଗାଁର ଅନେକ ଝିଅ ବୋହୂଙ୍କ ଭଳି ଉମା ଯେତେବେଳେ ଘରେ ପହଞ୍ଚିଥିଲା, ବଡ଼ ଭାଉଜ ଥଟ୍ଟା କରିଥିଲେ, ଝିଅ ଘାଟୀ ବନ୍ଦ କରି ଆଇଲେଣି, ହୁଳୁହୁଳି ଦିଅ !

ବଡ ଭାଉଜ ତ କହିବେ ! (କ୍ରମଶଃ)

## ଗୋଟେ କପ୍‌ର କାହାଣୀ

ଅଣୁ ଗଳ୍ପ

ସ୍ମିତା ପଣ୍ଡା



ସନ୍ଧ୍ୟା ହୋଇ ସାରିଥାଏ । ମୁଁ ତର ତର ହୋଇ ବସ୍‌ରେ ଚଢ଼ିବାକୁ ଚେଷ୍ଟା କରୁଥାଏ କାଳେ ଭଲ ସିଟ୍‌ଟିଏ ମିଳିବନି ମତେ । ସେଇଟା ମୋ ଗାଁକୁ ଭୁବନେଶ୍ୱରରୁ ଲାଷ୍ଟ ବସ୍। ହଠାତ୍ କେହି ଜଣେ ମୋ ନାଁ ଧରି ଡାକିଲା। ଭାବିଲି , ଏଠି ମୋତେ କେହି କାହିଁକି ଡାକିବ ? ଭୁବନେଶ୍ୱର ତ ନିତି ନିତି ବଦଳୁଥାଏ । କାଲି ଦେଖି ଥିବା ସ୍ଥାନରେ ସକାଳୁ ସକାଳୁ ଆଉ ଗୋଟେ କିଛି ଗଢି ଉଠି ଥାଏ। ମୁଁ ଯେ ଭୁବନେଶ୍ୱରକୁ କୋଡ଼ିଏ ବର୍ଷ ତଳୁ ଛାଡ଼ି ସାରିଛି । କେବେ କେମିତି କାମ ପଡ଼ିଲେ ସକାଳେ ଆସେ ଆଉ କାମ ସରିଲେ ସେହି ଦିନ ଚାଲିଯାଏ । ପଛକୁ ଫେରି ଚାହିଁଲି। ତଳେ କେହି ଜଣେ ମୋତେ ଡାକୁ ଥିଲା । ମୁଁ ଚାହିଁବାରୁ ମୋତେ ହାତ ହଲେଇ ଅଭିବାଦନ ଜଣାଇଲା । ମୁଁ କଣ୍ଡକ୍ଟରକୁ କହି ମୋ ପାଇଁ ଝରକା ପାଖ ସିଟ୍ ଗୋଟେ ରଖି ମୋ ଜିନିଷ ଥୋଇ ତଳକୁ ଆସିଲି।

ମୁଁ ଚିହ୍ନି ପାରିଲି ନାହିଁ । ସେ ନିଜ ଆଡୁ ଚିହ୍ନା ଦେଲା ଯେ ସେ ଦିପେଶ୍ । ମୋ ବାଣୀବିହାର ସାଙ୍ଗ। ଆମ ଦୁହିଁଙ୍କ ଚେହେରା ରେ ବହୁତ୍ ପରିବର୍ତ୍ତନ ହୋଇ ସାରିଥିଲା । ତଥାପି ସେ ମୋତେ ଆଗ ଚିହ୍ନିନେଲା। ତା ହାତରେ ଗୋଟେ ଛୋଟ ବ୍ଲୁ ରଙ୍ଗର ପ୍ୟାକେଟଟିଏ ଥିଲା ଦେହରେ ଗୋଟେ କୋଟ୍ ଆଉ ଆଖିରେ ହଳେ ପାୱାର ଗ୍ଲାସ୍ । ଉଭୟ ଏତେଦିନ ପରେ ପରସ୍ପରକୁ ଦେଖି ବହୁତ୍ ଖୁସି ହେଲୁ । ଜାଣିଲି ସେ ସେଇ ଭୁବନେଶ୍ୱରରେ ଗୋଟେ କମ୍ପାନୀରେ ମ୍ୟାନେଜର ଅଛି। ଆମେ ବେଶି କିଛି କଥା ହୋଇ ପାରି ନଥିଲୁ। ମୋ ବସ୍ ଛାଡ଼ିବା ସମୟ ହୋଇସାରିଥିଲା। ଆମେ ପରସ୍ପରର ଫୋନ୍ ନମ୍ବର ନେଇ ପରସ୍ପରଠାରୁ ବିଦାୟ ନେଲୁ।

ଏହାର କିଛିଦିନ ପରେ ଦିନେ ରବିବାର ସକାଳୁ ମୁଁ ବାଥରୁମ୍‌ରୁ ଆସୁଥାଏ ଦିପେଶ୍‌ର କଲ ଆସିଲା। ନିମନ୍ତ୍ରଣ ଥିଲା ତା' ଘରକୁ ଯିବା ପାଇଁ । ମୋ ଗାଁ ରୁ ଭୁବନେଶ୍ୱର ଦୁଇ ଘଣ୍ଟାର ବାଟ ବସ୍‌ରେ। ଯିବା ଆସିବାରେ କୌଣସି ଅସୁବିଧା ନାହିଁ । ସେ ମଧ କହୁଥିଲା ମୁଁ ହଁ କଲେ ସେ ଡ୍ରାଇଭରକୁ ତା ଗାଡ଼ି ଦେଇ ପଠାଇବ। ମୋର ସେଦିନ ବି ସେମିତି କିଛି କାମ ନଥିଲା । କିନ୍ତୁ କିଛି ବିଶେଷ କାମର ବାହାନା କରି ଆଜି ଯାଇ ପାରିବିନି ବୋଲି କହିବା ବେଳେ ତା'ର ଝିଅ ତା' ହାତରୁ ଫୋନ୍ ଛଡ଼େଇ ନେଇ କହିଲା,'ଆଣ୍ଟି ! ଆଜି ତମକୁ ଆସିବାକୁ ପଡ଼ିବ। ମୁଁ ତମ ପାଇଁ କଫି ଆଉ ଆଇସକ୍ରିମ ତିଆରି କରିବି। ତମେ ବାବାଙ୍କ ସାଙ୍ଗରେ ପଢୁଥିଲନା ! ତାଙ୍କ ଭଲ ସାଙ୍ଗ ଥିଲ।' କୌଣସି ପ୍ରକାରେ ମୁଁ ତାକୁ ବୁଝାଇ ଆଉ ଦିନେ ଯିବି ବୋଲି ପ୍ରତିଶ୍ରୁତି ଦେଇ ଫୋନ୍ ରଖିଲି।

ଏଇ ଭିତରେ ଅନେକ ଦିନ ବିତି ଯାଇଥିଲା। ବୋଧହୁଏ ଦୁଇ ତିନି ମାସ। ଦିପେଶ୍ ମଧ ଦୁଇ ତିନି ଥର ମୋତେ ତା' ଝିଅକୁ ଦେଇଥିବା ପ୍ରତିଶ୍ରୁତି କଥା ମନେ ପକେଇ ଦେଇଥାଏ । ମୁଁ କିନ୍ତୁ ଅବହେଳା ହେତୁ ଯାଇ ପାରୁ ନଥାଏ । ଆଉ ତା'କୁ କିଛି ଗୋଟେ ବାହାନା କରି ସମୟ ଗଡ଼େଇ ଚାଲିଥାଏ।

ଦିନେ ମୁଁ ଅଫିସ୍‌ରେ ବସିଥାଏ। କୋରିଅର ବାଲା ଗୋଟେ ପାର୍ସଲ ନେଇ ଆସିଲା। ପାର୍ସଲଟା ଦିପେଶ୍ ପାଖରୁ ଆସିଥିଲା। କ'ଣ ପଠେଇଛି ଭାବି ପ୍ୟାକେଟ ଖୋଲିଲି। ନିଶ୍ଚୟ କିଛି ଗୋଟେ ରାଗ, ଅଭିମାନ କିମ୍ବା ଖୁସିରେ ପଠେଇଥିବ। ମୁଁ ତା'ର ଭଲ ସାଙ୍ଗ ଥିଲି ଆଉ ଯିବି ଯିବି କହି ତା ପାଖକୁ ଯାଇ ପାରିନଥିଲି। ଆଜି ତା'ର ଗିଫ୍ଟ ଖୋଲିବି ଆଉ ଫୋନ୍ କରି ତା'ର ସବୁ ଅଭିମାନ ଦୂର କରିଦେବି।

ଭିତରେ ଗୋଟେ ବ୍ଲୁ ରଙ୍ଗର ଛୋଟ ପ୍ୟାକେଟ ଥିଲା। ଯୋଉଟା ସେଦିନ ସେ ବସ୍ ଷ୍ଟାଣ୍ଡରେ ଧରି ଠିଆ ହୋଇଥିଲା। ଭାବିଲି ଏଇଟା ଆଉ ସେଦିନ ମୋ ପାଇଁ କିଣି ଥିଲାକି ? ଧେତ୍। ମତେ ତ ସେ ସେଦିନ ଆସିବା ବେଳେ ଦେଖିଲା। ବଡ଼ ଆଗ୍ରହ ସହକାରେ ସେଇ ବ୍ଲୁ ରଙ୍ଗର ପ୍ୟାକେଟଟା ଖୋଲିଲି। ଆଉ ତା' ଭିତରେ ଗୋଟେ ସୁନ୍ଦର ଚିନା ମାଟିର କପ୍ ଦେଖିଲି । ମୁଁ ଯେ ଚା କିମ୍ବା କଫି ପିଏ ନାହିଁ ଦିପେଶ୍ ଏ କଥା ଭଲ ଭାବେ ପଢ଼ିବା ବେଳୁ ଜାଣେ। ତେବେ ମୋ ପାଇଁ ଗୋଟେ କପ୍...। କିଛି ଆଶ୍ଚର୍ଯ୍ୟ ଲଗିଲା କପ୍ ଟିକୁ କାଢ଼ି ହାତରେ ଧରିଲି। କପ୍ ଭିତରେ ଖଣ୍ଡେ ଚାରି ଚଉତା କାଗଜ ମୋ ଦୃଷ୍ଟିରେ ପଡ଼ିଲା। ସେଇଟିକୁ ଖୋଲି ପଢିବାକୁ ଲାଗିଲି।

ସ୍ମିତା,

ଯେଉଁଦିନ ତତେ ବସ୍ ଷ୍ଟାଣ୍ଡରେ ଦେଖିଥିଲି ସେଦିନ ଏଇ କପ୍‌ଟା ମୋ ଝିଅ 'ଆଦ୍ୟାଶା' ପାଇଁ କିଣିଥିଲି । ସୁନ୍ଦର ସୁନ୍ଦର କପ୍‌ରେ ସମସ୍ତଙ୍କୁ କଫି ପିଇବାକୁ ଦେବା ତା'ର ଗୋଟେ ସଉକ ଥିଲା । ମୋର ସାଙ୍ଗସାଥୀ ବନ୍ଧୁବାନ୍ଧବମାନଙ୍କୁ ସେ ନିଜ ହାତରେ କଫି କରି ପିଇବାକୁ ଦେଇ ବହୁତ୍ ଆନନ୍ଦ ପାଉଥିଲା। ତା'ର ବହୁତ୍ ଇଚ୍ଛା ଥିଲା ତତେ ତା' ହାତରେ କଫି କରି ପିଆଇବ, ଆଇସକ୍ରିମ ଖୁଆଇବ। ସେ ପାଇଁ ସେଦିନ ମୁଁ ଘରକୁ ଫେରିବା ପରେ ମୋ ଠୁ ତୋ କଥା ଶୁଣି ଏଇ କପ୍‌କୁ ସାଇତି ରଖିଥିଲା ତତେ କଫି ପିଆଇବ ବୋଲି। ପ୍ରତି ରବିବାର ମତେ କହୁଥିଲା ତମେ ଆଣ୍ଟିଙ୍କୁ ଫୋନ୍ କର। ଆଉ ମୁଁ ତା'କୁ କିଛି ନା କିଛି ବାହାନା କରି ସେ ଦିନଟା ଗଡ଼େଇ ଦେଉଥିଲି ହେଲେ ଆଜିକୁ ଦଶ ଦିନ ତଳେ ମୋ ଝିଅ ବ୍ଲଡ଼ କ୍ୟାନ୍ସରରେ ଲଢିଲଢ଼ି ଚାଲିଗଲା। ମୁଁ ଜାଣେ ତୁ ଚା' କିମ୍ବା କଫି ପିଉନା ହେଲେ ମୋ ଝିଅର ଖୁସି ପାଇଁ ଏଇ କପ୍‌ରେ ତୁ ଥରଟେ କଫି କରି ପିଇବୁ। ରହୁଛି।

ଦିପେଶ୍

♥ ପାଇକପଡ଼ାପାଟଣା
ନରସିଂହପୁର, ଜି - କଟକ
(ମୋ) ୯୮୬୧୪୮୧୯୨୧

# ଆଧୁନିକ ଭାରତର ନିର୍ମାତା

ମୀରା ବେଉରା



ଆଧୁନିକ ଭାରତ ଇତିହାସରେ ବିଚକ୍ଷଣ ରାଜନୀତିଜ୍ଞ ଭାବେ ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ଦ୍ୱାରା ଜାତିର ଇତିହାସକୁ ଯିଏ ନୂଆ ମୋଡ଼ ଦେବାପାଇଁ କେବଳ ସ୍ୱପ୍ନ ଦେଖି ନଥିଲେ, ଏ ଜାତିର ଇତିହାସକୁ ଏକ ନୂତନ ଦିଗରେ ପରିଚାଳିତ କରି ଆଧୁନିକ ଭାରତବର୍ଷ ଗଠନ ପାଇଁ ଯିଏ ଆଜୀବନ ପ୍ରୟାସ କରିଥିଲେ ସେ ଥିଲେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ । ଏ କଥା ମଧ୍ୟ ସତ୍ୟ ଯେ ଭାରତ ବର୍ଷର ଯେଉଁ କେତେଜଣ ରାଷ୍ଟ୍ରନାୟକ, ମୁକ୍ତି ସଂଗ୍ରାମୀ, କ୍ରାନ୍ତୀର ସିପାହୀ ନିଜର ସ୍ୱେଦ, ଲହୁ, ଲୁହ ଏବଂ ସର୍ବୋପରି ସଂକଳ୍ପବଦ୍ଧ ହୋଇ ସେମାନଙ୍କର ଉତ୍ସର୍ଗୀକୃତ ଦେଶପ୍ରେମ, ସେବା, ତ୍ୟାଗ ତିତିକ୍ଷାର ପ୍ରତିଦାନରେ ବିକାଶଶୀଳ ରାଷ୍ଟ୍ର ଭାରତବର୍ଷ ଆଜି ସମଗ୍ର ବିଶ୍ୱରେ ଏକ ବର୍ଦ୍ଧିଷ୍ଣୁ ଶକ୍ତିଶାଳୀ ରାଷ୍ଟ୍ର ହେବାର ଗୌରବ ଲାଭ କରିଛି ସେମାନଙ୍କ ମଧ୍ୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଥିଲେ ଅନ୍ୟତମ ସାରଥି । ଭାରତକୁ ଜାତୀୟ ସଂହତି ଏବଂ ରାଷ୍ଟ୍ରୀୟ ଭାବନାରେ ଉଦ୍‌ବୁଦ୍ଧ କରିବାପାଇଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଆଜୀବନ ଉଦ୍ୟମ କରି ସଫଳ ହୋଇଥିଲେ ।

ଲୌହ ମାନବ ଜନ୍ମ ହୋଇଥିଲେ ୩୧ ଅକ୍ଟୋବରରେ, ୧୮୭୫ ମସିହାରେ, ଏକ କୃଷକ ପରିବାରରେ । ପିତା ଝବେର ଭାଇ ଝାନ୍‌ସୀରାଣୀଙ୍କ ସୈନ୍ୟବାହିନୀରେ ରହି ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଲଢୁଥିଲେ । ପିତାଙ୍କର ଦେଶପ୍ରେମ ପୁତ୍ର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଉପରେ ଖୁବ୍ ପ୍ରଭାବ ପକାଇଥିଲା । ପିଲାଟି ଦିନରୁ ପିତା ପୁତ୍ରମାନଙ୍କୁ ନିଷ୍ଠାବାନ, ସତ୍ୟବାନ, ସାହସୀ, ସଂକଳ୍ପବଦ୍ଧ ହୋଇ ନିଜର ଚରିତ୍ର ଗଠନ ପାଇଁ ଉତ୍ସାହିତ କରୁଥିଲେ । ମା' ଲାଡ଼ବାଇ ଅତ୍ୟନ୍ତ ଧର୍ମପରାୟଣ ମହିଳା ଥିଲେ । ସର୍ଦ୍ଦାର ପଟେଲ ଗ୍ରାମଶିକ୍ଷା ପରେ ଇଂରାଜୀ ଶିକ୍ଷାପାଇଁ ସହରକୁ ଯାଇଥିଲେ । ଯୁବକ ଅବସ୍ଥାରେ ସର୍ଦ୍ଦାର ପଟେଲ ଜଣେ ଗରିବ ଅଧ୍ୟାପକଙ୍କୁ ନଗର ପାଳିକା ସମିତି ନିର୍ବାଚନରେ ଜଣେ ଧନୀ ବ୍ୟବସାୟୀଙ୍କଠାରୁ ବିପୁଳ ଭୋଟ ସମର୍ଥନରେ ଜିତାଇବା ପଛରେ ଅଶେଷ ଉଦ୍ୟମ କରିଥିଲେ । ଏହି ଘଟଣାଟିରୁ ଜଣା ପଡ଼ିଥାଏ ଯେ ସେ କିପରି ନିଜର ନିଷ୍ଠା ସଂକଳ୍ପ ଦ୍ୱାରା ଅସାଧ୍ୟ କାର୍ଯ୍ୟକୁ ମଧ୍ୟ ସଂପାଦନ କରି ପାରୁଥିଲେ । ପରେ ମାତ୍ର ୧୬ ବର୍ଷ ବୟସରେ ସେ ଝବେର ବାଇଙ୍କୁ ବିବାହ କରିଥିଲେ । ନିଜର ସ୍କୁଲ ଶିକ୍ଷା ଓ ମେଟ୍ରିକ ପାସ ପରେ ସେ ଆଇନ୍ ପଢ଼ିବାପାଇଁ ଇଂଲଣ୍ଡ ଯାଇଥିଲେ । ଏହାପରେ ସେ ବାରିଷ୍ଟରି ଡିଗ୍ରୀ ଲାଭ କରି ଅହମ୍ମଦାବାଦରେ କାର୍ଯ୍ୟ ଆରମ୍ଭ କରିଥିଲେ । ସେତେବେଳେ ମାତ୍ର ସାତ-ଆଠ ଜଣ ବାରିଷ୍ଟର ଥିଲେ । ପଟେଲ ଯେଉଁଭଳି ନିର୍ଭିକ ଭାବରେ ଇଂରେଜ ବିଚାରପତିମାନଙ୍କ ସହିତ ଆଳାପ କରୁଥିଲେ ଏପରି କି ଦରକାର ପଡ଼ିଲେ ସେ ସତ୍ୟକୁ ନେଇ ସେମାନଙ୍କୁ ତାଗିଦ୍ ମଧ୍ୟ କରୁଥିଲେ ।

ଏକଦା କଥା ପ୍ରସଙ୍ଗରେ ସେ ତାଙ୍କ ଭାଇ ବିଠଲ ଭାଇ ପଟେଲଙ୍କୁ କହିଥିଲେ ଯେ, "ତୁମେ ପାରିବାରିକ ବିଷୟ ବୁଝ । ମୁଁ ଦେଶ ସେବାରେ ଆତ୍ମ ନିୟୋଗ କରିବାକୁ ଚାହେଁ ।" ଯଦିଓ ସେ ପାଶ୍ଚାତ୍ୟ ଜୀବନ ଶୈଳୀ ଅବଲମ୍ବନରେ ଦିନ କାଳ ଅତିବାହିତ କରିଥିଲେ, କିନ୍ତୁ ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବା ପରେ ତାଙ୍କର ଦୈନନ୍ଦିନ ଜୀବନ ପ୍ରଣାଳୀ ଓ ବେଶଭୂଷା ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଥିଲା । ଏହି ସମୟରେ ଗାନ୍ଧୀଜୀ ଦକ୍ଷିଣ ଆଫ୍ରିକାରୁ ଫେରିବା ପରେ ଗୁଜୁରାଟରେ ଜନଜାଗରଣ ସୃଷ୍ଟି ପାଇଁ ଅନେକ ସେବାମୂଳକ ତଥା ଜାତୀୟତାବୋଧ କାର୍ଯ୍ୟକ୍ରମ ହାତକୁ ନେଇ ଜନସାଧାରଣମାନଙ୍କୁ ମଧ୍ୟ ସେହି ଦିଗରେ କାର୍ଯ୍ୟକରିବା ପାଇଁ ଆହ୍ୱାନ ଦେଇଥିଲେ । ଗୁଜୁରାଟ ସଭାର ଅଧିବେଶନରେ ମହାତ୍ମା ଗାନ୍ଧୀଙ୍କ ଅଭିଭାଷଣ ବଲ୍ଲଭ ଭାଇଙ୍କ ମନରେ ଗଭୀର ରେଖାପାତ କରିଥିଲା । ଇଂରେଜ ସରକାରଙ୍କଠାରୁ କୌଣସି ପ୍ରକାର ସୁବିଧା ନ ନେଇ ନିଜ ଅଧିକାର ପାଇଁ ସଚେତନ ଭାବରେ ସଂଗ୍ରାମ କରିବାକୁ ଗାନ୍ଧୀଙ୍କ ପ୍ରୋତ୍ସାହନ ଏବଂ ସଂଗ୍ରାମଶୀଳ ମନୋଭାବ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇ ପଟେଲ ଗାନ୍ଧିଜୀଙ୍କ ପ୍ରତି ସ୍ୱୟଂ ଆକୃଷ୍ଟ ହୋଇ ସାହସ ଓ ଦୃଢ଼ତାର ସହିତ ବ୍ରିଟିଶ ସରକାରଙ୍କୁ ବିରୋଧ କରିଥିଲେ । ଏକଦା ୧୮୮୪ ମସିହାରେ ସ୍ଥାପିତ ହୋଇଥିବା ଗୁଜୁରାଟ ସଭାରେ ସେ ୧୯୧୫ ମସିହାରୁ ସଦସ୍ୟ ଭାବରେ ଯୋଗ ଦେଇଥିଲେ ।

ଇଂରେଜମାନଙ୍କୁ ବିରୋଧ କରି ଜାତୀୟ କଂଗ୍ରେସରେ ହିନ୍ଦୁସ୍ଥାନୀ ଭାଷାରେ ଭାଷଣ ପରଂପରା ଜାରିରଖି ପ୍ରଥମ ଥର ପାଇଁ ପ୍ରଚଳିତ ବେପାରୀ ପ୍ରଥା ବିରୋଧରେ ଗୁଜୁରାଟ ସଭାରେ ଗାନ୍ଧିଜୀଙ୍କ ସ୍ୱର ଉତ୍ତୋଳନ ପଟେଲଙ୍କ ହୃଦୟକୁ ଏଭଳି ସ୍ପର୍ଶ କରିଥିଲା ଯେ ସେ ଆନ୍ତରିକତାର ସହ ସଭାଙ୍କରେ ପୂର୍ଣ୍ଣ ସହଯୋଗ କରି ଜୀବନର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ । ଏହାପରେ ବଲ୍ଲଭ ଭାଇ ଅହମ୍ମଦାବାଦ ମ୍ୟୁନିସିପାଲିଟି ଚେୟାରମ୍ୟାନ ପଦ ପ୍ରାପ୍ତ କରିଥିଲେ । ଏହି ପଦବୀ ତାଙ୍କୁ ଜନସାଧାରଣଙ୍କ ସେବା କରିବାକୁ ସୁଯୋଗ ଦେଇଥିଲା । ଜନସ୍ୱାସ୍ଥ୍ୟ, ପାନୀୟଜଳ ଉପଲବ୍ଧପାଇଁ ବଳିଷ୍ଠ ପଦକ୍ଷେପ ନେବା ସହ ଆୟବୃଦ୍ଧି, ବନ୍ୟା, ମହାମାରୀ ଆଦି ସମସ୍ୟାର କିପରି ସମାଧାନ ହେବ ସେଥିପାଇଁ ସବୁବେଳେ ସେ ଗାନ୍ଧୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମକୁ ଅନୁସରଣ କରୁଥିଲେ । ନିଜର କର୍ତ୍ତବ୍ୟ ପରାୟଣ, ସେବାପରାୟଣତା ମନୋଭାବ, ସେବା ମନୋବୃତ୍ତି ଏବଂ ଚାରିତ୍ରିକ ସଦଗୁଣ ଦ୍ୱାରା ସେ ଗୁଜୁରାଟ ଓ ମହାରାଷ୍ଟ୍ରବାସୀଙ୍କର ଆପଣାର ହୋଇଥିଲେ । ୧୯୧୭ ମସିହାର ମ୍ୟୁନିସିପାଲିଟିର ଚେୟାରମ୍ୟାନ ଥିବା ସମୟରେ ପ୍ଲେଗ ରୋଗ ପୀଡ଼ିତ ଅହମ୍ମଦାବାଦବାସୀଙ୍କୁ ସେ ଏହି ମହାମାରୀ ରୋଗରୁ ନିଜ କାର୍ଯ୍ୟଦ୍ୱାରା ରକ୍ଷାକରି ଲୋକଙ୍କ ପ୍ରିୟପାତ୍ର ହୋଇଥିଲେ । ଏହା ଥିଲା ତାଙ୍କ ପାଇଁ ଏକ ଅଗ୍ନି ପରୀକ୍ଷା ।

ଖେଡ଼ା ଓ ବର୍ଦ୍ଦୋଲୀରେ ପଟେଲଙ୍କ ନେତୃତ୍ୱରେ ଯେଉଁ କୃଷକ ଆନ୍ଦୋଳନ ହୋଇଥିଲା, ତାହାର ଗୁରୁ ଦାୟିତ୍ୱ ବହନ କରି ପଟେଲ ସଫଳ ହୋଇଥିଲେ । କୃଷକମାନଙ୍କୁ ସତ୍ୟାଗ୍ରହ ସମୟରେ ଏକଜୁଟ ହୋଇ ଅହିଂସ ନିଷ୍ଠାର ପଥରେ ଅନ୍ୟାୟ ବିରୋଧରେ ସଂଘର୍ଷ କରିବାକୁ ପ୍ରେରଣା ଦେଇଥିଲେ । ତାଙ୍କ ନେତୃତ୍ୱରେ ଖେଡ଼ାର କୃଷକମାନେ ନିର୍ଭୟରେ ଆପଣାକୁ ପ୍ରବଳ ପ୍ରତାପୀ ସରକାର ବିରୋଧରେ ସଂଗଠିତ ହୋଇ ସଫଳତା ହାସଲ କରିଥିଲେ ଯାହା ଭାରତର ରାଜନୈତିକ ଇତିହାସକୁ ନୂତନ ମୋଡ଼ ଦେଇଥିଲା । ସେ ଜାଣିଥିଲେ ଯେ କ୍ଷମତାସୀନ ପଦାଧିକାରୀଙ୍କ ପ୍ରତି ସ୍ନେହପୂର୍ଣ୍ଣ ବ୍ୟବହାର ଦେଖାଇଲେ ହିଁ ବିଜୟ ସୁନିଶ୍ଚିତ । ଏହାହିଁ ସତ୍ୟାଗ୍ରହ ସଂଗ୍ରାମର ମୌଳିକ ନୀତି - ଏହା ସେ ଚିନ୍ତା କରିଥିଲେ । ବର୍ଦ୍ଦୋଲୀ ସତ୍ୟାଗ୍ରହର ନେତୃତ୍ୱ ନେଇ ପଟେଲ ସମସ୍ତ ସ୍ତ୍ରୀ ପୁରୁଷ ଓ ପିଲାଙ୍କୁ ସୁସଂଗଠିତ କରି ବିଭିନ୍ନ ସ୍ଥାନରେ ସଭା କରି ସରକାରଙ୍କୁ ଭର୍ତ୍ସନା କରିଥିଲେ । ଏହାପରେ ୧୯୨୮ ଜୁନ ୧୨ ତାରିଖ ଦିନ ବର୍ଦ୍ଦୋଲୀ ଦିବସ ସାରା ଭାରତ ବର୍ଷରେ ପାଳିତ ହୋଇଥିଲା । ବର୍ଦ୍ଦୋଲୀବାସୀ ୨୪ ଘଣ୍ଟା ଉପବାସ ବ୍ରତ ପାଳନ



କରିଥିଲେ । ଶେଷରେ ସରକାର ସେମାନଙ୍କର ସବୁ ସର୍ତ୍ତକୁ ମାନି ନେଇଥିଲେ ।

ସେତେବେଳେ ୧୯୪୨ ଭାରତ ଛାଡ଼ ଆନ୍ଦୋଳନକୁ ମୌଲାନା ଆଜାଦ, ନେତାଜୀ, ରାଜ ଗୋପାଳଚାରୀ ସମାଲୋଚନା କରିଥିଲେ, ସେତେବେଳେ ପଟେଲ କିନ୍ତୁ ଏହି ପ୍ରସ୍ତାବର ସମର୍ଥକ ଥିଲେ । ୧୯୪୨ରୁ ୧୯୪୫ ଭିତରେ ମହମ୍ମଦ ଅଲ୍ଲି ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ ଲିଗ୍ ଦ୍ୱାରା ଭାରତୀୟ ରାଜନୀତିରେ ଯେଉଁ ସାମ୍ପ୍ରଦାୟିକତାର ବୀଜ ବୁଣାଗଲା ସେଥିରେ ମୁସଲମାନମାନେ ସଂଖ୍ୟାଗରିଷ୍ଠତା ରାଜ୍ୟକୁ ନେଇ ପାକିସ୍ତାନ ଗଠନ କରିବା ଉଦ୍ଦେଶ୍ୟ ରଖିଥିଲେ, ଯାହାକି ଭାରତ ପାଇଁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଥିଲା । ମହମ୍ମଦ ଅଲ୍ଲି ଜିନ୍ନାଙ୍କ ପ୍ରୋତ୍ସାହନରେ ସାମ୍ପ୍ରଦାୟିକ ରାଜନୀତିକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ସର୍ଦ୍ଦାର ପଟେଲ ଭାରତର ବିଭାଜନ ପ୍ରସ୍ତାବକୁ ଗ୍ରହଣ କରିଥିଲେ । ଏହାପରେ ୨୩ ମାର୍ଚ୍ଚ ୧୯୪୬ ମସିହାରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଅଟଲିଙ୍କ ନେତୃତ୍ୱରେ ବ୍ରିଟିଶ କ୍ୟାବିନେଟ୍ ମିଶନ ଭାରତ ଆସିଲେ । ଏବଂ ଭାରତକୁ ସ୍ୱାଧୀନ କରିବାପାଇଁ ନିର୍ବାଚନ ଘୋଷଣା କରିଥିଲେ । ପଟେଲ ପୁନର୍ବାର କଂଗ୍ରେସର ନିର୍ବାଚନ ପ୍ରଚାର ଦାୟିତ୍ୱ ନେଲେ । ଏବଂ ପୁଣି ଥରେ ରାଜ୍ୟକୁ କଂଗ୍ରେସ ଜିତିବା ଫଳରେ ପଟେଲ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ । ମୁସଲିମ ଲିଗ୍ ମଧ୍ୟ ବହୁଳ ସ୍ଥାନରେ ଜିତିବାରୁ ସେହିସବୁ ସ୍ଥାନକୁ ପାକିସ୍ତାନ ନିଜର ବୋଲି ଦାବୀ କଲା ଏବଂ ଦେଶରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହେଲା । ▶▶ପୃଷ୍ଠା -୭

♥ ଉତ୍କଳ ମହାବିଦ୍ୟାଳୟ
ଦେଉଳସାହି, ତୁଳସୀପୁର, କଟକ-୭୫୩୦୦୮
(ମୋ) ୯୮୫୩୩୫୦୩୮୪

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

### ଭାଗ-୩୨

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖିରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ରଜରେ ଦୋଳି ବାଗୁଡ଼ି ଖେଳ
ଟୋକାଠୁଁ ବୁଢ଼ା ମେଳ
ଗ୍ରାମ୍ୟ କୁମାରୀ ରଂଗ ମାଖି
ବୁଲନ୍ତି ଦଳ ଦଳ । ୩୧୭ ।

କେତେ ଜନମ ମରଣ ସାକ୍ଷୀ
ଆମରି ଗାଆଁ ବାଟ
ଅଭିଯୋଗ ଆପତ୍ତି ନାହିଁ
ବସାଏ ନାହିଁ ହାଟ । ୩୧୮ ।

ଧୂଳି ଘରକୁ ଛାଡ଼ି ପଥେ
ଯାଏ ଏ ଗାଆଁ ଝିଅ
ପିଇଛି କେତେ ଏ ପଥ ଧୂଳି
ପ୍ରିୟ ଜନଙ୍କ ଲୁହ । ୩୧୯ ।

ଗାଆଁରୁ ଯେବେ ତରୁଣଟିଏ
ଦାଦନ ଖଟିଯାଏ
ଘରଣୀ ତା'ର ଲେଉଟା ପଥ
ଆକୁଳେ ଚାହିଁ ରହେ । ୩୨୦ ।

ଫୁଲର କାନେ ଚୁପି ଚୁପିକା
ପବନ କଥା କହେ
ଆକାଶ ସେଠି ଫୁଲେଇ ନଈ
ଛାତିରେ ଚୁମା ଦିଏ । ୩୨୧ ।

ଗାଆଁର ରଂଗବେରଂଗ ଫୁଲ
କବିତା ଭାଡ଼ି ଫୁଟେ
ଯେଉଁଠି ଥାଏ ଯେମିତି ଥାଏ
ମହକ ତା'ର ଛଟେ । ୩୨୨ ।

ଦୃଶ୍ୟ ସବୁ ଧାଡ଼ି ବାନ୍ଧନ୍ତି
ମୁହଁରେ ରଙ୍ଗ ମାଖି
କବିତା ପଂକ୍ତି ସାଜିବା ପାଇଁ
ଏଇ ମଉକା ଦେଖି । ୩୨୩ ।

ଛଇଛବେଲୀ ଚତୁରୀ ନଈ
ଲୋଟାଇ ନୀଳ କାନି
ଛାଇ ସଂଜରେ ଛୁରୀ ଛେଲଇ
ପ୍ରେମିକ ମନ ମାନି । ୩୨୪ ।

ମୋ ଗାଆଁ ଶିରିଷ ଉଚ୍ଚା ଡାଳରେ
ବାଦୁଡ଼ିଟେ ଯେବେ ଝୁଲେ
ଓଲଟ ବୃକ୍ଷର ଚିନ୍ତା ଘାରେ ମନେ
ନିଜକୁ ନିଜେ ତଉଲେ । ୩୨୫ ।

ବାରମ୍ବାର ଯେତେ ଲୁଣ୍ଠିତା ହେଲେବି
ଫୁଲ ଡାକେ ପ୍ରଜାପତି
ସେମିତି ମୋ' ଗାଁ ସବୁ ଦେଇ ମଧ
ହୁଏନା କେବେ ବିରକ୍ତି । ୩୨୬ । (କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଖାରା



୪୪

ଦୀପକ ରଂଜନ ମିଶ୍ର

## ॥ ଜାପାନୀଙ୍କ ପୈଶାଚିକ ନୃତ୍ୟ ॥

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆଣ୍ଡାମାନରେ ଆବଶ୍ୟକତା ସ୍ଥଳେ ଉଡ଼ାଜାହାଜ ଓହ୍ଲାଇବା ଲକ୍ଷ୍ୟରେ ଇଂରେଜମାନେ ୧୯୪୧ ମସିହାରେ ଏକ ଅସ୍ଥାୟୀ ବିମାନଘାଟି ନିର୍ମାଣ କରିଥିଲେ । ଯାହାଫଳରେ ଛୋଟ ଉଡ଼ାଜାହାଜମାନେ ସେଠାରେ ଓହ୍ଲାଇବା ସହ ସେଠାରୁ ଉଡ଼ିବା ମଧ୍ୟ ସମ୍ଭବ ହୋଇ ପାରିଲା । କିନ୍ତୁ ଜାପାନୀ ଅଧିଗ୍ରହଣ ପରେ ଜଳପଥ ଅପେକ୍ଷା ଆକାଶପଥର ବ୍ୟବହାର ଅଧିକ ସୁରକ୍ଷିତ ମନେକରି ଜାପାନୀମାନେ ସେଇ ପୂର୍ବର ବିମାନଘାଟିର ସମ୍ପ୍ରସାରଣ କରିବାକୁ ସ୍ଥିର କରନ୍ତି । ସେମାନେ ଥିଲେ ଭାରି ପରିଶ୍ରମୀ ଜାତି । ନିଜେ ଦିନରାତି କଠିନ ପରିଶ୍ରମ କରିବା ସହ ଯୁଦ୍ଧବନ୍ଦୀ, ଅପରାଧୀ ତଥା ଦ୍ୱୀପବାସୀଙ୍କୁ ମଧ୍ୟ ବଳପୂର୍ବକ କାମରେ ନିୟୋଜିତ କରି ପୋର୍ଟବ୍ଲେୟାର ତଥା କାର୍ ନିକୋବରରେ ଦୁଇଟି ବିମାନଘାଟିର ନିର୍ମାଣ ମାତ୍ର ତିନିମାସ ଭିତରେ ସମ୍ପୂର୍ଣ୍ଣ କରିବାରେ ସଫଳ ହୁଅନ୍ତି । ଏଥର ଜାପାନୀ ଅଧିକୃତ ବର୍ମା ଓ ସିଙ୍ଗାପୁରରୁ ନିୟମିତ ଉଡ଼ାଣ ଆରମ୍ଭ ହୁଏ ଆଣ୍ଡାମାନକୁ । ଦ୍ୱୀପଗୁଡ଼ିକର ଆଭ୍ୟନ୍ତରୀଣ ଅଞ୍ଚଳକୁ ଗମନାଗମନର ସୁବିଧା କରିବା ଉଦ୍ଦେଶ୍ୟରେ ପକ୍କା ସଡ଼କର ନିର୍ମାଣ ମଧ୍ୟ କରାଯାଏ ଯୁଦ୍ଧକାଳୀନ ଭିତ୍ତିରେ । ଏସବୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ ନିଜ କାମରେ ହେଳା କିମ୍ବା ବାହାନା କଲେ ସେମାନଙ୍କୁ କଠୋର ଦଣ୍ଡ ଦିଆଯାଏ । କାମ କରୁକରୁ ଖଣ୍ଡିଆ ହୋଇଗଲେ କିମ୍ବା କୌଣସି ଶ୍ରମିକ ଅସୁସ୍ଥ ହୋଇ ପଡ଼ିଲେ ତାକୁ ବି ଜାପାନୀମାନେ ମିଛ ବାହାନା ବୋଲି ଭାବି ଔଷଧପତ୍ରର କିଛି ବି ବ୍ୟବସ୍ଥା କରୁ ନଥିଲେ । ବାହାରୁ ଅଣାଯାଉଥିବା ଔଷଧ ସବୁ ତାଙ୍କ ସୈନିକଙ୍କ ବ୍ୟବହାର ପାଇଁ ସାଇତି ରଖିବା ଯୋଗୁଁ ଦ୍ୱୀପବାସୀ ବାଧିକିରେ ଔଷଧ ଅଭାବରୁ ମୃତ୍ୟୁ ମୁଖରେ ପଡ଼ନ୍ତି । ରୋଗ, କୁପୋଷଣ ତଥା ଦୁରାଚାର ଯାହା ପ୍ରଥମେ ଅପରାଧୀଙ୍କ ପାଇଁ ଦଣ୍ଡବସ୍ତିର ଦୁର୍ଭାଗ୍ୟ ଥିଲା ତାହା ଏବେ ଜାପାନୀଙ୍କ ଶାସନକାଳରେ ସର୍ବସାଧାରଣଙ୍କ ପାଇଁ ଏକ ବିକଟ ସମସ୍ୟାର ରୂପନିଏ ।



ମେଜର ଏ. ଜେ ବାର୍ଡ

ସାମରିକ ପ୍ରତିଷ୍ଠାନଗୁଡ଼ିକର ନିର୍ମାଣ, ମରାମତି ତଥା ବିଦେଶରୁ ଜାହାଜରେ ଆସୁଥିବା ଖାଦ୍ୟସାମଗ୍ରୀ, ଗୋଳାବାରୁଦ ଇତ୍ୟାଦିକୁ ଜାହାଜରୁ ଓହ୍ଲାଇବା ସହ ଟ୍ରକ୍‌ରେ ବୋଝେଇ କରିବା ଇତ୍ୟାଦି କାମ ପାଇଁ ଦ୍ୱୀପବାସୀଙ୍କୁ ବାଧ୍ୟ କରାଯାଏ । ଆଣ୍ଡାମାନରେ ନଡ଼ିଆ ବ୍ୟତୀତ ସେମିତି ଅନ୍ୟ କୌଣସି ଚାଷ ହେଉ ନଥିବାରୁ ଖାଦ୍ୟସାମଗ୍ରୀ ପାଇଁ ସେମାନେ ମୂଳରୁ ଭାରତ ଉପରେ ନିର୍ଭର କରି ଆସୁଥିଲେ । ଏବେ ଜାପାନୀ ଅଧିଗ୍ରହଣ ପରେ ଭାରତରୁ ଖାଦ୍ୟ ପଦାର୍ଥ ଆସିବା ବଦଳରେ ସିଙ୍ଗାପୁର ତଥା ବର୍ମାରୁ ଦୁଇଟି ଜାହାଜରେ ଆସିବାକୁ ଲାଗେ । ଜାହାଜ ଆସିବା ଦିନ ଦ୍ୱୀପବାସୀଙ୍କୁ ଜେଟିରେ ଆସି ଏକତ୍ରିତ ହେବାକୁ ବାଧ୍ୟ କରାଯାଉଥିଲା । ସେମାନଙ୍କ ବୟସ, ପଦ କି ପ୍ରତିଷ୍ଠାରେ ଆଦୌ ଫରକ୍ ଦେଖୁନଥିଲେ ଜାପାନୀମାନେ । ଜାହାଜରୁ ମାଲ୍ ଖଲାସ୍ କରିବା ଥିଲା ସେମାନଙ୍କର ଦାୟିତ୍ୱ ।

ଦ୍ୱୀପର ସୁରକ୍ଷା ବ୍ୟବସ୍ଥା ପାଇଁ ଆବଶ୍ୟକୀୟ ନିର୍ମାଣକାର୍ଯ୍ୟର ସମାପ୍ତି ପରେ ଜାପାନୀମାନେ ଦ୍ୱୀପର ନାଗରିକ ପ୍ରଶାସନ ଉପରେ ନଜର ଦେବା ଆରମ୍ଭ କରନ୍ତି । ନୌସେନା ଅଧିକାରୀ କ୍ୟାପ୍‌ଟେନ୍ ଏଗୁଚିଙ୍କୁ ଦ୍ୱୀପର ଗଭର୍ଣ୍ଣର ପଦରେ ଆସୀନ କରାଯାଏ । ଅଜୁମା ନାମକ ଜଣେ ଓ୍ୱାରେଣ୍ଟ ଅଫିସର ଦଶ ବାରଜଣ ଅପରାଧୀଙ୍କୁ ସାଙ୍ଗରେ ନେଇ ଜଙ୍ଗଲ ଭିତରେ ବୁଲି ବୁଲି କୋଇଲା ତଥା ବିଭିନ୍ନ ଖଣିଜର ଅନ୍ୱେଷଣ କରିବାକୁ ଲାଗନ୍ତି । ହେଲେ ସେମାନଙ୍କ ପ୍ରକୃତ ଲକ୍ଷ୍ୟ ଥାଏ ସ୍ଥାନୀୟ ଅଧିବାସୀଙ୍କ ପାଖରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ । ଗୋଟିଏ ଗୋଟିଏ ଗାଁ ପାଖରେ ସେମାନେ ତମ୍ବୁ ପକାଇ ଦୀର୍ଘଦିନ ଅବସ୍ଥାନ କରିବା ସହ ଗ୍ରାମବାସୀଙ୍କୁ ମଦ ଓ ସିଗାରେଟ୍ ଭଳି ମାଦକଦ୍ରବ୍ୟର ଲୋଭ ଦେଖାଇ ତାଙ୍କ ନିକଟବର୍ତ୍ତୀ ହେବାକୁ ଚେଷ୍ଟା କରୁଥିଲେ । ମଦ ଟିକିଏର ଲୋଭରେ ଗ୍ରାମବାସୀମାନେ ଆପଣା ଭାଇବନ୍ଧୁଙ୍କ ଗୁପ୍ତ ତଥ୍ୟ ବି ସେମାନଙ୍କ ପାଖରେ ଖୋଲି କହିବା ଆରମ୍ଭ କରିଦିଅନ୍ତି । ତାଙ୍କର ଏଭଳି କର୍ମ ଯୋଗୁଁ ଦ୍ୱୀପବାସୀଙ୍କୁ ପଛକୁ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼େ । ଅଧିଗ୍ରହଣର ପ୍ରାରମ୍ଭିକ ଦିନମାନଙ୍କରେ ଦ୍ୱୀପର ମହିଳାମାନଙ୍କୁ ସୈନିକଙ୍କ କାମବାସନାର ଶିକାର ହେବାକୁ ପଡ଼ିଥିଲା । ହେଲେ କବ୍‌ଜା କରିବା ପରେ ଭାରତୀୟଙ୍କ ଧର୍ମଧାରଣାକୁ ତଥା ରକ୍ଷଣଶୀଳତାକୁ ଦୃଷ୍ଟିରେ ରଖି ସୈନିକଙ୍କୁ ଶକ୍ତ ନିର୍ଦ୍ଦେଶ ଦିଆହୁଏ ମହିଳାଙ୍କୁ ଅସଦାଚରଣ ପ୍ରଦର୍ଶନ ନକରିବା ପାଇଁ । ମେଜର ହୀରା କାବା ଅନେକ ମହିଳାଙ୍କୁ ସୈନିକଙ୍କ ଶିବିରରୁ ଉଦ୍ଧାର କରି ତାଙ୍କ ପରିବାରକୁ ଯଥାମାନ୍ୟ ଫେରାଇ ଦେବାଯୋଗୁଁ ଦ୍ୱୀପବାସୀଙ୍କ ମନରେ ମେଜରଙ୍କ ପ୍ରତି ସମ୍ମାନ ବୃଦ୍ଧି ପାଏ । ଜାପାନୀ ସୈନିକଙ୍କ ଯୌନ ଲାଳସାର ତୃପ୍ତି ନିମନ୍ତେ ତାଇଓ୍ୱାନ୍‌ରୁ ଯୁବତୀଙ୍କୁ ଚାଲାଣ କରି ଶିବିରରେ ରଖିବାର ବ୍ୟବସ୍ଥା କରାହୁଏ ପ୍ରଶାସନ ଦ୍ୱାରା ।

ନାଗରିକ ପ୍ରଶାସନ ଲାଗୁହେବାରୁ କିଛିମାସ ଦ୍ୱୀପବାସୀ ଓ ଜାପାନୀଙ୍କ ଭିତରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରହିବା ପରେ ପୁଣି ତାହା ବିଗିଡ଼ିବାକୁ ଲାଗେ ଇଂରେଜଙ୍କ ଦ୍ୱାରା ନିୟୋଜିତ ଗୁପ୍ତଚରଙ୍କ ଗତିବିଧି ଯୋଗୁଁ । ସନ୍ଦେହର ବୀଜାରୋପଣ ଯୋଗୁଁ ଜାପାନୀମାନେ ପୁନଃ ଅତ୍ୟାଚାରୀ ହୋଇ ଉଠନ୍ତି । ମିତ୍ରରାଷ୍ଟ୍ର ଗୁଡ଼ିକ ପ୍ରାରମ୍ଭିକ ପର୍ଯ୍ୟାୟରେ ଯୁଦ୍ଧକୁ ଏଡ଼ାଇ ଯିବା ସହ ଜାପାନୀଙ୍କୁ ଆଣ୍ଡାମାନ କବ୍‌ଜା କରିବାକୁ ଛାଡ଼ିଦେବାର କିଛିମାସ ପରେ ପୁଣି ଦ୍ୱୀପପୁଞ୍ଜରେ ନିଜ ଆଧିପତ୍ୟ ବଢ଼ାଇବା ପାଇଁ ପ୍ରୟାସରତ ରହନ୍ତି । କୁଶଳୀ ଗୁପ୍ତଚରଙ୍କୁ ବିଭିନ୍ନ ସ୍ଥାନକୁ ପ୍ରେରଣ କରି ତାଙ୍କଠୁଁ ତଥ୍ୟ ସଂଗ୍ରହ କରିବାରେ ଇଂରେଜମାନେ ଥିଲେ ଖୁବ୍ ସଫଳ । ଜାପାନୀ ଯୁଦ୍ଧ ଓ ମାଲବାହୀ ଜାହାଜଙ୍କ ଗିତିବିଧିର ଖବର ଓ୍ୱାୟରଲେସ୍ ମାଧ୍ୟମରେ ନିୟମିତ ତାଙ୍କ ପାଖରେ ପହଞ୍ଚିବାକୁ ଲାଗେ । ଜାପାନୀ ସୈନିକଙ୍କ ବିଭିନ୍ନ ଗତିବିଧିର ଖବର ବି ପହଞ୍ଚିଯାଏ । ଠିକଣା ଜାଗାରେ ନିର୍ଦ୍ଦିଷ୍ଟ ସମୟରେ ମିତ୍ରରାଷ୍ଟ୍ରଙ୍କ ଦ୍ୱାରା ବୋମାମାଡ଼ ହେବାରୁ ଜାପାନୀଙ୍କ ବହୁତ କ୍ଷୟକ୍ଷତି ହୁଏ । ମିତ୍ରରାଷ୍ଟ୍ରଙ୍କ ପାଖରେ ଦ୍ୱୀପର ଗିତିବିଧିର ସମସ୍ତ ଗୁପ୍ତ ଖବର ପହଞ୍ଚିବା ଦେଖି ଜାପାନୀମାନେ ଆଶ୍ଚର୍ଯ୍ୟ ହୁଅନ୍ତି । ଶତଚେଷ୍ଟା କରି ବି ଗୁପ୍ତଚରଙ୍କ ବିଷୟରେ ସାମାନ୍ୟ ସୂଚନା ମଧ୍ୟ ପାଇବାରେ ବିଫଳ ହେବାରୁ ସ୍ଥାନୀୟ ଦ୍ୱୀପବାସୀଙ୍କ ଉପରେ ତାଙ୍କର ସନ୍ଦେହ ଘନିଭୂତ ହେବାକୁ ଲାଗେ । କାହାରି ଗତିବିଧି ସେମାନଙ୍କୁ ଟିକିଏ ବି ସନ୍ଦେହଜନକ ମନେହେଲେ ତତ୍‌କ୍ଷଣାତ୍ ତାକୁ ବାନ୍ଧିନେଇ ଜେଲ୍ ଭିତରେ ନିର୍ଯ୍ୟାତନା ଦେବାକୁ ଲାଗନ୍ତି । ହେଲେ ପ୍ରତ୍ୟେକ ଗିରଫଦାରୀ ପରେ ସେମାନଙ୍କୁ ବିଫଳତାର ହିଁ ମିଳେ । ଜେଲ୍‌ରେ ବନ୍ଦୀଙ୍କ ସଂଖ୍ୟାରେ ମାତ୍ରାଧିକ ବୃଦ୍ଧି ଘଟେ । ସାଧାରଣ ଦ୍ୱୀପବାସୀ ତଥା ସ୍ଥାନୀୟ ଅଧିକାରୀଙ୍କୁ ମଧ୍ୟ ସନ୍ଦେହ ଆଳରେ ଗିରଫ୍ କରି ଜେଲ୍‌ରେ ରଖି ଅମାନବୀୟ ଯନ୍ତ୍ରଣା ଦିଆଯାଏ । ନିର୍ଯ୍ୟାତନା ସହି ନପାରି ଅଧିକାଂଶ ବନ୍ଦୀଙ୍କ ଜେଲ୍ ଭିତରେ ମୃତ୍ୟୁ ଘଟୁଥିବା ବେଳେ ଅନେକ ପାଗଳ ବି ହୋଇଯାଆନ୍ତି । ଯେଉଁ କେତେଜଣ ସୌଭାଗ୍ୟବଶତଃ ଜେଲ୍‌ରୁ ମୁକୁଳିବାର ସୁଯୋଗ ପାଆନ୍ତି ସେମାନଙ୍କୁ ମୁକ୍ତି ଦେବା ପୂର୍ବରୁ ଶପଥ କରିବାକୁ ହୁଏ ଜେଲ୍ ଭିତରର ନିର୍ଯ୍ୟାତନା ବିଷୟରେ ବାହାରେ କାହାପାଖରେ କିଛି ପ୍ରକାଶ ନକରିବା ପାଇଁ । କିଭଳି ଭୟାନକ ଥିଲା ଜାପାନୀଙ୍କ ଉତ୍ପୀଡ଼ନ ଯେ ତାହାର ଖବର ସଭ୍ୟ ରାଷ୍ଟ୍ରଗୁଡ଼ିକରେ ପ୍ରଚାରିତ ହେଲେ ତାଙ୍କର ଭଦ୍ରମୁଖା ଖୋଲିଯିବ ବୋଲି ସେମାନେ ବି ଆଶଂକାଗ୍ରସ୍ତ ରହୁଥିଲେ ତାହା ଭାବି ଆଶ୍ଚର୍ଯ୍ୟ ଲାଗେ ।

ଜାପାନୀଙ୍କ ଶାସନକାଳରେ ସେଲ୍ୟୁଲାର ଜେଲ୍ ମଧ୍ୟରେ କିଛିମାସ ବିତାଇ ସୌଭାଗ୍ୟବଶତଃ ଜୀବନ ଧରି ଫେରି ଆସିଥିବା କିଛି ବ୍ୟକ୍ତିଙ୍କ ପାଖରୁ ତାଙ୍କ ସେ ସମୟର ଅନୁଭୂତି ବିଷୟରେ ଶୁଣିବାକୁ ମିଳେ । ଜେଲ୍ ଭିତରେ ସେମାନଙ୍କୁ ଦିଆଯାଉଥିବା ନିର୍ଯ୍ୟାତନା ବାସ୍ତବରେ ଥିଲା ଖୁବ୍ ଅମାନବୀୟ ତଥା ମରଣାନ୍ତକ । ଗୁପ୍ତଚର ସନ୍ଦେହରେ ବନ୍ଦୀ କରାଯାଉଥିବା ଲୋକଙ୍କୁ ତାଙ୍କ ଗୁପ୍ତ କାର୍ଯ୍ୟକଳାପ ବିଷୟରେ ପଚାରି ଆବଶ୍ୟକତା ମୁତାବକ ଉତ୍ତର ନପାଇବାରୁ କେତେକଙ୍କୁ ନିର୍ଘାତ୍ ମାଡ଼ ମରାହେଉଥିଲା । ହାତଯୋଡ଼ିକୁ ବାନ୍ଧିଦେଇ ଚମଡ଼ା ଫାଟି, ମାଂସ ଝୁଲିବା ସହ ରକ୍ତ ଝରଝର ବୋହିବା ପର୍ଯ୍ୟନ୍ତ ପିଟିବା ପରେ ତାକୁ ସେଇମିତି ଛଟପଟ ହେଉଥିବା ଅବସ୍ଥାରେ ନେଇ ସେଲ୍ ଭିତରେ ଫିଙ୍ଗି ଦିଆଯାଉଥିଲା । ସମଗ୍ର ଶରୀରରେ ସୃଷ୍ଟି ହୋଇଥିବା କ୍ଷତଗୁଡ଼ିକର ଚିକିତ୍ସା ବିଷୟରେ କିଛି ବି ବ୍ୟବସ୍ଥା କରନ୍ତି ନାହିଁ ସେମାନେ । କିଛିଦିନ ପରେ ଘା'ଗୁଡ଼ିକ ପାଚି ତହିଁରେ ପୂଜ ଭରିଯିବାରୁ ଅସହ୍ୟ କଷ୍ଟ ଭୋଗ କରିବାକୁ ପଡ଼େ ବନ୍ଦୀକୁ । ତା' ସହିତ ପୁଣି ଅନ୍ଧାରୁଆ ସେଲ୍ ଭିତରେ ମଶା ଓ ଡାଆଁଶଙ୍କ ଦୌରାତ୍ମ୍ୟ । କ୍ରମେ ପୋକ ସାଲୁବାଲୁ ହେବାକୁ ଲାଗନ୍ତି କ୍ଷତସ୍ଥାନ ମାନଙ୍କରେ । ଯେତେ ଗଳାଫଟାଇ ଚିତ୍କାର କଲେ କି ହାତଯୋଡ଼ି ନେହୁରା ହେଲେ କେହି ଶୁଣିବାକୁ ନଥାନ୍ତି । ଜୀବନ ଧାରଣ ପାଇଁ କେବେ କେମିତି ଭାତ ମୁଠାଏ କି ପାଣି ଟାଟିଏ ଗଳେଇ ଦିଆହେଉଥାଏ ଲୁହା ରେଲିଙ୍ଗ୍ ଫାଙ୍କରେ । ସେଇମିତି ପଡ଼ି ପଡ଼ି ବନ୍ଦୀର ପ୍ରାଣବାୟୁ କେତେବେଳେ ଉଡ଼ିଯାଏ କେହି ଜାଣି ପାରନ୍ତି ନାହିଁ । ବର୍ମା ଓ ସୁଲ୍‌ତାନ୍ ନାମକ ଦୁଇଜଣ ଅପରାଧୀଙ୍କୁ ଜାପାନୀମାନେ ଏଇ ମାଡ଼ ମାରିବା କର୍ମରେ ନିଯୁକ୍ତି ଦେଇଥାନ୍ତି । ତାଙ୍କ କାମରେ ସେମାନେ ଥିଲେ ଖୁବ୍ କୁଶଳୀ । ଦୁଇଇଞ୍ଚ ଚଉଡ଼ାର ଚମଡ଼ା ଉପରେ ମାଡ଼ ମାରି ତିରିଶଟି କଟାଦାଗ ସୃଷ୍ଟି କରିବାରେ ସେମାନେ ଥିଲେ ସିଦ୍ଧହସ୍ତ । ତାଙ୍କୁ ମାସିକ ବେତନ ସହିତ ଦୈନିକ ଦୁଇ ପାଉଣ୍ଡ ଓଜନର କ୍ଷୀର ଓ ପର୍ଯ୍ୟାପ୍ତ ପରିମାଣର ପୌଷ୍ଟିକ ଖାଦ୍ୟ ଯୋଗାଇ ଦେଉଥିଲା ଜେଲ କର୍ତ୍ତୃପକ୍ଷ । ଜାପାନୀ କମାଣ୍ଡର ହସୀଦା ଓ ନାଗରସା ଏଇ ମାଡ଼ମରା ତଦାରଖ ଦାୟିତ୍ୱରେ ଥିଲେ ।

କିଛି ବନ୍ଦୀଙ୍କୁ 'ଜଳ ଉପଚାର' ନାମକ ନିର୍ଯ୍ୟାତନା ଭୋଗ କରିବାକୁ ପଡୁଥିଲା । ପଟାଖଟରେ ବନ୍ଦୀକୁ ଚିତ୍ କରି ଶୁଆଇ ହାତ, ଗୋଡ଼, ଅଣ୍ଟା ତଥା ଛାତିକୁ ଖଟ ସହିତ ଶକ୍ତକରି ବାନ୍ଧିଦିଆହେଉଥିଲା ମୋଟା ଦଉଡ଼ିରେ । ତା'ପରେ ବନ୍ଦୀର ମୁହଁ ଉପରେ ପାଣି ଢଳାଚାଲୁଥିଲା ଲଗାତାର । ଏଭଳି ପରିସ୍ଥିତିରେ ନିଃଶ୍ୱାସ ନେବା ଅସମ୍ଭବ ହୋଇ ପଡ଼ିବାରୁ ନାହିଁ ନଥିବା ଯନ୍ତ୍ରଣା ଭୋଗ କରୁଥିଲା ବନ୍ଦୀ । ଆକ୍ତାମାକ୍ତା ହୋଇ ପବନ ବଦଳରେ ପାଣି ଟାଣି ନେଉଥିଲା ଶ୍ୱାସନଳୀ ବାଟେ । ଫୁସ୍‌ଫୁସ୍‌ରେ ଅତ୍ୟଧିକ ପାଣି ପଶିଯିବାରୁ ପ୍ରବଳ କାଶ ଆରମ୍ଭ ହେଇଯାଉଥିଲା । ତା'ର ଅସହାୟ ଅବସ୍ଥା ଦେଖି ତାଳିମାରି ହୋ ହୋ ହୋଇ ହସୁଥିଲେ ଜାପାନୀ ସୈନିକମାନେ । ତାଙ୍କ ହସରେ ଲୁଚି ଯାଉଥିଲା ନିର୍ଯ୍ୟାତିତ ବନ୍ଦୀର ଗଁ ଗଁ ଶବ୍ଦ । ବନ୍ଦୀ ବେହୋସ ହେବା ପର୍ଯ୍ୟନ୍ତ ଅନବରତ ପାଣି ଢଳା ଜାରି ରହୁଥିଲା ତା' ମୁହଁ ଉପରେ । ତାକୁ ସେଇ ଅଚେତ ଅବସ୍ଥାରେ ଟେକିନେଇ ଫିଙ୍ଗି ଦିଆଯାଉଥିଲା ସେଲ୍ ଭିତରେ । ଉପଚାରର କୌଣସି ଉଦ୍ୟମ ନହେବା ଯୋଗୁଁ ଆସ୍ତେ ଆସ୍ତେ ବନ୍ଦୀ ନିମୋନିଆଁର ଶିକାର ହୋଇ ଦିନ କେଇଟା ଭିତରେ ମୃତ୍ୟୁବରଣ କରୁଥିଲା ।

ଏକ ଭିନ୍ନ ପ୍ରକାରର ମନୋରଞ୍ଜନର ଖୋରାକ ଯୋଗାଉଥିଲା ଇଲେକ୍ଟ୍ରିକ୍ ଟ୍ରିଟ୍‌ମେଣ୍ଟ୍ । ବନ୍ଦୀକୁ ସମ୍ପୂର୍ଣ୍ଣ ଉଲଗ୍ନ କରି ହାତକଡ଼ି ପିନ୍ଧାଇ କାନ୍ଥରେ ବାନ୍ଧି ଦିଆଯାଏ । ୨୫୦ ଭୋଲ୍ଟ ପ୍ରବାହିତ ହେଉଥିବା ପୋଜିଟିଭ୍ ଓ ନେଗେଟିଭ୍ ତାରକୁ ବିଭିନ୍ନ ଅଙ୍ଗରେ ଛୁଆଁଇବାରୁ ଅତ୍ୟଧିକ ଯନ୍ତ୍ରଣାରେ ଛାଟିପିଟି ହୋଇ ବନ୍ଦୀ ଗଳାଫଟା ଚିତ୍କାର କରିଉଠେ । ତା' ବିକଳ ଅବସ୍ଥା ଦେଖି ଉପସ୍ଥିତ ସୈନିକମାନେ ଉଚ୍ଚ ସ୍ୱରରେ ହସି ତାକୁ ଖତେଇ ହେବାକୁ ଲାଗନ୍ତି । ମରଣାନ୍ତକ ଚିତ୍କାର ଓ ବ୍ୟଙ୍ଗାତ୍ମକ ହସର ସମବେତ ଶବ୍ଦ ପ୍ରତିଧ୍ୱନି ତୋଳିବାକୁ ଲାଗେ ସେଲ୍ୟୁଲାର ଜେଲ୍ ଭିତରେ । ଅନ୍ୟ ବନ୍ଦୀମାନେ ଭୟରେ ଶିହରି ଉଠୁଥାନ୍ତି ଆପଣା ଭବିଷ୍ୟତ କଳ୍ପନା କରି । କିଛି କିଛି ଦିନ ବ୍ୟବଧାନରେ ଏଭଳି ସକ୍ ବନ୍ଦୀଙ୍କୁ ଦିଆଯାଏ ସେ ସମ୍ପୂର୍ଣ୍ଣ ପାଗଳ ହେବା ପର୍ଯ୍ୟନ୍ତ ।

ମୁଖ୍ୟତଃ ମହିଳା ବନ୍ଦୀମାନଙ୍କୁ ନିଆଁ ଜଳାଇ ଚେଙ୍କା ଦେବାରେ ଅଧିକ ଆନନ୍ଦ ଅନୁଭବ କରୁଥିଲେ ଜାପାନୀମାନେ । ତାକୁ ସମ୍ପୂର୍ଣ୍ଣ ଉଲଗ୍ନ କରି ତା' ଅଣ୍ଟାରେ ଦଉଡ଼ି ବାନ୍ଧି ଝୁଲେଇ ଦିଆ ହେଉଥିଲା ଛାତରୁ । ଦୁଇ ଗୋଡ଼କୁ ଫେର୍‌କା କରି ଅଲଗା ଅଲଗା ଖୁଣ୍ଟରେ ବାନ୍ଧିଦେବା ଯୋଗୁଁ ବନ୍ଦୀ ଜଣକ ଭୂମି ସହ ସମାନ୍ତରାଳରେ ଝୁଲିରହେ । ଠିକ୍ ତା'ର ଗୁପ୍ତାଙ୍ଗ ତଳକୁ କାଗଜ ଓ ଶୁଖିଲା ପତ୍ର ଗଦା କରି ତହିଁରେ ନିଆଁ ଲଗାଇ ଦିଆଯାଏ । ହୁତୁହୁତୁ ହୋଇ ଜଳୁଥିବା ନିଆଁର ଧାସରେ ସିଝିଯାଏ ଜଙ୍ଘ, ପେଟ ତଥା ଛାତିର କିଛି ଅଂଶ । ତୀବ୍ର ଜ୍ୱଳନରେ ବନ୍ଦୀ ଛଟପଟ ହେବାବେଳେ ସେଇ ଦୃଶ୍ୟକୁ ଉପଭୋଗ କରୁଥିଲେ ଜାପାନୀ ସୈନିକମାନେ । କ୍ରମଶଃ ଉତ୍ତେଜିତ ହୋଇ ବିଭିନ୍ନ ପ୍ରକାର ଅଶ୍ଳୀଳ ଅଙ୍ଗଭଙ୍ଗୀ ସହ ସେମାନେ ତା' ଚାରିପଟେ ଉଦ୍ଦଣ୍ଡ ନୃତ୍ୟ କରିବାକୁ ଲାଗନ୍ତି । ବେଳେ ବେଳେ ବନ୍ଦୀଙ୍କ ଶରୀରର ସ୍ଥାନେ ସ୍ଥାନେ ଟିକିଏ ପେଟ୍ରୋଲ ଢାଳି ନିଆଁ ଲଗାଇ ଦିଆଯାଏ । କିଛି ସମୟ ଜଳିବା ପରେ ନିଆଁ ଲିଭିଗଲେ ବି ଯନ୍ତ୍ରଣାରୁ ନିସ୍ତାର ମିଳେନି ତାକୁ । ସେଇ ପୋଡ଼ା ଜାଗାରେ ଲୁଣ କିମ୍ବା ଲଙ୍କାଗୁଣ୍ଡ ଭରିଦେଇ ବ୍ୟାଣ୍ଡେଜ୍ ବାନ୍ଧି ଦିଅନ୍ତି ନିଷ୍ଠୁର ଜାପାନୀମାନେ । କେବେ ପୁଣି ଲୁହାପିନ୍‌କୁ ଗରମ କରି ଆଙ୍ଗୁଠିର ନଖତଳେ ଗଳେଇ ଦିଆଯାଏ । କାଳକ୍ରମେ ସେଇ ଲୁହାକଣ୍ଟା ନଖ ତଳେ ଘା' କରିଦେଇ ଭୀଷଣ କଷ୍ଟ ଭୋଗର କାରଣ ବନିଯାଏ ।

ଇଂରେଜଙ୍କ ଅମଳରେ ରାଜବନ୍ଦୀଙ୍କୁ ନାହିଁ ନଥିବା ନିର୍ଯ୍ୟାତନା ଦିଆଯାଇଥିବା ସେଲ୍ୟୁଲାର ଜେଲ୍ ଏବେ ଦେଖୁଥିଲା ମାନବତା ବିରୁଦ୍ଧରେ ଜାପାନୀଙ୍କ ପୈଶାଚିକ ନୃତ୍ୟ । ନିର୍ଜୀବ ପଥର ଓ ଇଟାମାନେ ତଉଲିବାକୁ ଚେଷ୍ଟା କରୁଥିଲେ ଫିରଙ୍ଗୀଙ୍କୁ ଜାପାନୀଙ୍କ ସହିତ ..... (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୩୦ ଅକ୍ଟୋବର, ୨୦୨୨
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ଈଶ୍ୱରଙ୍କ ଆର୍ଶିବାଦ

## ସୁବ୍ରତ ପଟ୍ଟନାୟକ

ବ୍ୟାସକବି ଫକୀରମୋହନ ସେନାପତିଙ୍କ ପଦାଙ୍କ ଅନୁସରଣ କରୁଥିବା ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ଏକ ପ୍ରତିଷ୍ଠିତ ଖବରକାଗଜରେ ବେଶ୍ ଗୁଣ କୀର୍ତ୍ତନ କରାଯାଇଛି । ସେ ବ୍ୟକ୍ତି ଜୀବିତାବସ୍ଥାରେ ନିଜର ପ୍ରତିମୂର୍ତ୍ତି ନିଜେ ସ୍ଥାପନ କରିବାପାଇଁ ଉଦ୍ୟମ କରୁଥିବାରୁ, ଘଟଣାଟିକୁ ବ୍ୟାସକବିଙ୍କ ସହିତ ସଂଯୋଗ କରାଯାଇଛି । ଏହି ବ୍ୟକ୍ତିଙ୍କ ନାମ, ଫଟୋ, ପରିଚୟ ସହିତ ଯେଉଁ ଢ଼ୋଲ ପିଟାଯାଇଛି, ତାହା ମହାପୁରୁଷଙ୍କ ମହିମାଠୁ ବଳି ଯାଇଛି । ବ୍ୟକ୍ତିଜଣକ ଗେରୁଆ ବସ୍ତ୍ର ପିନ୍ଧୁଛନ୍ତି । ନିଶ, ଦାଢ଼ି ଛାଡ଼ି, 'ବାପା' ପାଲଟିଛନ୍ତି । ଜଣେ ମୁକ୍ତବୃତ୍ତ ସ୍ତମ୍ଭକାର ଭାବେ, ତାଙ୍କ ସମ୍ପର୍କରେ ଅଧିକ ଜାଣିବାପାଇଁ ଆଗ୍ରହୀ ହେଲୁ । ଓରାଳି ବଜାରରେ ଥିବା ବାବାଙ୍କ ନୂଆ ଘର ବୁଲି ଦେଖିଲୁ । ସ୍ଥାନୀୟ ବ୍ୟବସାୟୀ, ଦୋକାନୀ ଓ ଅନ୍ୟ ବାସୀନ୍ଦାଙ୍କଠାରୁ ଯେଉଁ ମତାମତ ସଂଗ୍ରହ କଲୁ, ସେସବୁକୁ ଅକ୍ଷରେ ଉଲ୍ଲେଖ କରୁଚେ ।

ଆମେ ଜାଣିବାକୁ ପାଇଲୁ, ବାବାଙ୍କ ପୈତୃକ ଘର ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆପଣ୍ଡା ଗ୍ରାମରେ । ତାଙ୍କ ବୟସ ୬୪ । ଶିକ୍ଷାଗତ ଯୋଗ୍ୟତା ସପ୍ତମ ଶ୍ରେଣୀ । ଏହି ସ୍ତମ୍ଭରେ ତାଙ୍କ ନାମକୁ ଆମେ ସମ୍ପୂର୍ଣ୍ଣ ଗୋପନ ରଖୁଚେ । କେବଳ ଘଟଣାଗୁଡ଼ିକ ବଖାଣିବାକୁ ଚାହୁଁଚେ । ପ୍ରାୟ ୩୦ ବର୍ଷ ପୂର୍ବେ ବାବା ଦୁଇଟି ପୁରୁଣା ଆନ୍ଧ୍ରା- ବସ୍ କିଣି, ଭଦ୍ରକ- ଆନନ୍ଦପୁର ରୁଟ୍‌ରେ ଚଳାଉଥିଲେ । ସେତେବେଳେ ତାଙ୍କର ବେଶ୍ ପତିଆରା ଦାଦାଗିରି ବି ଥିଲା । ପ୍ରତିଦ୍ୱନ୍ଦ୍ୱୀ ବସଗୁଡ଼ିକୁ ସେ ଜବରଦସ୍ତ ରାସ୍ତାରେ ଅଟକାଇ ହଇରାଣ ହରକତ କରୁଥିଲେ । ଏହି କାରଣରୁ, ଭଦ୍ରକ ବସ୍ ମାଲିକ ସଂଘ ସହିତ ତାଙ୍କର ସବୁବେଳେ ବିବାଦ ଉପୁଜୁଥିଲା । ବନ୍ତ ଥାନାରେ ବାବାଙ୍କ ନାମରେ ଅନେକ ଅପରାଧିକ ରେକର୍ଡ ରହିଛି ।

ଅତୀତରେ, ଓରାଳି ବଜାରରେ ଆପଣ୍ଡା ଗ୍ରାମର ନଟବର ପାଣ୍ଡେ (ନଟିଆ ନନା) ନାମକ ଜଣେ ଧର୍ମପ୍ରାଣ ଦୋକାନୀ ତ୍ରିନାଥ ମନ୍ଦିରଟିଏ ତୋଳିଥିଲେ । ରାଜରାସ୍ତା ଚଉଡ଼ା ହେବା ଫଳରେ ମନ୍ଦିରଟିକୁ ଭାଙ୍ଗି ଦିଆଯାଇଥିଲା । କ୍ଷତିପୂରଣ ବାବଦକୁ ସରକାରଙ୍କ ତରଫରୁ ନଟିଆ ନନାଙ୍କୁ ଯେଉଁ ଅର୍ଥ ମିଳିଥିଲା, ତାହା ମହାଦେବ ମନ୍ଦିର ନିର୍ମାଣ ଲାଗି ସେ ସମ୍ପୂର୍ଣ୍ଣ ଦାନ କରିଥିଲେ । ସେହି ଅର୍ଥରେ ମନ୍ଦିର ନିର୍ମାଣ କରି ସର୍ବସାଧାରଣଙ୍କ ନାମରେ ରେକର୍ଡଭୁକ୍ତ କରାଇଦେବେ ବୋଲି ବାବା ପ୍ରତିଶ୍ରୁତି ଦେଇଥିଲେ । ଆପଣ୍ଡା, ଓରାଳି, ବନ୍ତ, ବସନ୍ତିଆ, ବରକୋଣା ଆଦି ଗ୍ରାମରେ ଶ୍ରଦ୍ଧାଳୁଗଣ ସେଥିଲାଗି ଅକୁଣ୍ଠିତ ଚିତ୍ତରେ ଅର୍ଥ ସାହାଯ୍ୟ କରିଥିଲେ । ମାତ୍ର, ମନ୍ଦିର ପ୍ରତିଷ୍ଠା ହେବାର ମାସକ ମଧ୍ୟରେ ବାବା ଟଂଚକତା କରି ଉକ୍ତ ମନ୍ଦିରକୁ ସ୍ୱଅର୍ଜିତ ସମ୍ପତ୍ତି ବୋଲି ଘୋଷଣା କଲେ । ମନ୍ଦିରରେ ନୀତିକାନ୍ତି କରୁଥିବା ପୂଜକଙ୍କୁ ଗାଳିଗୁଲଜ କରି ତଡ଼ିଦେଲେ । ସର୍ବସାଧାରଣଙ୍କୁ ମନ୍ଦିର ପ୍ରବେଶ ନିଷେଧ କରାଗଲା । ଭକ୍ତଗଣଙ୍କୁ ଭଗବାନଙ୍କଠାରୁ ଦୂରେଇ ଦିଆଗଲା । ପରେ, ବାବାଙ୍କ ବସ୍ ବ୍ୟବସାୟ ଡୁବିବାରେ ଲାଗିଲା ।

ଇୟେ ଗଲା ପ୍ରଥମ ଅଧ୍ୟାୟ । ଏବେ ଆସିବା ଦ୍ୱିତୀୟ ଅଧ୍ୟାୟକୁ । ଓରାଳି ବସ୍‌ଷ୍ଟପରେ, କେନ୍ଦୁଝର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ଅନୁଦାନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ଯାତ୍ରୀ-ବିଶ୍ରାମାଗାର ନିର୍ମାଣ କରାଯାଇଛି । ଅତ୍ୟାଧୁନିକ ବିଶ୍ରାମାଗାରରେ ବିଦ୍ୟୁତ୍ ସଂଯୋଗ, ପାନୀୟଜଳ ଯୋଗାଣ ଓ ମହିଳା ଶୌଚାଳୟ ଆଦି ବ୍ୟବସ୍ଥା କରାଯାଇଛି । ମାତ୍ର ସରକାରଙ୍କ ମହତ୍ ଉଦ୍ଦେଶ୍ୟକୁ ଭଣ୍ଡୁର କରାଇବା ଉଦ୍ଦେଶ୍ୟରେ, ବାବା ଏହା ସମ୍ମୁଖରେ ଆଉ ଏକ ଯାତ୍ରୀ-ବିଶ୍ରାମାଗାର ନିର୍ମାଣ କରିଛନ୍ତି । ସରକାରୀ ଜମି ଜବରଦଖଲ କରି ଉକ୍ତ ବିଶ୍ରାମାଗାରକୁ 'ଧର୍ମଶାଳା' ଆଖ୍ୟା ଦେଇଛନ୍ତି । ନିଜର ନାମ ଅନୁସାରେ ଧର୍ମଶାଳାର ନାମ ରଖାଯାଇଛି । ସେଠାର ମାଗଣା ବାଇକ୍ ଓ ସାଇକେଲ ଷ୍ଟାଣ୍ଡ ଫଳକ ଲଟକାଇ, ଯାତ୍ରୀବାହୀ ବସ୍‌ଗୁଡ଼ିକରୁ ପ୍ରତି ସୋମବାର ସାପ୍ତାହିକ ଚାନ୍ଦା ଅସୁଲ କରୁଛନ୍ତି । ପିଚୁ ରାସ୍ତାକୁ ଲଗାଇ ଏକ କଂକ୍ରିଟ ବନ୍ଧ ନିର୍ମାଣ କରିଥିବାରୁ, ବିଭିନ୍ନ ସମୟରେ ଦୁର୍ଘଟଣା ଘଟିବାରେ ଲାଗିଛି । ଓରାଳିରେ ସରକାର ହାଇମାକ୍ସ- ସାଇନବୋର୍ଡ଼ ଓ ବିଜୁଳିବତୀ ଲଗାଇବାର ନିୟମ ଥିଲେ ହେଁ, ବାବା ତାହା କରାଇ ଦେଉନାହାନ୍ତି । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ, ପୂର୍ତ୍ତମନ୍ତ୍ରୀ, ୫ଟି ସଚିବ, ପୁଲିସ ଡିଜି, ଏସପି ପ୍ରମୁଖଙ୍କ ନିକଟକୁ ଗ୍ରାମବାସୀଙ୍କ ପକ୍ଷରୁ ଲିଖିତ ଅଭିଯୋଗ ପଠାଯାଇଛି । କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ଭାଇଚାରାକୁ ବାବା ନଷ୍ଟ କରୁଛନ୍ତି । ଆତ୍ମପ୍ରଚାର ସର୍ବସ୍ୱ ବାବା ନିଜର ହୀନ ସ୍ୱାର୍ଥ ସାଧନ ଲାଗି ଗ୍ରାମବାସୀଙ୍କ ମନରେ ବିଷମଂଜି ବୁଣୁଛନ୍ତି ।

ଅନ୍ତିମ ଅଧ୍ୟାୟ ଲେଖି, ଏହି ସ୍ତମ୍ଭ ଶେଷ କରିବା । ବାବାଙ୍କ ଆଚରଣରେ ଅତିଷ୍ଠ ହୋଇ ତାଙ୍କୁ ଘରୁ ତଡ଼ି ଦିଆଯାଇଥିବା, ପରିବାର ପକ୍ଷରୁ କୁହାଯାଇଛି । ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ଏକ ଘରକିଆ । ଏହାସତ୍ତ୍ୱେ ସେ ନିଜର ଦାଦାଗିରି ଜାହିର ରଖିଛନ୍ତି । ଓରାଳି ବଜାରକୁ ନିଜ ନାମରେ ନାମିତ କରିବାପାଇଁ କଳ-ବଳ-କୌଶଳ ଅବଲମ୍ବନ କରୁଛନ୍ତି । କୌତୁହଳର ବିଷୟ, ଜୀବିତବସ୍ଥାରେ ନିଜର ପ୍ରତିମୂର୍ତ୍ତି ବଜାରରେ ସ୍ଥାପନ କରିବାପାଇଁ ସେ ସମସ୍ତ କ୍ଷେତ୍ର-ପ୍ରସ୍ତୁତି ଶେଷ କରିଛନ୍ତି । କାରିଗର ଦ୍ୱାର ନିଜର ମୂର୍ତ୍ତି ଗଢ଼ାଇ, ଘରେ ଯତ୍ନର ସହିତ ସାଇତିଛନ୍ତି । ନିଜ ନାମରେ ମାର୍ବଲ ଫଳକ ମଧ୍ୟ ଲେଖାଇ ସାରିଛନ୍ତି । ପିଣ୍ଡି ନିର୍ମାଣ ସରିଛି । କେବଳ ମୂର୍ତ୍ତି ସ୍ଥାପନ ହେବାକୁ ରହିଛି ବାକି । ଜ୍ୟୋତିଷ, ବ୍ରାହ୍ମଣଙ୍କ ସହିତ ତିଥି ଗଣନା ଚାଲିଛି । ମୂର୍ତ୍ତି କେବେ ପ୍ରତିଷ୍ଠା ହେବ, ଖୁବ୍‌ଶୀଘ୍ର ଜଣାପଡ଼ିବ । ଏଭଳି ବ୍ୟକ୍ତିଙ୍କୁ ବ୍ୟାସକବିଙ୍କ ସହିତ ତୁଳନା କେତେ ପ୍ରାସଙ୍ଗିକ, ତାହା ଜନସାଧାରଣ ବିଚାର କରିବେ । ନୀତିବାଣୀରେ ଲେଖାଅଛି- ନିଃସ୍ୱାର୍ଥପର ସେବା କରୁଥିବା ଲୋକଙ୍କୁ ଯଶ ଅର୍ଜନ କରିବାପାଇଁ ଆଦୌ କସରତ୍ କରିବାକୁ ପଡ଼େନାହିଁ । ଈଶ୍ୱର ଆପଣାଛାଏଁ ତାଙ୍କ ଉପରେ କୃପା ଓ କରୁଣା ବୃଷ୍ଟି କରନ୍ତି । ଆମେ ପ୍ରାର୍ଥନା କରୁଚେ- ବାବାଙ୍କ ଚୈତନ୍ୟ ଉଦୟ ଘଟୁ । ସେ ଶତାୟୁ ହୁଅନ୍ତୁ ଓ ସତମାର୍ଗକୁ ଫେରନ୍ତୁ । ତାହେଲେ ଗ୍ରାମବାସୀଗଣ ତାଙ୍କ ମୂର୍ତ୍ତିକୁ ଶ୍ରଦ୍ଧା ଓ ସମ୍ମାନର ସହିତ ଯଥା ସମୟରେ ପ୍ରତିଷ୍ଠା କରିବେ । ମାତ୍ର, ତାଙ୍କର ଗ୍ରାମବାସୀଙ୍କ ଉପରେ ସେତିକି ବିଶ୍ୱାସ ଅଛି ତ ? ?

ଓରାଳି, କେନ୍ଦୁଝର, ମୋ: ୯୯୩୭୭୯୧୨୪୪

# ଜୀବନର ଧାରା

## ଡକ୍ଟର ମନୋରଞ୍ଜନ ବିଷୋୟୀ

ସମୟର ତୀରେ ତୀରେ ମଣିଷର ଅସ୍ଥିର ଅଭିବ୍ୟକ୍ତି ସର୍ବଦା ବିଭିନ୍ନ ସ୍ତରରେ ରୂପଲାଭ କରିଥାଏ । ଅସୁମାରୀ ସ୍ୱପ୍ନକୁ ନେଇ ଅଥୟ ହୁଏ ମଣିଷ ଏବଂ ତା'ର ମନେହୁଏ ତା'ପରି ବିଶ୍ୱର ସବୁକିଛି ଅସ୍ଥିର ଓ ଚଞ୍ଚଳ । କିନ୍ତୁ ବାସ୍ତବିକ ନା' ସମୟ, ନା' ଆକାଶ, ନା' ମଧ ପୃଥିବୀ ବିଚଳିତ ହୁଏ । ସମୟକ୍ରମେ ସେ ଆପେ ଅନୁଭବ କରେ ଚନ୍ଦନର ବାସ୍ନା । ଉଲ୍ଲସିତ ହୁଏ ପ୍ରାଣପକ୍ଷୀ । ନଥାଏ ବାଟ ହୁଡ଼ିବାର ଭୟ । ସବୁ ସଂଗଠିତ ହୁଏ ଆକସ୍ମିକ ଭାବରେ । ଅନୁଭବ କରିହୁଏ ଚନ୍ଦ୍ରତାରାଙ୍କ ଉଦୟ ଅସ୍ତ ସହ କାଳ ବଦଳେ ନାହିଁ । ବୁଝିହୁଏ କାଳ ଆଗରେ ମନ୍ତ୍ର, ଯନ୍ତ୍ର, ତନ୍ତ୍ର ସବୁ ଅର୍ଥହୀନ । ଅଯଥାରେ ଆପଣାର ପୌରୁଷକୁ ନେଇ ଗର୍ବକରେ ମଣିଷ । ଭାବେ- ତା'ରି ପାରିବାରପଣିଆ ବଦଳେଇ ଦେଇଛି ଚାରିପାଖର ପୃଥିବୀକୁ । ତା'ରି ନିର୍ଦ୍ଦେଶରେ ଘଟିଯାଇଛି ସବୁ ଘଟଣା । ଏପରି ଭ୍ରମ ମଧରେ ହିଁ ମଣିଷ କାଳ କାଟେ ଏବଂ ସତ୍ୟ ପାଖରେ ପହଞ୍ଚିଲା ବେଳକୁ ସରିଯାଇଥାଏ ଜୀବନ ।

ବାସ୍ତବିକ ସତ୍ୟ/ ମିଥ୍ୟାର ଏ ପ୍ରହେଳିକା ଭିତରେ ନିତ୍ୟ ସନ୍ତୁଳିତ ଏ ମଣିଷ ବୁଝିନାହିଁ ଯେ, ସେ ପରମାତ୍ମାର ଏକ ଅଂଶ । ଏ ଜୀବାତ୍ମା ସର୍ବଦା ପରମାତ୍ମା ସହ ମିଳିତ ହେବା ଲକ୍ଷ୍ୟ ରଖି କାଳ ଅତିବାହିତ କରିଥାଏ । କାଳହାତରେ ସେ ଏକ ଖେଳନା ମାତ୍ର । ତାହାରି ନିର୍ଦ୍ଦେଶରେ ହିଁ ଘଟିଥାଏ ସମକାଳ ତଥା କାଳକାଳର ଘଟଣା । କାରଣ ଏ ଧରାବକ୍ଷରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯାତ୍ରା- କେବଳ ଜୀବନ ନୁହେଁ । ତେଣୁ ତ କୁହାଯାଇଛି ମୃତ୍ୟୁ ହେଉଛି ନବଜନ୍ମର ପ୍ରବେଶ ଦ୍ୱାର । ବାରମ୍ବାର ଜନ୍ମ ଦେବା ଭିତରେ ଅସରନ୍ତି ମୋହ ଓ କୋହରେ ସନ୍ତୁଳିତ ଆତ୍ମା କିନ୍ତୁ ନିତ୍ୟ ଖୋଜେ ପରମାତ୍ମାର ପରଶ । ଏଠି ନିଖିଳର ବିଶ୍ୱାସରେ ଜୀବାତ୍ମା ଓ ପରମ୍ପରାର ଲୁଚକାଳି ଖେଳ ଜୀବନକୁ ଆଗେଇ ନେଇଥାଏ ।

ଏଠାରେ କହିରଖେ ଏ ଧରା ହେଉଛି,ରୋଗ, ଶୋକ, ଜର୍ଜରିତ ଏକ ପରିବ୍ୟାପ୍ତ କ୍ଷେତ୍ର । କୁହାଯାଏ; ଦୁଃଖ ରହିତ ସ୍ୱର୍ଗ କେବଳ ଗୋଟିଏ ଦିଗରେ ହିଁ ଅନନ୍ୟ । ଏଠାରେ ରହିଥାନ୍ତି ଗୋଟିଏ ସଚୀ, ଗୋଟିଏ ଐରାବତ, ଗୋଟିଏ ନନ୍ଦନକାନନ ଓ ଗୋଟିଏ ତୃଷ୍ଣା ନିବାରଣର ମାଧମ ଅମୃତ । କିନ୍ତୁ ନିତ୍ୟ ଦୁଃଖ ସହ ଯୁଦ୍ଧ ଓ ପ୍ରେମ କରି ଅସଂଖ୍ୟ ଅନୁଭୂତିର ସମାହାରରେ ଯେଉଁ ମର୍ତ୍ତ୍ୟ ଗଠିତ; ସେଠାରେ ମଣିଷ ଲଭେ ଅନନ୍ୟ ଅନୁଭୂତି । ତେଣୁ ତ ମର୍ତ୍ତ୍ୟମଣ୍ଡଳରେ ପରଂବ୍ରହ୍ମଙ୍କ ଆବିର୍ଭାବ ମଧ ମାନବ ନିମନ୍ତେ ତିଆରି କରେ ଏକ ଉଦାହରଣ । ଆପଣାର ଯଦୁବଂଶକୁ ଧ୍ୱଂସ କରିବାର କୃତକର୍ମ ନିମନ୍ତେ ଆପଣା ପିଣ୍ଡର ଅପଖ୍ୟାତି ହୋଇ ଜାତି ନିମନ୍ତେ ବିଶ୍ୱନିୟନ୍ତା ବି ସୃଷ୍ଟି କରନ୍ତି ଏକ ଅନନ୍ୟ ଆଖ୍ୟାନ ।

ପରିଶେଷରେ କେବଳ ଏତିକି କହିବି ଜୀବନର ଏ ଅଭିସାରକୁ ନାନାରୂପରେ କଳନା କରିଛନ୍ତି ନାନା ମୁନି । କୁହାଯାଇଛି ଅବଚେତନ ଉପରେ ଚେତନର ବିଜୟ ହେଉଛି ଜୀବନର ମୂଳଲକ୍ଷ୍ୟ । ଏହି ଲକ୍ଷ୍ୟ ସାଧନପାଇଁ ଦୂରନ୍ତ ଅଭିଯାନ ପଥର ଯାତ୍ରୀ ହୋଇଛି ମଣିଷ । ପାପର ପରାକ୍ରମରେ ଦଶଶିରକୁ ବହନ କରିଥିବା ଦଶାନନକୁ ନିଶ୍ଚିନ୍ନ କରି ପୁରୁଷୋତ୍ତମ ରୂପରେ ସୁଶୋଭିତ ହୋଇଛି ସତ୍ୟ । ଅନ୍ୟ କେତେବେଳେ ପୁଣି କଂସର ଦୂରାଚାରରୁ ଧରାକୁ ରକ୍ଷା କରିବାକୁ ଯାଇ ଗୋପପୁରରେ ଆବିର୍ଭୁତ ହୋଇଛନ୍ତି ସ୍ୱୟଂ ପରମପୁରୁଷ । ଏ ଭିତରେ କିନ୍ତୁ ନା' ଧରାରୁ ଦୁଃଖ ସରେ ନା' ସରେ କାମନାର ବିସ୍ତୀର୍ଣ୍ଣ ପ୍ରକାଶ । ତେଣୁ ତ କାମନାର ବିନାଶରେ ଦୁଃଖର ବିନାଶର ବାଣୀ ନିନାଦିତ ହୋଇଆସିଛି ଯୁଗେଯୁଗେ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ:୮୮୯୫୧୪୧୭୭୭

# ସ୍ମୃତି ଶତଦଳ

୨୬୩

# ଆତ୍ମ ବିଶ୍ୱାସର ବଳୟ



ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

ମୁଁ ଦିଲ୍ଲୀ, ପଂଜାବ ଆଉ ଉତ୍ତର ଭାରତର ଝିଅମାନଙ୍କର କେମିତି ସମକକ୍ଷ ହେବି ?+ + + +ଆସ୍ତେ ଆସ୍ତେ କେତୋଟି ଶବ୍ଦକୁ ସବୁବେଳେ ଅସ୍ୱଭାବେ ଆପଣେଇଲି "ମୁଁ କୌଣସି କ୍ଷେତ୍ରରେ ଏମାନଙ୍କଠାରୁ ନ୍ୟୁନ ନୁହେଁ, ମୁଁ ବି ସବୁପାରିବି !"

(ପୂର୍ବ ପ୍ରକାଶିତ ଉତ୍ତାରୁ)

ନାରୀ ହେଉଛି ଈଶ୍ୱରଙ୍କର ସର୍ବୋତ୍ତମ ଓ ସର୍ବଶ୍ରେଷ୍ଠ କଳାକୃତି, ପୃଥିବୀରେ ଏପରି କୌଣସି ସ୍ଥାନ ନାହିଁ ଯେଉଁଠି ନାରୀ ହାତର ସ୍ୱର୍ଶ ଲାଗିନାହିଁ । ନାରୀ ହିଁ ଗୋଟିଏ ଘରର କେନ୍ଦ୍ରବିନ୍ଦୁ, ପ୍ରେରଣାର ଉତ୍ସ । ନାରୀତ୍ୱରେ ଓ ଲାଳିତ୍ୟରେ ସେ ନିହାତି ଶୁଷ୍କ ଜିନିଷକୁ ବି' ସ୍ୱର୍ଗୀୟ ସୁଷମାରେ ପରିଣତ କରିଦିଏ । ନାରୀ ଦୟା, କ୍ଷମା, ସ୍ନେହ, ମମତାର ଅପୂର୍ବ ଗୁଣରେ ପରିପୂର୍ଣ୍ଣା ହୋଇ ନିଖୁଣ ଭାବରେ ଘର, ପରିବାର ଓ ସନ୍ତାନ ସନ୍ତତିକୁ ଚଳାଇଥାଏ । ଇଷ୍ଟ୍ରୋଜେନ ନାମକ ନାରୀତ୍ୱର ହରମୋନ ତା' ମସ୍ତିଷ୍କର ସୂକ୍ଷ୍ମ ତନ୍ତୁ ଗୁଡିକୁ ସଂଯୁକ୍ତ ଓ ସନ୍ତୁଳିତ କରିଥାଏ ଏବଂ ନାରୀକୁ ବିଚକ୍ଷଣ ବୁଦ୍ଧିରେ ପରିପୂର୍ଣ୍ଣ କରିଥାଏ ।

ଝିଅଟିଏ ପୁଅମାନଙ୍କ ଭଳି ସମାନ ସ୍ତରରେ ପାଠପଢେ, ଚାକିରୀ କରେ, ତଥା କର୍ମକ୍ଷେତ୍ରର ଦାୟିତ୍ୱ ଓ ଘରର ସବୁକାମର ଭାର ନିଜ ଉପରକୁ ନେଲେ ବି ପରିବାର ଓ ସମାଜର ଉତ୍ପୀଡନରେ କେଉଁଠି ହଜାଇଦିଏ ତା'ର ଆତ୍ମବଳ ? କେଉଁଠି ଛପିଯାଏ ତା'ର ଅକୁଣ୍ଠ ଆତ୍ମବିଶ୍ୱାସ ? ସମାଜରେ ତଥା ପରିବାରରେ ପୁରାତନ କାଳରୁ, ସିଦ୍ଧାନ୍ତ ନେବାର ଅଧିକାର ପୁରୁଷର ରହିଥିବା ବେଳେ, ଏବେବି କେଉଁଠି ପାଉଛି ନାରୀଟିଏ ସେ ଅଧିକାର ? ତା' କଥାକୁ କିଏ ଦିଏ ଗୁରୁତ୍ୱ ? ତେଣୁ ଆବହମାନ କାଳରୁ ତା' ମନରେ ସେଇ ନ୍ୟୁନ ମନୋଭାବଟି ବସାବାନ୍ଧି ରହିଥାଏ । ନ୍ୟୁନ ମନୋଭାବର ଶିକାର ହୋଇ ସେ କ'ଣ ଆଉ ମୁଣ୍ଡ ଉଠାଇ ଚାଲିପାରେ ? ସେ ଯେ' ସବୁଥିରେ କମ୍, ଏ ହୀନମନ୍ୟତା ଓ ରୁଗ୍ଣ ମନୋଭାବ ତାକୁ ମ୍ରୀୟମାଣ କରିଦିଏ । ସେ ଆତ୍ମବଳ ତଥା ନିଜ ଉପରୁ ଆତ୍ମବିଶ୍ୱାସ ହରାଇ ବସେ । ଥରେ ଆତ୍ମବିଶ୍ୱାସ ହରାଇ ବସିଲେ ତଥା ନକାରାତ୍ମକ ଚିନ୍ତା ଗ୍ରାସ କଲେ ସକାରାତ୍ମକ ଚିନ୍ତା ନିଜସ୍ଥାନରୁ ବିଚ୍ୟୁତ ହୋଇଯାଏ ।

ଏଇଭଳି ମୁଁ ମଧ୍ୟ ଆତ୍ମବିଶ୍ୱାସକୁ ହରାଇ ବସିଥିଲି । ପି.ଜି ସିଟ ପାଇବା ଆଗରୁ ପ୍ରଥମେ ଚକ୍ଷୁ ବିଭାଗ ଓ ପରେ ପାଥୋଲୋଜି ବିଭାଗରେ ପି.ଜି କରିବା ପାଇଁ ସ୍ଥିର କରିଥିଲି କିନ୍ତୁ ପୁଣି ରମାରମଣଙ୍କ ଜିଦ୍‌ରେ ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗରେ ପି.ଜି କରିବାକୁ ମନ ବଳାଇଲି । ତେବେ ମନ ଭିତରେ ଖାଲି ନକାରାତ୍ମକ ଚିନ୍ତାଟିଏ ହିଁ ପଶିଲା । ମୁଁ କ'ଣ ଏତେବଡ ଅନୁଷ୍ଠାନରେ ସିଟ୍ ପାଇବି ? କୁଆଡେ ଗଲା ମୋର ଆତ୍ମବଳ, କୁଆଡେ ଗଲା ମୋ ଉପରୁ ଆତ୍ମବିଶ୍ୱାସର ଅକ୍ଷୟ ଶପଥ ?

କ୍ରମେ କ୍ରମେ ମୋ ଚାରିପଟୁ ନକାରାତ୍ମକ ଚିନ୍ତାଧାରା ଓ ତା'ର ବଳୟଟିକୁ ଘୁଞ୍ଚାଇବାକୁ ପଡିଲା ଏବଂ ଏକ ସୁନ୍ଦର ସ୍ୱର୍ଣ୍ଣିମ ଦିଗବଳୟଟିଏ ତିଆରି କରିବାକୁ ପଡିଲା, ଯେଉଁଠି ପୃଥିବୀ ହୋଇ ମଧ୍ୟ ଆକାଶକୁ ଛୁଇଁହେବ, ତା'ର ପରିକଳ୍ପନା କରିବାକୁ ହେଲା । କଳ୍ପନା ଚାଓ୍ୱଲା ଭଳି ଛୋଟ ଛୋଟ ଝିଅମାନେ ଯେତେବେଳେ ମହାକାଶଚାରୀ ହୋଇ ଆକାଶରେ ବୁଲି ପାରୁଛନ୍ତି, ସେଠି ଆମେ ନପାରିବା କାହିଁକି ? ଏହିଭଳି ଗଭୀର ଆତ୍ମବିଶ୍ୱାସର ବିନ୍ଦୁ ବିନ୍ଦୁ ବର୍ଷା, ମୋ ଉପରେ ବର୍ଷିଗଲା ଏବଂ ନୀରବରେ ହିମାଳୟ ଛୁଇଁବାର ପ୍ରତିଜ୍ଞାର ମଂଜିଗୁଡିକୁ ମନ ବଗିଚାରେ ବୁଣି ଦେଲି । ସେ ମଂଜି ସବୁ ଅଂକୁରିତ ହେଲେ ଯାହା ମତେ ପରବର୍ତ୍ତୀ ସମୟରେ ବହୁ ଆଶାର ଆଲୋକ ଦେଖାଇଲା ଏବଂ ଏମିତିକି ପି.ଜି. ପାଇଲା ପରେ ମଧ୍ୟ ନ୍ୟୁନ ମନୋଭାବ ଟିଏ ମନକୁ ନୁଆଁଇ ଦେଇଥିଲା । ମୁଁ ଦିଲ୍ଲୀ, ପଂଜାବ ଆଉ ଉତ୍ତର ଭାରତର ଝିଅମାନଙ୍କର କେମିତି ସମକକ୍ଷ ହେବି ? ସେମାନେ ଏତେ ସ୍ମାର୍ଟ ଓ ଷ୍ଟାଇଲିସ ଭଲ ପାଠ ପଢନ୍ତି, କେମିତି ତାଙ୍କ ସଙ୍ଗେ ପ୍ରତିଯୋଗିତା କରିବି ? ଏହିଭଳି ଭାବୁ ଭାବୁ କ୍ଲାସର ପରୀକ୍ଷା ହେଲା ଏବଂ ମୁଁ ସବୁଠୁଁ ଭଲ ମାର୍କ ରଖି ପ୍ରଥମ ହେଲି । ଆସ୍ତେ ଆସ୍ତେ କେତୋଟି ଶବ୍ଦକୁ ସବୁବେଳେ ଅସ୍ୱଭାବେ ଆପଣେଇଲି " ମୁଁ କୌଣସି କ୍ଷେତ୍ରରେ ଏମାନଙ୍କଠାରୁ ନ୍ୟୁନ ନୁହେଁ, ମୁଁ ବି ସବୁପାରିବି ! " ଏଇ ଭଳିଆ ମନୋଭାବଟିକୁ ଦୁଇ ହାତରେ ମୁଠାଇ ଧରିଲି । ମୁଁ ଯେ ଓଡିଶାର ଝିଅ, ପ୍ରଭୁ ଜଗନ୍ନାଥ ଆମର ଆରାଧ୍ୟ ଦେବତା, ସେ ଯେ ସବୁବେଳେ ସମସ୍ତଙ୍କୁ ଘଣ୍ଟ ଘୋଡାଇ ରଖିନ୍ତି ଏବଂ ତାଙ୍କ ବାହୁବଳୟକୁ ସୁରକ୍ଷା କବଚ ଭଳି ମୋ ଚଉଦିଗକୁ ମଧ୍ୟ ଆବୃତ୍ତ କରି ରଖିଛନ୍ତି ଏ ବିଶ୍ୱାସ ମୋର ଥିଲା । ଏ କଥା ମୁଁ ସ୍ୱପ୍ନରେ ଭାବିନଥିଲି ଯେ କ୍ରମେ କ୍ରମେ ମୋ ହାତରେ ପ୍ରଭୁ ଧରାଇ ଦେବେ ଆତ୍ମବିଶ୍ୱାସର ଏକ ସୁନ୍ଦର କୁହୁକ କାଉଁରୀ, ଯାହା ଚିରଦିନ ମୋ ମନରୁ ନକାରାତ୍ମକ ଚିନ୍ତାଧାରାକୁ ଦୂରେଇ ଦେବ ଏବଂ ହୃଦୟରେ ଭରିଦେବ ଆତ୍ମବିଶ୍ୱାସର ସୁନ୍ଦର ମହକ ଯାହା ମୋ ଦେହରେ ଓ ମନ ଭିତରେ ମୋର ଅବଶିଷ୍ଟ ଜୀବନ ଥିବାଯାଏଁ ରହିଥିବ ଓ ସବୁଜ ସୁରଭିରେ ମତେ ମହକଉଥିବ । (କ୍ରମଶଃ)

ଧାରାବାହିକ ଅନୁବାଦ ଉପନ୍ୟାସ...(ଭାଗ-୩୦)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ






ଅନୁସୃଜନ– ନମିତା ପାଇକରାୟ

(ଦ୍ୱିତୀୟ ଖଣ୍ଡ)

॥ ତିନି ବନ୍ଧୁ ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମୋର ତା' ସହ କିଛି ସଂପର୍କ ସେମିତି କିଛି ନଥିଲା । ସେ ଭଲ ପାଠ ପଢୁ ନଥିଲା । କିନ୍ତୁ ଭାରି ହସକୁରା ଥିଲା । ତା'ର ସବୁଠୁ ବଡ଼ ବିଶେଷତା ଥିଲା କି ସେ ଖଦଡ଼ ଲୁଗା ସବୁବେଳେ ପିନ୍ଧୁଥିଲା ।

'ଦେଶ ସେବା କାମ ସରିଗଲା ନା କଣ ?' ସେ ହସି କରି ମୋତେ ପଚାରିଲା ।

ମୁଁ ମୋର ପରିସ୍ଥିତି ସୁବିଧା ଅସୁବିଧା ସବୁକଥା ବିସ୍ତାର କରି କହିଗଲି । ସେ ମୋ କଥାଶୁଣି ଗମ୍ଭୀର ହୋଇଗଲା । ମୁଣ୍ଡରେ ହାତ ଦେଇ କିଛି ଭାବିବାକୁ ଲାଗିଲା । ଶେଷରେ କହିଲା, 'କାଲି ସକାଳ ଆଠଟାବେଳେ ପ୍ରସ୍ତୁତ ହୋଇ ରହିବୁ । ଗୋଟେ ଜାଗାକୁ ନେଇ ଯିବି ।'

ମୁଁ ତାକୁ ପଚାରିଲି, 'କେଉଁଠିକି ? କାହିଁକି ?' ସେ କିଛି କହିଲାନି । ତା'ର ରହସ୍ୟପୂର୍ଣ୍ଣ ଦୃଷ୍ଟିରେ ମୁଁ ଉତ୍ସାହିତ ହେଲି । ତା'ର ପରଦିନ ତା ସହ ମୁଁ ଗଲି । ଯେଉଁ ଘରକୁ ମୋତେ ଯିବାକୁ ପଡ଼ିଲା ସେ ଭୃଗୁ ମନ୍ଦିର ପାଖ ଗଳିରେ ଥିଲା । କବାଟ ଭିତରୁ ବନ୍ଦ ଥିଲା । ଆମେ ପହଂଚିବା ମାତ୍ରକେ କବାଟ ଖୋଲିଗଲା, ଆମେ ଭିତରକୁ ପଶୁ ପଶୁ ବନ୍ଦ ହୋଇଗଲା ।

ଘର ପୁରାପୁରି ଖାଲି ଥିଲା । ଜଣେ ମାତ୍ର ବ୍ୟକ୍ତି ତା' ଭିତରେ ରହୁଥିଲେ । ସେ ହିଁ କବାଟ ଖୋଲି ଥିଲେ । ସେହି ବ୍ୟକ୍ତିର ନେତୃତ୍ୱରେ ମୁଁ ଓ ସହଦେବ ଅଗଣା ଡେଇଁ ଆଉ ଗୋଟିଏ କୋଠରୀ ଭିତରକୁ ଗଲୁ । ଘର ଭିତରେ ଖୁବ୍ ପରିଷ୍କାର ସହ ପବନର ଯାତାୟତ ଖୁବ୍ ସୁନ୍ଦର ଥିଲା । ସେ ଘର ଭିତରେ କାନ୍ଥକୁ ଲାଗି ତକ୍ତପୋଷଟିଏ ପଡ଼ିଥିଲା । ତକ୍ତପୋଷ ସାମ୍ନାରେ ଗୋଟିଏ ମେଜ ଓ ଦୁଇଟି ଚୌକି ପଡ଼ିଥିଲା । ତକ୍ତପୋଷ ଉପରେ ଆମେ ଦୁଇଜଣ ବସିଲୁ । ଚୌକି ଉପରେ ସେ ବ୍ୟକ୍ତି ବସିଲେ । ସେ ବ୍ୟକ୍ତିଙ୍କର ବୟସ ପ୍ରାୟତଃ ପଇଁତିରିଶ ହେବ । ପତଳା ଚେହେରା । ଆଖି ଦୁଇଟି ବଡ଼ ବଡ଼ । ସେ ଖଦଡ଼ ଧୋତି ଓ ଗଞ୍ଜି ପିନ୍ଧିଥିଲେ । ତାଙ୍କ ମୁହଁରୁ ଅସାଧାରଣ ଆତ୍ମ ବିଶ୍ୱାସର ଭାବ ପ୍ରକଟ ହେଉଥାଏ ।

'କୁହନ୍ତୁ, ପୋଲିସ ମାଡ଼ ଖାଇସାରି ଦେଶସେବା କରିବାର ଇଚ୍ଛା କିଛି ବାକି ଅଛି ନା ସରିଗଲା ?' ସେ ହସି ହସି ମୋତେ ପ୍ରଶ୍ନ କଲେ ।

ମୋତେ ଏ ପ୍ରଶ୍ନ ଖୁବ୍ ଅପମାନଜନକ ଲାଗିଲା । ଯେମିତି ସିଏ ଜଣେ ବୀର ସାହାସୀ ଓ ଅନ୍ୟମାନେ ଭୀରୁ ।

ସେମିତି ପ୍ରବଳ ଉତ୍ସାହ ନଥିଲେ ମନରେ ମୁଁ ଏଠିକୁ ବିଲକୁଲ ବି ଆସି ନଥାନ୍ତି । ମୋର ସଂକ୍ଷିପ୍ତ ଉତ୍ତର ଥିଲା । ସେ ବ୍ୟକ୍ତି ଜଣକ ତୁରନ୍ତ ଜାଣି ପକେଇଲେ ମୋତେ ଖରାପ ଲାଗିଲା ବୋଲି ମୃଦୁ ସ୍ୱରରେ କହିଲେ, ଠିକ୍ ଅଛି, ସେଥିପାଇଁ ତ ଆପଣଙ୍କୁ ଡାକିଛି ।

ପ୍ରଥମ ଆମ ପରିଚୟ ହୋଇଯାଉ । ମୋ ନାଁ ଅଖିଳାନନ୍ଦ ବର୍ମା, ମୁଁ ସମାଜବାଦୀ ବିଚାରଧାରାର ମଣିଷ । ୧୯୪୨ ମସିହାରୁ ପୋଲିସ ମୋର ପିଛା କରୁଛି ଅକାରଣରେ, କିନ୍ତୁ ଯାହା ଜଣା ପଡୁଛି ପୂର୍ବଜନ୍ମରେ କିଛି ପୂଣ୍ୟ କାମ କରିଥିଲି, ଯେଉଁଥିପାଇଁ ଏ ପର୍ଯ୍ୟନ୍ତ ବଞ୍ଚିଛି । ସେ ନିଜ କଥାରେ ନିଜେ ହସିଲା ।

ସମାଜବାଦ ବିଷୟରେ ଆପଣ ଜାଣିଛନ୍ତି କି ? ହସି ସାରିଲା ପରେ ତୁରନ୍ତ ଗମ୍ଭୀର ହୋଇ ସେ ପଚାରିଲେ ।

ହଁ ଶୁଣିଛି, କିନ୍ତୁ ଠିକ୍ ଭାବେ ଜାଣିନି ।' ମୁଁ ବାସ୍ତବିକତା ଉପରେ ରେଖାପାତ କରିବା ଉଚିତ୍ ମଣିଲି ।

ଠିକ୍ ଅଛି, ଧିରେ ଧିରେ ସବୁ ବୁଝି ହୋଇଯିବ । ତା ପରେ କିଛି ସମୟ ଚୁପ୍ ରହିଲେ ।

ତା' ପରେ ଅଖିଳାନନ୍ଦ ବର୍ମା କହିଲେ, 'ଗୋଟେ କଥା ମୁଁ କହିବାକୁ ଚାହେଁ, ଆପଣ ଦେଶ ସ୍ୱତନ୍ତ୍ରତା ପାଇଁ ଯେଉଁ ରାସ୍ତାରେ ଯାଉଥିଲେ, ତାହା ଭୁଲ ରାସ୍ତା । ତାହା ଆତଙ୍କବାଦୀର ରାସ୍ତା । ଆତଙ୍କବାଦ କାହାକୁ କୁହାଯାଏ ଜାଣିଛନ୍ତି ? ଯେତେବେଳେ କିଛି ଅଳ୍ପ ସଂଖ୍ୟକ ନବଯୁବକ ବମ ଏବଂ ପିସ୍ତଲର ସହାୟତାରେ ହିଂସା କରି ଉଦ୍ଦେଶ୍ୟ ସାଧନ କରିବାକୁ ଚାହାନ୍ତି, ସେଇଠୁ ଆତଙ୍କବାଦର ଆରମ୍ଭ ହୋଇଯାଏ । କିଛି ଇଂରେଜଙ୍କୁ ହତ୍ୟା କଲେ, କିଛି ଡକାୟତି କଲେ ଦେଶ ସ୍ୱାଧୀନ ହୋଇ ଯିବନି । ଗୋଟେ ଇଂରେଜକୁ ମାରିଲେ ତା' ସ୍ଥାନରେ ଅନ୍ୟ ଜଣେ ଇଂରେଜ ତୁରନ୍ତ ଆସିଯିବ । କିନ୍ତୁ ସେହି ଜଣକ ହତ୍ୟା ପାଇଁ କେତେ ନବଯୁବକଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରି ଲଟକେଇ ଦେବେ ଇଂରେଜ । ତଥାପି ଦେଶ ସ୍ୱାଧୀନତା କର୍ମରେ କିଛି ଆତଙ୍କବାଦୀ କାର୍ଯ୍ୟ ବି କରିବାକୁ ହୁଏ । ଆରମ୍ଭରୁ ଯେତେବେଳେ ଦେଶର ଜନତା ଜାଗ୍ରତ ହୁଅନ୍ତି ନାହିଁ, ସେତେବେଳେ କିଛି ଭାବୁକ ନବଯୁବକ କ୍ରୋଧକୁ ନିୟନ୍ତ୍ରଣ କରି ନପାରି ହତ୍ୟାର ସାହାରା ନିଅନ୍ତି । କିନ୍ତୁ ସାମ୍ରାଜ୍ୟବାଦୀ ସରକାରଙ୍କ ପାଖରେ ବହୁତ ବଡ଼ ହିଂସାତ୍ମକ ଶକ୍ତି ଅଛି । ଯେ ପର୍ଯ୍ୟନ୍ତ ଦେଶର ଲକ୍ଷଲକ୍ଷ କୋଟି କୋଟି ଜନତା ଜାଗ୍ରତ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ସାମ୍ରାଜ୍ୟବାଦୀ ଶକ୍ତି ସହ ସମାନତା ଆଣିହେବନି । ଅପାର ଜନଶକ୍ତି ହିଁ ବିଦେଶ ଗୁଲାମୀଠାରୁ ମୁକ୍ତି ଦେବ । ତେଣୁ ଆତଙ୍କବାଦ ଦ୍ୱାରା ଦେଶର କୌଣସି ଲାଭ ହୁଏ ନାହିଁ । ଯେତେବେଳେ କ୍ଷୋଭ ଅଧିକ ହୁଏ, ସେତେବେଳେ ଶକ୍ତି ଓ ଜ୍ଞାନ କମିଯାଏ । ସେଇଠୁ ଆତଙ୍କବାଦର ଜନ୍ମ ହୁଏ । ପଢ଼ିବା ଦ୍ୱାରା ଜ୍ଞାନ ଅର୍ଜନ ହୁଏ । ଜ୍ଞାନ ଦ୍ୱାରା ଠିକ୍ କୋଉଟା ଭୁଲ କୋଉଟା ବୁଝିବା ଶକ୍ତି ବୃଦ୍ଧି ହୁଏ । ଏକ ଅଦ୍‌ଭୁତ ଜ୍ଞାନ ଉତ୍ପନ୍ନ ହୁଏ । ଏହି ଜ୍ଞାନକୁ ସାଧାରଣ ଜନତାଙ୍କ ଉତ୍‌ଥାନ ପାଇଁ ନିୟୋଜିତ କଲେ କଲ୍ୟାଣ ହେବ । ଏହି ଜ୍ଞାନ ଦ୍ୱାରା ଦେଶକୁ ସ୍ୱାଧୀନ ହୁଏତ କରାଯାଇପାରେ ।'

ମୁଁ ତାଙ୍କୁ ଆଶ୍ଚର୍ଯ୍ୟଚକିତ ହୋଇ ଚାହିଁ ରହିଲି । ମୁଁ ଭାବିଥିଲି, ସେ ନିଷ୍ଚେ କେଉଁ କ୍ରାନ୍ତିକାରୀ ହୋଇଥିବେ । ଯିଏ ମୋତେ ତାଙ୍କ ସଂଗଠନରେ ମିଶେଇବା ପ୍ରସ୍ତାବ ଦେବେ । କିନ୍ତୁ ସେ ତ ସେ ରାସ୍ତାରେ ନିନ୍ଦା କରିବାକୁ ଲାଗିଲେ । ଯେଉଁ ରାସ୍ତାରେ ମୁଁ ଚାଲିକରି ସ୍ୱତନ୍ତ୍ରତା ପ୍ରାପ୍ତ କରିବାର ପରିକଳ୍ପନା କରିଥିଲି । ଯା ପୂର୍ବରୁ ମୋତେ ଏମିତି କିଏ ବୁଝେଇ ନଥିଲେ । ତାଙ୍କ କଥା ତର୍କସଙ୍ଗତ ଲାଗୁଥିଲା ଏବଂ ମୋ ଭିତରେ କେମିତି ଗୋଟେ ଖୁସିର ଅନୁଭବ ହେଉଥିଲା ।

କଥା କଣ କି, ଆତଙ୍କବାଦ କ୍ରାନ୍ତିକାରୀ ଆନ୍ଦୋଳନ ଅପରିପକ୍ୱତାର ସୂଚକ । ଟିକେ ରହି ପୁଣି ଅଖିଳାନନ୍ଦ ବର୍ମା କହିବାକୁ ଲାଗିଲେ, 'ଶୈଶବ କୈଶୋର ଅବସ୍ଥରେ ଆମେ ବହୁତ ନିର୍ବୋଧତା କର୍ମ କରୁ, ଯାହାକୁ ବଡ଼ ହେଲା ପରେ ଭାବିଲେ ଆମକୁ ସଂକୋଚ ଲାଗେ । ବହୁତ ଲୋକ ଉତ୍ସୁକତା, କ୍ଷଣିକ ଭାବୁକତା, ରୋମାଂଚ ଏବଂ ନାୟକ ହେବା ପ୍ରଚେଷ୍ଟାରେ ଆତଙ୍କବାଦ ରାସ୍ତାରେ ପାଦ ପକାନ୍ତି । ଯେତେବେଳେ କୌଣସି କଷ୍ଟକାମ ସାମ୍ନାରେ ପଡ଼େ ଆନ୍ଦୋଳନ ଛାଡ଼ି ସଂଗଠନର ପିଠିରେ ଛୁରା ଭୂଷନ୍ତି । ତା' ଦ୍ୱାରା ତାଙ୍କର ଅନେକ ବନ୍ଧୁଙ୍କ ଜୀବନ ବରବାଦ କରନ୍ତି । ଆପଣ ଆପଣଙ୍କ ସଂଗଠନର କି ଅବସ୍ଥା ଦେଖନ୍ତୁ । ଆପଣମାନେ ସମସ୍ତେ କିଶୋର ଅବସ୍ଥାରେ ଥିଲେ । ଆପଣମାନଙ୍କ ବୁଦ୍ଧି କଞ୍ଚା ଥିଲା । ଆପଣଙ୍କ ପାଖରେ ଜ୍ଞାନର ଅଭାବ ଥିଲା । ଆପଣଙ୍କ ପାଖରେ ସୀମିତ ସାଧନ ଥିଲା, କିନ୍ତୁ ଆପଣଙ୍କ ହୃଦୟରେ ଦେଶ ସେବା କରିବା ଇଚ୍ଛା ଥିଲା । ଆପଣଙ୍କ ପାଖରେ ଉନ୍ମାଦ ଓ ଉତ୍ସାହ ଥିଲା । କିନ୍ତୁ ଉନ୍ମାଦ ଉତ୍ସାହରେ କୌଣସି କାମ ହୋଇ ପାରେନି । ଆପଣଙ୍କ ବସ୍ତା ଚୋରୀ କଲେ, ଚିନି ଚୋରୀ କଲେ, କିଛି ଭ୍ରଷ୍ଟ ଆଚରଣ କରି ଲୋକଙ୍କୁ ଡକାୟତିର ନୋଟିସ୍ ଦେଲେ, କିନ୍ତୁ ଏତେ ସବୁ କର୍ମ ପରେ ଦେଶ ପାଦେ ମାତ୍ର ସ୍ୱାଧୀନ ହୋଇ ପାରିଲା କି ? ହୋଇପାରେ ଆଗକୁ ଯାଇ ଆଉ ସରକାରୀ ଲୋକ ଗୋଟେ ଦୁଇଟା କିମ୍ବା ଗୋଟେ ଦୁଇଟା ଇଂରେଜଙ୍କୁ ବି ହତ୍ୟା କରି ଥାଆନ୍ତ, କିନ୍ତୁ ଏଥିରେ କାହାର କଣ ହୋଇ ଥାଆନ୍ତା ? ଆପଣମାନେ ବେକାରରେ ଧରା ହୋଇ ଫାଶୀ ପାଇ ଥାଆନ୍ତ ଏବଂ କିଛି ମୂଲ୍ୟବାନ ଜୀବନ ନଷ୍ଟ ହୋଇଥାଆନ୍ତା । ଆପଣଙ୍କ ବନ୍ଧୁମାନେ ପ୍ରଥମ ପ୍ରହାରରୁ ପଳାତକ ହେଲେ । ତେଣୁ ପ୍ରଥମେ ଭଲଭାବେ ଆମେ ବୁଝିବା ଜରୁରୀ ଆଦର୍ଶ ଆମର କଣ ? ଏବଂ ଆଦର୍ଶକୁ ପାଇବାକୁ ହେଲେ ଆମକୁ କେଉଁ ରାସ୍ତାରେ ଯିବାକୁ ହେବ । ଏହା ନିରନ୍ତର ଅଧ୍ୟୟନ ଏବଂ ଉଚିତ ପଥ ପ୍ରଦର୍ଶନ ଦ୍ୱାରା ସମ୍ଭବ । ମୁଁ ସ୍ତବ୍ଧ ହୋଇଗଲି । ତାଙ୍କ କଥାର ସତ୍ୟତାକୁ ଅନୁଭବ କରୁଥିଲି । କଡ଼ା ବି ଥିଲା ମଧୁର ବି ଥିଲା ।

'ବ୍ରିଟିଶ ସାମ୍ରାଜ୍ୟ ଗୋଟେ ବହୁତ ବଡ଼ ଶକ୍ତି । ଏବଂ ତାର ବରାବରୀ ଆମେ କିଛି ଉତ୍ସାହିତ, ଆଦର୍ଶବାଦୀ ନିଡ଼ର ବ୍ୟକ୍ତି ମିଶି କରି ପାରିବାନି । ଏହା ସମ୍ଭବ ହେବ ଯେତେବେଳେ ଗୋଟି ଗୋଟି କରି ପ୍ରତ୍ୟେକ କୃଷକ, ଶ୍ରମିକ ଏବଂ ଗୋଟି ଗୋଟି କରି ନବଯୁବକ ସମସ୍ତେ ମିଶି ବିଦ୍ରୋହର ପତାକା ଉଠାଇବେ । ଜନତାଙ୍କ ବଳଠାରୁ ବଡ଼ ଶକ୍ତି ଏ ଦୁନିଆରେ କିଛି ନାହିଁ । କିନ୍ତୁ ଦେଶର ସ୍ୱନ୍ତ୍ରତାରେ ସବୁ ସମାଧାନ ହେବ ବୋଲି କିଛି ମାନେ ନାହିଁ । ଆଜି ଏ ଦୁନିଆରେ ବହୁତ ଏମିତି ଦେଶ ଅଛି, ରାଜନୈତିକ ସ୍ୱତନ୍ତ୍ରତା ତାଙ୍କର ଅଛି କିନ୍ତୁ ସେଠାର ଜନତା ଦରିଦ୍ରଠୁ ଆହୁରି ଦରିଦ୍ର । ନିଜେ ବ୍ରିଟେନ ଓ ଆମେରିକା ଯିଏ ସ୍ୱତନ୍ତ୍ର ରାଷ୍ଟ୍ର, ଶକ୍ତିଶାଳୀ ରାଷ୍ଟ୍ର ଏବଂ ଧନୀ ରାଷ୍ଟ୍ର ମଧ, କିନ୍ତୁ ଲକ୍ଷ ଲକ୍ଷ ନବଯୁବକ ସେ ଦେଶରେ ବେକାରୀ, ଏହା ପୁଞ୍ଜିବାଦ ବ୍ୟବସ୍ଥା ପାଇଁ ଘଟୁଛି । ଏ ଦୁନିଆରେ କିଛି ଲୋକ ଏମିତି ଅଛନ୍ତି, ସେମାନେ ଅଳ୍ପ ସଂଖ୍ୟକ କିନ୍ତୁ ଧନୀ ଅଟନ୍ତି । ସେମାନେ ତାଙ୍କ ଧନ ବଳରେ ସରକାର ଗଢ଼ନ୍ତି, ସରକାର ଭାଙ୍ଗନ୍ତି । ଅନ୍ୟପଟେ ଲକ୍ଷ ଲକ୍ଷ କୋଟି କୋଟି ଅପାର ନେତା ଅଛନ୍ତି, କିନ୍ତୁ ସେମାନେ ଗରୀବ । ତାଙ୍କର ଖାଇବାକୁ ନାହିଁ, ପିନ୍ଧିବାକୁ ନାହିଁ । ରହିବା ପାଇଁ ଘର ଖଣ୍ଡେ ନାହିଁ କି ଛୁଆଙ୍କୁ ପାଠ ପଢ଼ାଇବାକୁ ଶକ୍ତି ନାହିଁ । ଆପଣ ଯେଉଁ ଅନ୍ନ ଖାଉଛନ୍ତି ତାକୁ କୃଷକ ଅମଳ କରିଛି ଚାଷ କରି, ତା' ହେଲେ ସେ ସ୍ୱୟଂ କାହିଁକି ଏତେ ଗରିବ ? ଆପଣ ସୁନ୍ଦର ପୋଷାକ ପିନ୍ଧୁଛନ୍ତି, ମୁଣ୍ଡରେ ସୁଗନ୍ଧିତ ତୈଳ ଲଗାଉଛନ୍ତି, ପାଦରେ ଜୋତା ଚପଲ ପିନ୍ଧୁଛନ୍ତି ଏବଂ ଏମିତି ଅନେକ କିଛି ସୁବିଧା ଆପଣଙ୍କୁ ପ୍ରାପ୍ତ ହେଉଛି । (କ୍ରମଶଃ)

❤ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

## ଆଧୁନିକ ଭାରତର ନିର୍ମାତା...

(ପୃଷ୍ଠା ୫ର ଅବଶିଷ୍ଟ) ପରିଶେଷରେ ଲର୍ଡ ମାଉଣ୍ଟବେଟେନଙ୍କ ଭାରତ ବିଭାଜନ ପ୍ରସ୍ତାବ ଅନୁଯାୟୀ ୧୫ ଅଗଷ୍ଟ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେଲା। ଜବାହରଲାଲ ନେହେରୁ ହେଲେ ସେହି ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଏବଂ ପଟେଲ ହେଲେ ଗୃହ ମନ୍ତ୍ରଣାଳୟ ଓ ସୂଚନା ପ୍ରସାରଣ କାର୍ଯ୍ୟ ଭାର ସମ୍ଭାଳିଲେ। ଭାରତ ସ୍ୱାଧୀନତା ହେଲା ପରେ ଇଂରେଜମାନେ ଦେଶ ଛାଡ଼ି ଚାଲିଗଲେ ସତ, ହେଲେ ଛାଡ଼ି ଦେଇଗଲେ ଅଗଣିତ ସମସ୍ୟା। ସବୁଠାରୁ କଠିନ ଥିଲା ୬୦୦ ଦେଶୀୟ ରାଜ୍ୟର ଭବିଷ୍ୟତ। ଇଂରେଜ ସରକାର ଦେଶର ରାଜାମାନଙ୍କୁ କହିଲେ "ତୁମେ ସ୍ୱାଧୀନ। ତେଣୁ ନିଜର ଭବିଷ୍ୟତ ତୁମେ ନଜେ ନିର୍ଣ୍ଣୟ କର।" ପଟେଲ କିନ୍ତୁ ନିଜର ପାରଦର୍ଶିତା ଦ୍ୱାରା ଏହାକୁ ସମାଧାନ କରିଥିଲେ। ଏହାପରେ କାଶ୍ମିର ସଂକ୍ରାନ୍ତରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦକୁ ନେଇ ଗାନ୍ଧୀ ଏବଂ ପଟେଲଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେଲାପରେ କିନ୍ତୁ ବାଧ ହୋଇ ସେ ଗାନ୍ଧୀଙ୍କ ଆଗରେ ମୁଣ୍ଡ ନୁଆଁଇଥିଲେ। ଭାରତର ଗୃହମନ୍ତ୍ରୀ ଏବଂ ରାଜ୍ୟ ସୂଚନା ପ୍ରସାରଣ ମନ୍ତ୍ରୀ ଭାବେ ପଟେଲଙ୍କୁ ଅନେକ ଦାୟିତ୍ୱ ସମ୍ଭାଳିବାକୁ ପଡୁଥିଲା। ଏହାପରେ ପଟେଲଙ୍କ ନେତୃତ୍ୱରେ ଭାରତ ସୀମାର ନିକଟବର୍ତ୍ତୀ ରାଜ୍ୟଗୁଡ଼ିକ ଭାରତ ସହ ମିଶିଗଲା ପରେ କିନ୍ତୁ ସର୍ଦ୍ଦାର ପଟେଲ ଏବଂ ନେହେରୁଙ୍କ ମଧ୍ୟରେ ମତ ଭେଦ ହେବାରୁ ଗାନ୍ଧୀ ଦୁଃଖିତ ହେଲେ। ୧୯୪୮ ମସିହାରେ ଗାନ୍ଧୀଙ୍କ ତିରୋଧାନ ପଟେଲଙ୍କୁ ବହୁତ ଆଘାତ ଦେଇଥିଲା।

ପଟେଲ ସବୁବେଳେ ଜ୍ଞାନୀ-ଗୁଣୀ ଲୋକମାନଙ୍କୁ ସଂଗଠିତ କରି ରାଷ୍ଟ୍ରର ବିଭିନ୍ନ ସେବାକାଯ୍ୟରେ ନିୟୋଜିତ କରିବାକୁ ଚାହୁଁଥିଲେ, ଯାହା ଦ୍ୱାରା ଦେଶର ଏକତା ସମ୍ଭବ ହେବ। ବିଭିନ୍ନ ରାଜ୍ୟର ଲୋକଙ୍କୁ ନିଜ ଅଞ୍ଚଳର ସଂକୀର୍ଣ୍ଣତାର ଉର୍ଦ୍ଧ୍ୱକୁ ଯାଇ ସେ ସମସ୍ତଙ୍କୁ ଭାରତୀୟ ବୋଲି ନିଜର ପରିଚୟ ଦେବାକୁ କହୁଥିଲେ। ସେ ଦୃଢ଼ ସଂକଳ୍ପବଦ୍ଧ, କଠିନ ପରିଶ୍ରମ. ଆତ୍ମବଳଯୁକ୍ତ ଏବଂ ଦୃଢ଼ ଇଚ୍ଛାଶକ୍ତିସଂପନ୍ନ ହୋଇ ଅନୁଶାସନକୁ ବିଶ୍ୱାସ କରୁଥିବାରୁ ତାଙ୍କୁ ଭାରତର ଲୌହମାନବ କୁହା ଯାଉଥିଲା। ତାଙ୍କ ନାମରେ ଅନେକ ଅନୁଷ୍ଠାନ ନାମିତ ହୋଇଛି। ଯେମିତିକି ଅହମ୍ମଦାବାଦର ବିମାନ ବନ୍ଦର, ସର୍ଦ୍ଦାର ପଟେଲ ଜାତୀୟ ସ୍ମାରକୀ, ନର୍ମଦା ନଦୀ ଉପରେ ସର୍ଦ୍ଦାର ସରୋବର, ଷ୍ଟାଚ୍ୟୁ ଅଫ ଇଉନିଟି (ଗୁଜୁରାଟର କେଭୋଡ଼ିଆ), ସର୍ଦ୍ଦାର ବଲ୍ଲଭ ଭାଇ ନେସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକନୋଲଜି, ସର୍ଦ୍ଦାର ପଟେଲ ବିଶ୍ୱ ବିଦ୍ୟାଳୟ ଆଦି ଅନେକ ଅନୁଷ୍ଠାନ ତାଙ୍କରି ନାମରେ ଉତ୍ସର୍ଗୀକୃତ ହୋଇଅଛି। ଭାରତ ଇତିହାସ ମଧ ତାଙ୍କରି ଅବଦାନରେ ସ୍ୱଷ୍ଟ ଅଙ୍କିତ ହୋଇ ସମଗ୍ର ଭାରତୀୟଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିବ।

ଏହି ମହାନ ବରପୁତ୍ରଙ୍କୁ ୧୯୯୧ ମସିହାରେ ସରକାର ମରଣୋତ୍ତର ଭାରତରତ୍ନ ସମ୍ମାନରେ ସମ୍ମାନିତ କରିଥିଲେ। ୧୯୫୦ ମସିହାରେ ସେ ଇହ ସଂସାର ତ୍ୟାଗ କରି ଚାଲି ଯାଇଥିଲେ ସତ ମାତ୍ର ଯେଉଁ ଯୁବପୀଢ଼ି ତାଙ୍କ ପରି ଦୃଢ଼ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବେ ବୋଲି ଉତ୍ସାହୀ ହୋଇ ଉଠିଛନ୍ତି ଓ କାର୍ଯ୍ୟ କରୁଛନ୍ତି, ସେହିମାନଙ୍କ କାର୍ଯ୍ୟ ହିଁ ହେବ ବାସ୍ତବରେ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ନେହେରୁଙ୍କ ଭାଷାରେ, "ସତରେ ସେ ଥିଲେ ଜଣେ ଆଧୁନିକ ଭାରତର ନିର୍ମାତା।" ଶେଷରେ ହେ ଯୋଗଜନ୍ମା ମହାପୁରୁଷ ! ଧନ୍ୟ ତୁମର କର୍ତ୍ତବ୍ୟନିଷ୍ଠା ଓ ଦେଶ ପ୍ରେମ।

## ବିପର୍ଯ୍ୟୟ ପ୍ରସ୍ତୁତି ଓ ହ୍ରାସ ଦିବସ ପାଳିତ



ଲଙ୍ଗଳେଶ୍ୱର,୨୯/୧୦(ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ଭୀରାଇ ପଞ୍ଚାୟତ ର ଦକ୍ଷିଣ ଜମ୍ଭୀରାଇ ବାତ୍ୟା ଆଶ୍ରୟ ସ୍ଥଳରେ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀ ସ୍ତରୀୟ ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପଯ୍ୟୟ ହ୍ରାସ ଦିବସ ପାଳିତ ହୋଇଯାଇଛି। ବାଲେଶ୍ୱର ସେବା ସଙ୍ଗଠନର ପ୍ରକଳ୍ପ ସଂଯୋଜକ ଚନ୍ଦ୍ରଶେଖର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପ୍ରୋଗ୍ରାମ ଅଫିସର ନିମାଇଁ ଚରଣ ଦାସ,ସ୍ଥାନୀୟ ସରପଞ୍ଚ ନିଲୁ ବାଳା ବେହେରା, ଅଗ୍ନିଶମ ଅଧିକାରୀ ଜଗନ୍ନାଥ ଦାସ, ସମାଜସେବୀ, ହରେକୃଷ୍ଣ ସେନାପତି, ସରପଞ୍ଚ ପ୍ରତିନିଧି ତ୍ରିଲୋଚନ ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅହଲ୍ୟା ଜେନା, ପୂର୍ବତନ ସମିତି ସଭ୍ୟ ରାମନାଥ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ସମସ୍ତ ସଦସ୍ୟଙ୍କୁ ସଚେତନ ଓ ତାଲିମ ପ୍ରଦାନ କରିଥିଲେ। ଉପସ୍ଥିତ ଅଗ୍ନିଶମ ବାହିନୀ ଓ ଅଧିକାରୀ ମାନେ ମଗ ଡ୍ରିଲ ଓ ସଚେତନ ରାଲି କରିଥିଲେ ବିପର୍ଯ୍ୟୟ ସମ୍ପର୍କିତ ଚିତ୍ରାଙ୍କନ ଅଙ୍କିଥିବା କୃତି ଛାତ୍ରୀ ୩ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜମ୍ଭୀରାଇ ପଞ୍ଚାୟତ ର ଶତାଧିକ ବାତ୍ୟା ଆଶ୍ରୟ ସ୍ଥଳର କାର୍ଯ୍ୟ ନିର୍ବାହୀ ସଦସ୍ୟ, ସଦସ୍ୟା ଯୋଗ ଦେଇ ଥିଲେ। ସମ୍ପାଦକ ସୁଶାନ୍ତ କୁମାର ସେନାପତି ଏବଂ ପରିଚାଳନା ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପଦ୍ମପୁରରେ....

ଯୁବବର୍ଗ ମାନଙ୍କୁ ସଶକ୍ତ କରି ସାରା ଓଡିଶାକୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର କାମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ପଦ୍ମପୁର ଓଡିଶାର ଭାତହାଣ୍ଡି ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାକୁ ସବୁଠାରୁ ଅଧିକ ଚାଉଳ ପଦ୍ମପୁର ହିଁ ଯୋଗାଇ ଦେଉଛି । ପଦ୍ମପୁରର ଚାଷୀମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ୧୦ କୋଟି ଟଙ୍କାର ୨୦ଟି ଉଠା ଜଳସେଚନ ପ୍ରକଳ୍ପ ଲୋକାର୍ପିତ କରିଥିଲେ । ତା ସହିତ କୃଷି ବଜାର ଭିତ୍ତିଭୂମି ବିକାଶ ପାଇଁ ୧୮ କୋଟି ୪୮ ଲକ୍ଷ ଟଙ୍କାର ପ୍ରକଳ୍ପ କାମ ମଧ ଆରମ୍ଭ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବରଗଡ଼, ପଦ୍ମପୁର ଅଂଚଳର ଅନେକ ଚାଷୀ ଏ ପର୍ଯ୍ୟନ୍ତ ମକ୍ସକ୍ଟକ୍ତ୍ର ସଭଙ୍ଖଙ୍କକ୍ସବଭମର ଖ୍ରବଭଳବ ପାଇନାହାନ୍ତି .ଆପଣ ମାନେ ଜାଣନ୍ତି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭରତ ସରକାରଙ୍କ ଯୋଜନା। ତେଣୁ ଭରତ ସରକାର ଙ୍କ ସହ ଆପଣ ମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରି ସମାଧାନ ପାଇଁ ମୁଁ ବାରମ୍ବାର ଚେଷ୍ଟା ଜାରୀ ରଖିଛି। ଏହାସହିତ ପଦ୍ମପୁରରେ ଯୋଗାଯୋଗର ବିକାଶ ପାଇଁ ୨୬୦ କୋଟି ଟଙ୍କାରେ ୩୮ଟି ସେତୁ ଓ ୧୩୬ କୋଟି ଟଙ୍କାରେ ୨୫ଟି ରାସ୍ତା କାମର ଶୁଭାରମ୍ଭ କରାଯିବା ସହିତ ୯ କୋଟି ଟଙ୍କାରେ ଗ୍ରାମ୍ୟ ଭିତିଭୂମି ପ୍ରକଳ୍ପ, ୬୦ ଲକ୍ଷ ଟଙ୍କାରେ ୪ଟି ଗ୍ରାମୀଣ ବଜାର ଓ ୪ କୋଟି ୨୨ ଲକ୍ଷ ଟଙ୍କାରେ ୧୬ଟି ପୌରାଂଚଳ ଭିତିଭୂମି ଯୋଜନା ମଧ ଆରମ୍ଭ କରାଯାଇଛି । ପ୍ରଭୁ ନୃସିଂହନାଥଙ୍କ ଆଶୀର୍ବାଦ ପଦ୍ମପୁର ମାଟିକୁ ପବିତ୍ର କରିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ଥାନୀୟ ଲୋକଙ୍କ ରୋଜଗାର ବଢାଇବା ପାଇଁ ଏ ପୀଠର ବିକାଶ ପାଇଁ କାମ ଆରମ୍ଭ ହୋଇଛି। ନୃସିଂହନାଥ ଓ ବେଦ ବରାହ ପୀଠର ବିକାଶ ପାଇଁ ୨୬ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସେ କହିଥିଲେ ।ସେହିପରି ଶିକ୍ଷାର ବିକାଶରେ ୫-ଟି ସ୍କୁଲ ରୂପାନ୍ତର ବିଶେଷ ଭୂମିକା ନେଇଛି ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କାର୍ଯ୍ୟକ୍ରମରେ ପଦ୍ମପୁରର ୩୦ଟି ହାଇସ୍କୁଲର ରୂପାନ୍ତର ହୋଇଛି । ଆଉ ୪୪ଟି ପାଇଁ କାମ ଆରମ୍ଭ ହୋଇଛି ବୋଲି ସେ କହିଥିଲେ। ଏହା ସହିତ ଆଜି ପଦ୍ମପୁର ଅଂଚଳର ୩ଟି ବ୍ଲକ୍ ଓ ସହରାଂଚଳ ପାଇଁ ୩୦ କୋଟି ଟଙ୍କାର ପ୍ରକଳ୍ପ ମଧ ଉଦ୍‌ଘାଟିତ ହୋଇଥିଲା। ଏଥିରେ ୨୦ଟି କଲ୍ୟାଣମଣ୍ଡପ ସହିତ ପଂଚାୟତ ଭବନ, ଗ୍ରାମୀଣ ବଜାର ଓ କମନ୍ ଫାସିଲିଟି ସେଂଟର କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ, ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ, ଭଟଲୀ ବିଧାୟକ ସୁଶାନ୍ତ ସିଂ, ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ଅତାବିରା ବିଧାୟକ ଶ୍ରୀମତୀ ସ୍ନେହାଙ୍ଗୀନି ଛୁରିଆ ପ୍ରମୁଖ ଯୋଗ ଦେଇ ଓଡିଶାରେ ବିକାଶର ଏକ ନୂଆ ଧାରା ସୃଷ୍ଟି କରିବାରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱ ଓ ଦୂରଦୃଷ୍ଟିର ଉଚ୍ଚପ୍ରଶଂସା କରିଥିଲେ। ପଶ୍ଚିମ ଓଡିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଧ୍ୟାନ ଦେଇ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ସୃଷ୍ଟି କରିବାରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱ ଓ ଦୂରଦୃଷ୍ଟିର ଉଚ୍ଚପ୍ରଶଂସା କରିଥିଲେ। ପଶ୍ଚିମ ଓଡିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଧ୍ୟାନ ଦେଇ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ବୋଲି ସେମାନେ ମତବ୍ୟକ୍ତ କରିଥିଲେ।

### ରାଜଧାନୀରେ ଗର୍ଜିଲା ....

ସମସ୍ତ ମନ୍ତ୍ରୀଙ୍କ ବାସଭବନ ଆଗରେ ବିକ୍ଷୋଭ କରାଯିବ। ଶନିବାର ଦିନ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କ ବହିଷ୍କାର ଏବଂ ଗିରଫ ଦାବିରେ ନବୀନ ନିବାସ ଘେରାଉ କରାଯାଇଥିଲା। ପ୍ରଥମେ ଛାତ୍ର କଂଗ୍ରେସ କର୍ମକର୍ତାମାନେ ଶିଶୁଭବନ ଛକଠାରୁ ଏକ ର୍ୟାଲିରେ ଯାଇ ଫରେଷ୍ଟପାର୍କ ବାଟଦେଇ ନବୀନ ନିବାସ ଆଡ଼କୁ ଅଗ୍ରସର ହୋଇଥିଲେ। ଏୟାରପୋର୍ଟ ଛକଠାରେ ଛାତ୍ର କଂଗ୍ରେସର କର୍ମୀମାନେ ଫରେଷ୍ଟ ପାର୍କ ପଟୁ ଏବଂ ଶିଶୁଭବନ ରାସ୍ତା ପଟୁ ନବୀନ ନିବାସ ଆଡ଼କୁ ଅଗ୍ରସର ହେବାବେଳେ ପୋଲିସ ସହ ଦୁଇଘଂଟା କାଳ ଧସ୍ତାଧସ୍ତି ହୋଇଛନ୍ତି। ଏଥିରେ ବହୁ ଛାତ୍ର କଂଗ୍ରେସ କର୍ମକର୍ତା ଆହତ ହୋଇଛନ୍ତି। ଛାତ୍ର କଂଗ୍ରେସ ସଭାପତି ୟାସରି ନୱାଜ ଓ ଅନ୍ୟ ନେତୃମଣ୍ଡଳୀଙ୍କୁ ପୋଲିସ ଅଟକ ରଖିଛି। ଏହାପରେ ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣାରେ ଚୁପ ବସିଥିବା ପୁରୀ ଜିଲ୍ଲାର ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତ ବେହେରାଙ୍କ ଲୋୟର ପିଏମଜି ସ୍ଥିତ ସରକାରୀ ବାସଭବନକୁ ଛାତ୍ର କଂଗ୍ରେସର କର୍ମକର୍ତାମାନେ ଘେରାଉ କରିଥିଲେ। ଏହି ଘେରାଉ ସମୟରେ ପୋଲିସ ସହ ପ୍ରବଳ ଧସ୍ତାଧସ୍ତି ହୋଇଥିଲା। ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଏବଂ ପଡ଼ୋଶୀ ନିର୍ବାଚନ ମଣ୍ଡଳୀରେ ଏଭଳି ଜଘନ୍ୟ ଅପରାଧ ଘଟିଥିବାବେଳେ ସେ ଚୁପ ବସିଛନ୍ତି। ଆଇନ ସମସ୍ତଙ୍କ ପାଇଁ ଗୋଟିଏ ଥିବା ବେଳେ ସମୀର ଦାସ କାହିଁକି ଛାଡ଼ ପାଇବେ। ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣାର ରହସ୍ୟକୁ ଗୃହ ବିଭାଗ ଚପେଇ ଦେଉଥିବା ବେଳେ ଗୃହ ବିଭାଗର ରାଷ୍ଟ୍ରମନ୍ତ୍ରୀ କରୁଛନ୍ତି କ'ଣ ବୋଲି ଛାତ୍ର କଂଗ୍ରେସ ପ୍ରଶ୍ନ କରିଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଜତ ଚୌଧୁରୀ, ଶିବାନନ୍ଦ ରାୟ, ମାନସ ଚୌଧୁରୀ, ଡ. ଦେବାଶିଷ ପଟ୍ଟନାୟକ, ବିଶ୍ୱଜିତ ଦାଶ, ପ୍ରକାଶ ମିଶ୍ର, ମନୋଜ ଜେନା, ମନୋଜ ବିଶ୍ୱାଳ, କିରଣ ସାହୁ, ଅମରେଶ ପରିଡ଼ା, ଅନୁପମ କୁହଁର ଓ ପବିତ୍ର ହରିଜନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### କିଏ ହେବେ ଗୁଜରାଟ ଆପ୍‌ର....

ସେ ପରବର୍ତ୍ତୀ ଅବସ୍ଥାରେ ରାଜ୍ୟର ମୁଖ୍ୟମନ୍ତ୍ରୀ ହେବେ। ତେଣୁ ଆମେ ଆଜି ଲୋକଙ୍କୁ ପଚାରୁଛୁ ଯେ କିଏ ଆପଣମାନଙ୍କ ମୁଖ୍ୟମନ୍ତ୍ରୀ ହେବା ଦରକାର ? ଏଥିପାଇଁ ଆମେ ୬୩୫୭୦୦୦୩୬୦ ନମ୍ବର ଜାରି କରୁଛୁ। ଏହି ନମ୍ବରରେ ଲୋକମାନେ ନିଜର ମତାମତ ଦେଇପାରିବେ। ଲୋକମାନେ ଏସଏମଏସ, ହ୍ୱାଟସଆପ ଓ ଭୟସ ମେସେଜ ଜରିଆରେ ନିଜ ମତାମତ ପଠାଇବେ। ଆପଣମାନେ aapnocm@gmail.com ଜରିଆରେ ଇ-ମେଲ ମଧ କରିପାରିବେ। ଏହାର ଅର୍ଥ ୪ଟି ଉପାୟରେ ଲୋକମାନେ ସେମାନଙ୍କ ମତାମତ ରଖିବାକୁ ସୁଯୋଗ ପାଇବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ନମ୍ବରଟି ୩ ନଭେମ୍ବର ସନ୍ଧ୍ୟା ୫ଟା ଯାଏ କାର୍ଯ୍ୟକ୍ଷମ ରହିବ। ପବ୍ଲିକ ଓପିନିୟନର ରେଜଲ୍ଟ ୪ ତାରିଖରେ ସର୍ବସମ୍ମୁଖରେ ଘୋଷଣା କରାଯିବ ବୋଲି କେଜ୍ରିୱାଲ କହିଛନ୍ତି।

## ବ୍ୟାଙ୍କ ନେଉନାହିଁ ଖୁଚୁରା ପଇସା : ଗ୍ରାହକ ହନ୍ତସନ୍ତ

ବସ୍ତା,୨୯/୧୦(ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବରୁଣଗଡିଆ ସ୍ଥିତ ବ୍ୟାଙ୍କ ଅଫ ବରୋଦାକୁ ଆଜି ଜଣେ ଗ୍ରାହକ କିଛି ଖୁଚୁରା ପଇସା ଡିପୋଜିଟ ପାଇଁ ଆସିଥିଲେ, ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ପ ଇସା ନିଆଯିବ ନାହିଁ ବୋଲି ରୋକ ଠୋକ ମନା କରିଦେଇଥିଲେ,ଏଥିରେ ଗ୍ରାହକ ଜଣକ କାହିଁକି ନିଆଜିବନି ବୋଲି ପ୍ରଶ୍ନ କରିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ନାଲି ଆଖି ଦେଖାଇ ବିଭିନ୍ନ ପ୍ରକାରର ଦୁର୍ବ୍ୟବହାର କରିଥିଲେ, ସରକାର କିମ୍ବା ରିଜର୍ଭ ବ୍ୟାଙ୍କ ଖୁଚୁରା ପଇସା ବନ୍ଦ କରିନଥିବା ବେଳେ ବ୍ୟାଙ୍କ ବରୋଦା ଗ୍ରାହକଙ୍କ ଠାରୁ ଖୁଚୁରା ପଇସା ନନେବା ଏବେ ଚିନ୍ତାର ବିଷୟ ପାଲଟିଛି ।

## ରାତ୍ରିରେ ଶିବ ମନ୍ଦିରରୁ ଚୋରୀ

ବସ୍ତା,୨୯/୧୦(ନି.ପ୍ର): ବିଳମ୍ବିତ ରାତିରେ ଶିବ ମନ୍ଦିର ରୁ ଠାକୁରଙ୍କ ସାମଗ୍ରୀ ଲୁଟି ନେଲେ ଦୁର୍ବୃତ୍ତ,। ପୋଲିସ ପ୍ରଶାସନ ଚୁପ , ସୁଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଧୂଳିଉଡ଼ା ସ୍ଥିତ ଧୂଳେଶ୍ୱର ଶିବ ମନ୍ଦିର ଗତକାଲି ବିଳମ୍ବିତ ରାତିରେ ଲୁଟେରାମାନେ ଲୁଟ କରିଛନ୍ତି ବିଭିନ୍ନସୁନା ରୁପା ଅଳଙ୍କାର । ସାମଗ୍ରୀ ର ମୂଲ୍ୟ ଆନୁମାନିକ ୪୦ ହଜାର ରୁ ଅଧିକ ଟଙ୍କା ହେବ, ବୋଲି ଅନୁମାନ କରାଯାଉଛି । ବାରମ୍ବାର ଏଭଳି ଭାବେ ବିଭିନ୍ନ ମନ୍ଦିର ରୁ ଲୋଟେରାମାନେ ଚୋରି କରୁଥିଲେ ମଧ୍ୟ ପୋଲିସ ଏହାର ସୁରାକ ପାଇପାରୁ ନାହିଁ । ଏହିଭଳି ଅବ୍ୟବସ୍ଥାରେ ବସ୍ତା ଆଇନଶୃଙ୍ଖଳା ଚାଲିଛି । ପେଟ୍ରୋଲିଙ୍ଗ ହୁଗୁଳା ରହିବାରୁ ଫତୁଡି ଓ ଲୋଟେରା ମାନଙ୍କର ପାର୍ଦୁଭାବ ବଢିଚାଲିଛି ବୋଲି ଜନସାଧାରଣରେଚର୍ଚ୍ଚା ଯୋରଧରିଛି ।

## ଜୟୀ ରାଜଗୁରୁଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଥମ ଓଡ଼ିଆ ଶହୀଦ ଜୟୀ ରାଜଗୁରୁଙ୍କ ଜୟନ୍ତୀରେ କେନ୍ଦ୍ର ମନ୍ତ୍ରୀଧର୍ମେନ୍ଦ୍ର ପ୍ରଧାନ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରିକହିଛନ୍ତି ଯେ - ଓଡ଼ିଶା ମାଟିର ସୁଯୋଗ୍ୟ ସନ୍ତାନ ତଥା ମହାନ୍ ବିପ୍ଲବୀ ଶହୀଦ ଜୟୀ ରାଜଗୁରୁଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ଧାମନଗର ଉପନିର୍ବାଚନ : ଫ୍ଲାଇଂ ସ୍କ୍ୱାର୍ଡ଼ ସର୍ଭେଲାନ୍ସ ଟିମ୍ ସଂଖ୍ୟା ବୃଦ୍ଧି




ଭଦ୍ରକ,୨୯/୧୦(ନି.ପ୍ର): ଧାମନଗର ଉପନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣ ବିଧି ଉଲଙ୍ଘନ ନେଇ ଆସୁଥିବା ଅଭିଯୋଗ ଆଧାରରେ ଗତକାଲି ତା.୨୮.୧୦.୨୦୨୨ ରିଖ ପୂର୍ବାହ୍ନରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା ପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଅନୁଯାୟୀ ସେ ଦିଗରେ କଡାକଡି ପଦକ୍ଷେପ ନେବାପାଇଁ ଜିଲ୍ଲା ପ୍ରଶାସନର ତତ୍ପରତା ପ୍ରକାଶ ପାଇଛି। ସି.ଇ.ଓ.ଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶ ମତେ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ଧରପଗଡ଼ ପାଇଁ ପୂର୍ବଗଠିତ ୩ଟି ଲେଖାଏଁ ଫ୍ଲାଇଁ ସ୍କାଡ଼ ଓ ଷ୍ଟାଟିକ୍ ସର୍ଭେଲାନ୍‌ସ ଟିମ ସଂଖ୍ୟାକୁ ୬ଟି ଲେଖାଏଁ ବୃଦ୍ଧି କରାଯାଇ ୯ଟି ଲେଖାଏଁ ଦଳ ଗଠନ କରାଯାଇଛି। ପୁର୍ନଗଠିତ ଦଳର ଅଧିକାରୀ ଓ ଅନ୍ୟ କର୍ମଚ୍ଚରୀ ମାନଙ୍କୁ ନେଇ ଗତକାଲି ସନ୍ଧ୍ୟାରେ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଦ୍ୟାବଧି ସ୍କାଡ୍ ମାନଙ୍କ ଦ୍ୱାରା କୌଣସି ଆଖି ଦୃଶିଆ ଧରପଗଡ଼ କି ଜବତ ଘଟଣା ହୋଇନଥିବାରୁ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିବା ସହିତ କାର୍ଯ୍ୟରେ ଅବହେଳା କଲେ ସମ୍ପୃକ୍ତ ଅଧିକାରୀ କି କର୍ମଚ୍ଚରୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶୁଣାଇଥିଲେ। ସରକାରୀ ଜାଗା ଅନୁମତି ନମିଳିଥିବା ଘରୋଇ ଜାଗାରେ ଲାଗିଥିବା ବ୍ୟାନର, ପୋଷ୍ଟର ଉଚ୍ଛେଦ କରିବା, କାନ୍ଥ ଲେଖାକୁ ଲିଭାଇବା ଅବୈଧ ଭାବେ ଆୟୋଜନ କରାଯାଇଥିବା ମିଟିଂ, ଭୋଜିଭାତ, ପ୍ରଚାର ଗାଡ଼ି ଆଦିକୁ ବନ୍ଦ ଓ ଜବତ କରାଯିବା, ଅବୈଧଭାବେ ବହୁ ପରିମାଣରେ ଟଙ୍କା, ମାଦକ ଦ୍ରବ୍ୟ ଚାଲାଣକୁ ତନଖି ଓ ଜବତ କରିବା ଆଦି ଦିଗରେ ନିରପେକ୍ଷ ଭାବେ ଦୃଢ଼ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ପ୍ରତିଦିନ କେଉଁ କାର୍ଯ୍ୟ କେତେ ପରିମାଣରେ କରାଯାଇଛି ସେ ନେଇ ପ୍ରତିଦଳ ପ୍ରତିଦିନ ରିପୋର୍ଟ ଦେବା, କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକ ଉପକରଣ ସବୁ ପ୍ରତିଦଳ ସାଙ୍ଗରେ ନେବା ଆଦି ସମ୍ବନ୍ଧରେ ଉପଜିଲ୍ଲାପାଳ ମନୋଜ ପାତ୍ର ଓ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ବୁଝାଇଥିଲେ। ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିବା ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିର୍ବାଚନ ଆୟୋଗ ଦ୍ୱାରା ପ୍ରଚଳିତ ସିଭିଜିଲ ଆପ୍‌କୁ ପ୍ରତିଦଳ ଡାଉନ୍‌ଲୋର୍ଡ଼ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଦର୍ଶାଇଥିଲେ। ସି.ଡ଼ି.ଓ ପ୍ରତାପ ପ୍ରୀତିମୟ ଓ ଆର୍.ଓ ତଥା ଅତିରିକ୍ତ ଜିଲ୍ଲାପାଳ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ମଧ ଏହି ବୈଠକରେ ଯୋଗ ଦେଇଥିଲେ।

## 'ଅସ୍ତରାଗ'ସେବା ସଂଘର ସ୍ୱନକ୍ଷତ୍ର ଉତ୍ସବ




ବାଲେଶ୍ୱର,୨୯/୧୦(ନି.ପ୍ର): 'ଅସ୍ତରାଗ' ଅବସରପ୍ରାପ୍ତ ସେବା ସଂଘର ୧୬ତମ ସ୍ୱନକ୍ଷତ୍ର ଉତ୍ସବ ସହର ଉପକଣ୍ଠ ବାଲିଆ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ମଦନ ମୋହନ ପଣ୍ଡା ଏହି ଉତ୍ସବରେ ସଭାପତିତ୍ୱ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ରାଜ୍ୟ ସଭାପତି ଇଂ. ବନମାଳି ନାୟକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଜୀବନର ଅବସର ନଥାଏ ବୋଲି କହିଥିଲେ। ଦୃଢ଼ ମନୋବଳ ଓ ସକ୍ରିୟ କାର୍ଯ୍ୟଧାରା ବ୍ୟକ୍ତିଙ୍କୁ ସର୍ବଦା କାର୍ଯ୍ୟକ୍ଷମ ରଖିଥାଏ ବୋଲି ସେ ମତ ପ୍ରକାଶ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳୀପଦ ପଣ୍ଡା, ଫ୍ୟୁଚର ବାଲେଶ୍ୱରର ସଭାପତି ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ଓ ପ୍ରାଧ୍ୟାପକ ଅଦ୍ୟୁପ୍ତ କୁମାର ମଣ୍ଡଳ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାନବ ଜୀବନରେ ଅବସର ଗ୍ରହଣର ତାତ୍ପର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସମାଜସେବୀ ସଂଯୁକ୍ତ ରାଣୀ ବେହେରା, ପ୍ରଣିତା ମିଶ୍ର, ଚିତ୍ରାରାଣୀ ପାତ୍ର, ଯୁଧିଷ୍ଠିର ପ୍ରଧାନ, ପ୍ରଦୀପ କୁମାର ସାହୁ, ସଞ୍ଜୀବ କୁମାର ପରମାଣିକ, ଅନନ୍ତ କୁମାର ମିଶ୍ର, ମନ୍ମଥ କୁମାର ଘଡ଼େଇ, ସରୋଜ କୁମାର ମହାନ୍ତି ଓ ସଂଗଠନର କୋଷାଧ୍ୟକ୍ଷ ଶ୍ରୀକାନ୍ତ ଗାଆଣ ପ୍ରମୁଖ ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଦୁକୁଲୁ ଚନ୍ଦ୍ର ଘଡ଼େଇ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ସମ୍ପାଦକ ରମେଶ ଚନ୍ଦ୍ର ଜେନା ବିବରଣୀ ପାଠ କରିଥିଲେ। ଯୋଗେଶ ଚନ୍ଦ୍ର ପ୍ରଧାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟୀ ରାଜଗୁରୁଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯/୧୦(ନି.ପ୍ର): ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଥମ ଓଡ଼ିଆ ଶହୀଦ ଜୟୀ ରାଜଗୁରୁଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନପଟ୍ଟନାୟକ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରିକହିଛନ୍ତି ଯେ - କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଥମ ଓଡ଼ିଆ ଶହୀଦ ଜୟୀ ରାଜଗୁରୁଙ୍କ ଜୟନ୍ତୀରେମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ଓଡ଼ିଆ ଜାତିର ବିରତ୍ୱ ଓ ପରାକ୍ରମର ସେ ହେଉଛନ୍ତି ଚିର ଆଦର୍ଶ। ତାଙ୍କ ଅମାପଦେଶପ୍ରେମ, ନିର୍ଭୀକ ସଂଗ୍ରାମୀ ଜୀବନ ଓ ଅସୀମ ତ୍ୟାଗ ସର୍ବଦା ସ୍ମରଣୀୟ।

## ଗୁଞ୍ଜୁସାହି କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ



ବାରିପଦା,୨୯/୧୦(ନି.ପ୍ର): ବାରିପଦା ବ୍ଲକ ଅନ୍ତର୍ଗତ ଗୁଞ୍ଜୁସାହି କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ସ୍ଥାନୀୟ ରାଣୀଭୋଳ ଏସ୍.ଏସ୍.ଡି. ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକମନୋଜ୍ଞ ପରିବେଶରେ ସିଆରସିସି ଗୀତିକା ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହୋତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଏବଂ ପ୍ରବଚକ ଭାଗବତ ପଣ୍ଡା ମୁଖ୍ୟ ଅତିଥି, ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ବିଶେଷ ଅତିଥି, ଉତ୍ସବ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦୀପକ କୁମାର ସେଠୀ ସମ୍ମାନିତ ଅତିଥି, ଶଙ୍କାଭଙ୍ଗା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱାଧୀନ କୁମାର ମିଶ୍ର ମୁଖ୍ୟବକ୍ତା, ଶିକାରୀଘାଟୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଞ୍ଜର ପ୍ରଧାନଶିକ୍ଷକ ଇନ୍ଦିରା ବାନାର୍ଜୀ ତଥା ରଙ୍ଗାମାଟିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଶୀଳା ପଣ୍ଡା, ଅନ୍ୟତମ ବକ୍ତାଭାବରେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପଣ୍ଡା ତାଙ୍କ ବକ୍ତବ୍ୟରେ ପିଲାମାନଙ୍କ ଭିତରେ ଏକ ସମ୍ଭାବନାମୟ ଭବିଷ୍ୟତ ଥିବାବେଳେ ସେମାନେ ନିଜର ପ୍ରତିଭାର ବିକାଶ ପାଇଁ ଏହା ଏକ ସୁଯୋଗ ବୋଲି ଅଭିହିତ କରି ସ୍ୱାମୀବିବେକାନନ୍ଦଙ୍କ ଠାରୁ ଆରମ୍ଭ କରି ସତୀ ଅନସୂୟା ପ୍ରଭୃତିଙ୍କର ଉଦାହରଣ ପ୍ରଦାନ କରିଥିଲେ। ମଞ୍ଚାସିନ ସମସ୍ତ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ପ୍ରତିଭାର ପରିସ୍ଫୁଟନ ପାଇଁ ସୁରଭି କାର୍ଯ୍ୟକ୍ରମ ଗଣଶିକ୍ଷା ବିଭାଗର ଏକ ସୁନ୍ଦର କାର୍ଯ୍ୟକ୍ରମ ବୋଲି ଅଭିହିତ କରି ଛାତ୍ରଛାତ୍ରୀମାନେ ଏଥିରେ ଆଗ୍ରହୀ ହେବା ଉଚିତ୍ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ପାଖାପାଖି ୧୦୦ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## ମା' ଭଦ୍ରକାଳୀଙ୍କ ମହାସରସ୍ୱତୀ ବେଶ



ଭଦ୍ରକ,୨୯/୧୦(ନି.ପ୍ର): ମା' ଭଦ୍ରକାଳୀଙ୍କ ସପ୍ତମାତୃକା ବେଶର ଆଜି ଷଷ୍ଠ ଦିବସରେ ମା' ମହାସରସ୍ୱତୀ ବେଶରେ ପୂଜା ପାଇଛନ୍ତି। ମା'ଙ୍କର ମୁଖମଣ୍ଡଳ ଶ୍ୱେତ ବର୍ଣ୍ଣ ଥିବା ବେଳେ ସେ ଚାରି ହସ୍ତରେ ବେଦ, ଜପାମାଳୀ, ପଦ୍ମ ଓ ବୀଣା ଧାରଣ କରିଛନ୍ତି। ଶ୍ୱେତ ପାଟବସ୍ତ୍ର ପରିଧାନ କରିବା ସହିତ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଛନ୍ତି। ପଦ୍ମ ଆସନରେ ହଂସ ବାହନରେ ବିରାଜମାନ କରିଛନ୍ତି ମା' ଭଦ୍ରକାଳୀ। ମା'ଙ୍କର ଏହି ବେଶକୁ ଦର୍ଶନ କରିବା ପାଇଁ ସକାଳୁ ଭକ୍ତମାନଙ୍କର ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ମହାସରସ୍ୱତୀ ବେଶରେ ମା'ଙ୍କ ଦର୍ଶନ କଲେ ବିଦ୍ୟା, ବୁଦ୍ଧି, ଜ୍ଞାନ ପ୍ରାପ୍ତି ହୋଇଥାଏ। ମା'ଙ୍କ ଆଶୀର୍ବାଦରେ ଉଚ୍ଚ ସମ୍ମାନ ପ୍ରାପ୍ତି ହୁଏ ବୋଲି ଲୋକକଥା ରହିଛି। ଆସନ୍ତାକାଲି ମା' ମହାଲକ୍ଷ୍ମୀ ବେଶରେ ପୂଜା ପାଇବେ। ଏଥି ସହିତ ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟାସ୍ତ ପୂର୍ବରୁ ପୂର୍ଣ୍ଣାହୂତି ଅନୁଷ୍ଠିତ ହେବ। ପୂର୍ଣ୍ଣାହୂତୀ ଅବସରରେ ହଜାରହଜାର ଭକ୍ତଙ୍କ ସମାଗମ ହେବାର ଆଶଙ୍କା ଥିବାରୁ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଭକ୍ତମାନେ ଶାନ୍ତି ଶୃଙ୍ଖଳାର ସହ ମା'ଙ୍କ ବେଶ ଦର୍ଶନ କରିବାକୁ ପ୍ରଶାସନ ଓ ସେବାୟତ ଏବଂ ଆୟୋଜକ କମିଟି ପକ୍ଷରୁ ନିବେଦନ କରାଯାଇଛି।

## ଧାମନଗର ଉପନିର୍ବାଚନ : ୭ଜଣ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଭଦ୍ରକ,୨୯/୧୦(ନି.ପ୍ର): ଧାମନଗର ଉପନିର୍ବାଚନ କାର୍ଯ୍ୟ ପରିଚ୍ଚଳନା କ୍ଷେତ୍ରରେ ଅବହେଳା ପାଇଁ ୬ ଜଣ କର୍ମଚ୍ଚରୀ ଓ ଆଦର୍ଶ ଆଚରଣ ବିଧି ଉଲଙ୍ଘନ ଅଭିଯୋଗ ଆଧାରରେ ଜଣେ ସମୁଦାୟ ୭ ଜଣ କର୍ମଚ୍ଚରୀଙ୍କ ବିରୁଦ୍ଧରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଦ୍ୱାରା ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲ୍ଲା କର୍ଯ୍ୟାଳୟରେ ଖୋଲାଯାଇଥିବା ନିର୍ବାଚନୀ ନିୟନ୍ତ୍ରଣ କକ୍ଷରେ ନିଜର କାର୍ଯ୍ୟ ସମୟ ମଧ୍ୟରେ ଅନୁପସ୍ଥିତ ଥିବା ଯୋଗୁଁ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟର ଜୁନିଅର ଆସିଷ୍ଟାଣ୍ଟ ଖଗେଶ୍ୱର ଦାସ ଏବଂ ରାଜନୈତିକ ଦଳ ସହ ସଂପୃକ୍ତି କାରଣରୁ ଆଦର୍ଶ ଆଚରଣ ବିଧି ଉଲଙ୍ଘନ ଆଧାରରେ ମା' ଶାରଦା ଦେବୀ ମହାବିଦ୍ୟାଳୟ କୋଠାରର କ୍ଲର୍କ ନୃସିଂହ ଚରଣ ନନ୍ଦୀଙ୍କୁ କାର୍ଯ୍ୟରୁ ସସ୍‌ପେଣ୍ଡ କରାଯାଇଛି। ନିର୍ବାଚନୀ ପ୍ରଶିକ୍ଷଣରେ ଅନୁପସ୍ଥିତ ଯୋଗୁଁ ବାରିକପୁର ନୋଡ଼ାଲ ସ୍କୁଲର ସହକାରୀ ଶିକ୍ଷକ ପ୍ରତିଭା ସେନାପତି, ନଳାଙ୍ଗ ୟୁ.ଜି.ଏମ୍.ଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମହାନ୍ତି ଏବଂ ନିର୍ବାଚନୀ ନିୟନ୍ତ୍ରଣ କକ୍ଷ ପରିଚ୍ଚଳନା କାର୍ଯ୍ୟରେ ଦେଢ଼ଘଣ୍ଟା ବିଳମ୍ବରେ ଆସିଥିବାରୁ ଡୁଡ଼ାର ଟିମ୍ ଲିଡ଼ର ଈଶ୍ୱର ପଣ୍ଡା, ଭଦ୍ରକ ତହସିଲର ଏସ୍.ଆର.ଏ. ଜ୍ୟୋତି ବିକାଶ ସାହୁ, ଉପନିବନ୍ଧକ କାର୍ଯ୍ୟାଳୟର ଏସ୍.ଆର୍.ଏ. ବିଭୁଦତ୍ତ ବାରିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

# ବିପର୍ଯ୍ୟୟ ପରିଚାଳନା ସଚେତନତା ନେଇ ମିନି ମାରାଥନ ଆୟୋଜିତ

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ ଶନିବାର ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି । ସକାଳ ସାଢ଼େ ୭ଟାରେ କଳିଙ୍ଗ ଷ୍ଟାଡିୟମ୍ ପରିସରରୁ ଆରମ୍ଭ ହୋଇଥିବା ଏହି ମିନି ମାରାଥନକୁ ପୂର୍ବତନ ସାଂସଦ ତଥା ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ତିର୍କୀ ଏବଂ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡ଼ିଏମ୍‌ଏ)ଙ୍କ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ଜେନା ସବୁଜ ପତାକା ପ୍ରଦର୍ଶନପୂର୍ବକ ଶୁଭାରମ୍ଭ କରିଥିଲେ । 'ବିପର୍ଯ୍ୟୟଜନିତ ସମ୍ଭାବ୍ୟ କ୍ଷୟକ୍ଷତିର ସ୍ଥିତିସ୍ଥାପକତାରେ ଗୋଷ୍ଠୀର ଭୂମିକା' ବିଷୟକୁ ଗୁରୁତ୍ୱ ଦେଇଥିବା ଏହି ମାରାଥନରେ କ୍ରୀଡ଼ା ଛାତ୍ରାବାସ, କଳିଙ୍ଗ ଷ୍ଟାଡିୟମ୍ ଏଚ୍‌ପିସି ଅନ୍ତର୍ଗତ ହକି, ସନ୍ତରଣ, ଆଥଲେଟିକ୍ସ, ଭାରୋତ୍ତୋଳନ ଶୃଙ୍ଖଳର ଅନ୍ତେବାସୀଙ୍କ ସମେତ ଉଭୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଏସ୍‌ଡ଼ିଏମ୍‌ଏର ଅଧିକାରୀ ଏବଂ କର୍ମଚାରୀଙ୍କୁ ମିଶାଇ ପ୍ରାୟ ୫୦୦ ଜଣ ସାମିଲ ହୋଇଥିଲେ। ମାରାଥନ କଳିଙ୍ଗ ଷ୍ଟାଡିୟମ୍ ର ୩ ନମ୍ବର ଗେଟ୍ ରୁ ବାହାରି ଶାସ୍ତ୍ରୀ ନଗର ଛକ, ୧୨୦ ବାଟାଲିୟନ୍ ଛକ ଓ ପାୱାର ହାଉସ୍ ଦେଇ ରାଜଭବନ ଛକରେ ପହଂଚିଥିଲା ଓ ସେଠାରୁ କଳିଙ୍ଗ ଷ୍ଟାଡିୟମ୍ ଫେରିଥିଲା। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଓଏସ୍‌ଡ଼ି ରେଘୁ ଜି, ଯୁଗ୍ମ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନା, ଶୁଭ୍ରାଂଶୁ ଶେଖର ମିଶ୍ର, ବିଜୟାନନ୍ଦ ନାୟକ ଏବଂ ଓଏସ୍‌ଡ଼ି ସିଦ୍ଧାର୍ଥ ସାହୁଙ୍କ ସମେତ ଅନ୍ୟଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ବାହୀ ନିର୍ଦ୍ଦେଶକ ଡ. ଜ୍ଞାନ ଦାସ, ସିଜିଏମ୍ ସବ୍ୟସାଚୀ ହୋତା, ଧୀରେନ୍ଦ୍ର କୁମାର ସାହୁ, ଡିଜିଏମ୍ ସୁନୀଲ କୁମାର ସାହୁ, ଜୟଜଗତ ସାହୁ, ଉପଶାସନ ସଚିବ ରବି ବାରିକ ଏବଂ ବିଶ୍ୱନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## କଂଗ୍ରେସ ନେତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ଭୁବନେଶ୍ୱର, ୨୯/୧୦(ନି.ପ୍ର): ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ସଭାପତିଙ୍କ ସୁପାରିଶ ତଥା ଅଖିଳ ଭାରତ କଂଗ୍ରେସ କମିଟିଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା ଧାମନଗର ନିର୍ବାଚନ ମଣ୍ଡଳୀର ଶ୍ରୀ ବିଦ୍ୟାଧର ଜେନାଙ୍କ ଉପରେ ହୋଇଥିବା ନିଲମ୍ବନ ଆଦେଶକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ପ୍ରତ୍ୟାହାର କରିନେଇଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି ।

## ରାଜ୍ୟରେ ନୂଆ ୪୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୬୦୮୬ କୁ ବୃଦ୍ଧି ପାଇଛି। ନୂଆ ଚିହ୍ନଟ ୪୨ ଆକ୍ରାନ୍ତଙ୍କ ମଧ୍ୟରୁ ୨୪ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୧୮ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି। ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୫୫ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୬୫୨୪ ରେ ପହଂଚିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୦୬ ରହିଛି । ରାଜ୍ୟରେ ନୂଆ ଚିହ୍ନଟ ହୋଇଥିବା ୪୨ ସଂକ୍ରମିତଙ୍କ ମଧ୍ୟରୁ ବଲାଙ୍ଗିର ଜିଲ୍ଲାରେ ୨, କଟକ ଜିଲ୍ଲାରେ ୩, ଜଗତସିଂହପୁର ଜିଲ୍ଲାରେ ୩, କଳାହାଣ୍ଡି ଜିଲ୍ଲାରେ ୧ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲାରେ ୧, ମୟୂରଭଞ୍ଜ ଜିଲ୍ଲାରେ ୧, ନବରଙ୍ଗପୁର ଜିଲ୍ଲାରେ ୩, ନୟାଗଡ଼ ଜିଲ୍ଲାରେ ୨, ପୁରୀ ଜିଲ୍ଲାରେ ୩, ସମ୍ବଲପୁର ଜିଲ୍ଲାରେ ୨, ସୋନପୁର ଜିଲ୍ଲାରେ ୧ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ହ୍ରାସ ଦିବସ




ବାଲେଶ୍ୱର,୨୯/୧୦(ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଶନିବାର ପାଳିତ ହୋଇଯାଇଛି।ଏହି ପରିପ୍ରେକ୍ଷୀରେ ସକାଳେ ବିଦ୍ୟାଳୟ ଛାତ୍ର-ଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା। ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ପତକା ଦେଖାଇ ଏହି ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ଗାନ୍ଧୀସ୍ମୃତି ଭବନଠାରେ ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ୧୯୯୯ ମସିହା ମହାବାତ୍ୟାର କରାଳ ରୂପ ତଥା ଧନଜୀବନକୁ ମନେ ପକାଇଥିଲେ। ତେବେ ସମ୍ପ୍ରତି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଥିବା ବେଳେ ନିଜକୁ ନିଜେ ସୁରକ୍ଷିତ ରଖିବାର କୌଶଳ ଜାଣିବା ଓ ଅନ୍ୟକୁ ଉଦ୍ଧାର କରିବା ମାନସିକତା ସୃଷ୍ଟି ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଜିଲାପାଳ ଶ୍ରୀ ଶିନ୍ଦେ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ପରିଷଦ ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଂଜନ କୁମାର ନାୟକ ପ୍ରମୁଖ ଏଥିରେ ଯୋଗଦେଇ ଆଜିର ଦିବସ ପାଳନର ତତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ସମେତ ଶ୍ରେଷ୍ଠ ଅଙ୍ଗନବାଡ଼ି କର୍ମୀ ଓ ଉଦ୍ଧାରକାରୀ ଦଳଙ୍କୁ ଏହି ସଭାରେ ପୁରସ୍କୃତ କରାଯାଇଥିଲା।ଏଥି ସହିତ ସଠିକ ପରିଚାଳନା ପାଇଁ ପାଖରସାଉଁ ବାତ୍ୟାଶ୍ରୟ ସ୍ଥଳକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଜିଲା ଜରୁରୀକାଳୀନ ଅଧିକାରିଣୀ ରିଜୱାନା କବକଅବ କାର୍ଯ୍ୟକମରେ ସଂଯୋଜନା କରିଥିବା ବେଳେ ୟୁନସେଫର ଜିଲା ସଂଯୋଜକ ପ୍ରଦୀପ କୁମାର ପାତ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏନଡିଆରଏଫ, ଓଡ୍ରାଫ ଏବଂ ଅଗ୍ନିଶମ ବିଭାଗର ମିଳିତ ସହଯୋଗରେ ବିପର୍ଯ୍ୟୟ ପରିଚାଳନା ଓ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ଯାନ୍ତ୍ରିକ ଉପକରଣ ସମ୍ବଳିତ ପ୍ରଦର୍ଶନୀ ଏହି ଅବସରରେ ଆୟୋଜିତ ହୋଇଥିଲା।

## ଯନ୍ତ୍ରୀଙ୍କ କ୍ରିପ୍ଟୋ କରେନ୍ସି ଫ୍ରିଜ୍ କରିବାକୁ ଚିଠି ଲେଖିଲା ଭିଜିଲାନ୍ସ

ଭୁବନେଶ୍ୱର, ୨୯/୧୦(ନି.ପ୍ର): ଆରଡବ୍ଲୁଏସଏସ୍ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ନିହାର ରଞ୍ଜନ ଦାସ କ୍ରିପ୍ଟୋ କରେନ୍ସିରେ କରିଥିବା ନିବେଶକୁ ଫ୍ରିଜ୍ କରିବାକୁ ଚିଠି ଲେଖିଛି ଭିଜିଲାନ୍ସ ବିଭାଗ। ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋବନ୍ତ ଜେଠୱା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କ୍ରିପ୍ଟୋ କରେନ୍ସି ଲିଙ୍କ୍ ରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିହାର ରଂଜନ ଦାସଙ୍କୁ ଅଟକ ରଖି ଜେରା କରାଯାଇଛି। ଏହି ମାମଲାରେ କ୍ରିପ୍ଟୋ ଏକ୍ସପର୍ଟଙ୍କ ସହାୟତା ନେଉଛୁ। ତାଙ୍କଠାରୁ ଠାବ ହୋଇଥିବା କରେନ୍ସି ଫ୍ରିଜ୍ ହେବ। ଏଥିପାଇଁ ଋଷ୍ ଓ ଜର୍ମାନୀରେ ଥିବା କ୍ରିପ୍ଟୋ ଏକ୍ସଚେଞ୍ଜକୁ ଫ୍ରିଜ ପାଇଁ ଲେଖିଛୁ। ଇ-ମେଲ୍ ମାଧ୍ୟମରେ କ୍ରିପ୍ଟୋ ଅଥରିଟିଙ୍କୁ ଚିଠି ଲେଖାଯାଇଛି। ଅନ୍ୟ ରାଜ୍ୟର କ୍ରିପ୍ଟୋ ଏକ୍ସପର୍ଟଙ୍କ ସହାୟତା ମଧ୍ୟ ନିଆଯାଉଛି। ସୂଚନାଯୋଗ୍ୟ ଯେ ଭିଜିଲାନ୍ସ ରେଡ୍ ବେଳେ ଶ୍ରୀ ଦାସ କ୍ରିପ୍ଟୋ କରେନ୍ସିରେ ୧ କୋଟି ୭୫ ଲକ୍ଷର ନିବେଶ କରିଥିବା ଜଣାପଡିଥିଲା।

## ବସ୍ତାରେ ଚାଷୀମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ବସ୍ତା,୨୯/୧୦(ନି.ପ୍ର): ବାଲେଶ୍ୱର ଜିଲ୍ଲାବସ୍ତା ବ୍ଲକର ସିତା ଡିହା ସରକାରୀ ନୋଡାଲ ସ୍କୁଲ ପ୍ରାଙ୍ଗଣରେ NIRDOଫାରମାର ପ୍ରୋଡ୍ୟୁସର୍ସ କୋ ପରେଟିଭ ସୋସାଇଟି ପକ୍ଷରୁ ଚାଷୀ ମାନଙ୍କୁ ନେଇ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏପିଓ ସଭାପତି ପ୍ରଦୀପ ଜେନାଙ୍କ ସଭାପତିତ୍ୱରେ ବସ୍ତା ଏଫପିଓର ଉପଦେଷ୍ଟା ଶ୍ୟାମ ପ୍ରସାଦ ବେହେରା, ସନ୍ମୟ ମହାପାତ୍ର, ଏନସିଡ଼ିସିରୁ ଅନୁପମଜୀ, ବାଲେଶ୍ୱର ସିଇଓ - ସୁବ୍ରତ କୁମାର ପଣ୍ଡା, ଜଳେଶ୍ୱର ସିଇଓ - ରମାକାନ୍ତ ସି, ସାମ୍ବାଦିକ ଦିଲ୍ଲୀପ କୁମାର ଦାସ ପ୍ରମୁଖ ଯୋଗ ଦେଇ ଚାଷୀ ଓ ଚାଷ ର ସଂଯୋଗ କରଣ ଉପରେ ଆଲୋକପାତ କରିଥିଲେ । ଚାଷୀ ମାନେ ଚାଷ ରେ ବାରମ୍ବାର ଖ୍ୟାତି ସହ୍ୟ କରି ଚାଷ ପ୍ରତି ବିମୁଖ ହେଉଥିବା ବେଳେ ସରକାରୀ ପୋସହନ ପାଇ ବାଧ ହୋଇ ଚାଷ କରୁଛନ୍ତି। ତେଣୁ ସୋସାଇଟୀ ପଖ୍ୟରୁ ଚାଷୀ ମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରିବା ସହିତ ଏକ ବର୍ଷ ଧରି ସୋସାଇଟୀ ଜନସାଧାରଣଙ୍କ ପାଇଁ କାମ କରି ଅସୁଥିବା ବେଳେ, ଚାଷୀ ନିଜର ଉପାର୍ଜିତ ସମଗ୍ରୀ ବିକ୍ରି କରି ନ ପରି ହନ୍ତସନ୍ତ ହେଉଛି । ତେଣୁ ସୋସାଇଟୀ ଏସବୁର ସମସ୍ୟାକୁ ଦୂର କରିବା ପାଇଁ ଚାଷୀ ଠାରୁ ସିଧା ସଳଖ ଉପାର୍ଜିତ ଫସଲ କୁ କିଣିବା ସହିତ ବଧ ପରିକର। ତେଣୁ ସମସ୍ତ ଚାଷୀ ପ୍ରଥମେ ସୋସାଇଟୀ ସହ ଜୋଡି ହୁଅନ୍ତୁ ଏବଂ ସୋସାଇଟୀ ରୁ ଲାଭ ଉଠାଇ ବାକୁ ନେତୃତ୍ୱ ମଣ୍ଡଳୀ ନିବେଦନ କରିଥିଲେ । ଉକ୍ତ ସଭାଟିକୁ ସୁପରିଚାଳନା ଓ ସରଷ ସୁନ୍ଦର କରିବାରେ ବିକାଶଦାସ,ଯତିନ୍ଦ୍ର ସାହୁ, ଅଜିତ ଦାସ, ରମାକାନ୍ତ ନାୟକ, ବରେନ୍ଦ୍ର ପ୍ରଧାନ, ଅନିଲ ଦାସ, ଅଞ୍ଜନ ଦାସ, ମାନସ ପ୍ରଧାନ, ସଂଜୀବ ବେହେରା ଅଜିତ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରକାଶ ପାଇଲା ହସ୍ତତନ୍ତ ନିର୍ଦ୍ଦେଶାଳୟରେ ଟେକ୍‌ନିକାଲ ଆସିଷ୍ଟାଂଟ ପରୀକ୍ଷା ଫଳ, ୪୮ କୃତକାର୍ଯ୍ୟ

ଭୁବନେଶ୍ୱର, ୨୯/୧୦(ନି.ପ୍ର): ଓଡ଼ିଶା ଷ୍ଟାଫ ସିଲେକ୍ସନ୍ କମିଶନ ପକ୍ଷରୁ ହସ୍ତତନ୍ତ ନିର୍ଦ୍ଦେଶାଳୟରେ ଟେକ୍‌ନିକାଲ ଆସିଷ୍ଟାଂଟ (ବୈଷୟିକ ସହାୟକ) ନିଯୁକ୍ତି ପାଇଁ ଅନୁଷ୍ଠିତ ହୋଇଥିବା ପରୀକ୍ଷାର ଫଳ ଶନିବାର ପ୍ରକାଶିତ ହୋଇଛି। ୪୮ ଜଣ ପ୍ରାର୍ଥୀଙ୍କୁ ଏହି ପରୀକ୍ଷା ଜରିଆରେ ଚୟନ କରାଯାଇଛି। ଏହି ପରୀକ୍ଷା ଫଳର ସବିଶେଷ ତଥ୍ୟ ଓଡ଼ିଶା ଷ୍ଟାଫ ସିଲେକ୍ସନ୍ କମିଶନର ୱେବ୍‌ସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ଓଏସଏସସି ଡଟ୍ ଜିଓଭି ଡଟ୍ ଇନ୍ ରେ ଉପଲବ୍ଧ ହେଉଛି। ପରୀକ୍ଷା ପାଇଁ ଆବେଦନ କରିଥିବା ସମସ୍ତ ପ୍ରାର୍ଥୀ ଏବଂ ନିଯୁକ୍ତି ପ୍ରକ୍ରିୟାରେ ଭାଗନେଇଥିବା ପ୍ରାର୍ଥୀଙ୍କୁ ଏସଏସସି ଭୁବନେଶ୍ୱରଙ୍କ ପକ୍ଷରୁ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା କାମନା କରାଯାଇଛି।

## ବିଜେଡି ପ୍ରାର୍ଥୀ ନିଜ ନାଁରେ ନେଇଛନ୍ତି ପକ୍କାଘର : ସମ୍ବିତ ପାତ୍ର

ଧାମନଗର/ଭୁବନେଶ୍ୱର,୨୯/୧୦ (ନି.ପ୍ର): ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶି ସୁରଜଙ୍କୁ ଜିତାଇବା ପାଇଁ ଭାରତୀୟ ଜନତା ପାର୍ଟିର ତୃଣମୂଳ ସ୍ତରର କାର୍ଯ୍ୟକର୍ତ୍ତାଙ୍କ ଠାରୁ ନେଇ ଜାତୀୟ ସ୍ତରରେ ନେତା ସମସ୍ତେ ଏକ ମିଶନ ମୁଡରେ ଲାଗିଛନ୍ତି। ଧାମନଗରରେ ବିଜେପି ଜିତିବା ସୁନିଶ୍ଚିନ୍ତ କାରଣ ଏଠାରେ ଶାସକ ଦଳର ଅହଙ୍କାରକୁ ଜବାବ ଦେବା ପାଇଁ ଧାମନଗରର ଜନତା ମନସ୍ଥ କରିଛନ୍ତି। ଆଜି ଧାମନଗର ବ୍ଲକର ପାଳସାହି ଗ୍ରାମପଂଚାୟତ ଓ ବେତାଳିଆ ଗ୍ରାମପଂଚାୟତରେ ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଦୁଆର ଦୁଆର ବୁଲି କ୍ୟାମ୍ପେନିଙ୍ଗ କରିବା ସହିତ, ବାଇକ ର୍‍ୟାଲି ଓ ପଥପ୍ରାନ୍ତ ସଭାରେ ଯୋଗ ଦେଇଥିଲେ । ସମ୍ବିତ ପାତ୍ର ନିର୍ବାଚନ ପ୍ରଚାର ବେଳେ କହିଥିଲେ ଯେ, ଓଡିଶାରେ ରାଜ୍ୟ ସରକାରଙ୍କ ଅପାରଗତା ପାଇଁ ଆଜି ଗରିବ ଲୋକଙ୍କୁ ପକ୍କାଘର ମିଳିପାରି ନାହିଁ। ସାରା ଦେଶରେ ଅନ୍ୟ ରାଜ୍ୟ ଅପେକ୍ଷା ବେଶି ଚାଳ ଘର ଓଡିଶାରେ ଅଛି । ଏହାର କାରଣ ହେଉଛି କେନ୍ଦ୍ରରେ ମୋଦି ସରକାର ଅର୍ଥ ଦେଉଥିବା ବେଳେ ରାଜ୍ୟ ସରକାର ଦୁର୍ନୀତି କରୁଛନ୍ତି, ଗରିବ ଲୋକଙ୍କୁ ଘର ନଦେଇ ଧନୀ ଲୋକଙ୍କୁ ଦେଉଛନ୍ତି । ବିଜେଡିରୁ ଯିଏ ଏବେ ପ୍ରାର୍ଥୀନୀ ହୋଇଛନ୍ତି ସେ ନିଜେ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନିଜେ ନାଁରେ ନେଇଯାଇଥିଲେ ବୋଲି ଧାମନଗର ଲୋକେ ତାଙ୍କୁ ଜଣାଇଥିଲେ । ଦେଶରେ ସବୁଠାରୁ ଅଧିକ ଚାଳଘର ଓଡିଶାରେ ଅଛି ଆଉ ଏଥିପାଇଁ ଦାୟୀ ହେଉଛି ଓଡିଶା ସରକାରଙ୍କର ଅପାରଗତା ।

## କାଳୀପୂଜା ମେଳାରେ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ

ଭଦ୍ରକ,୨୯/୧୦(ନି.ପ୍ର): ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଡ଼ି.ପି.ଏଚ୍.ଓ ତଥା ଖାଦ୍ୟ ନିରାପତ୍ତା ପାଇଁ ଡ଼େଜିଗ୍‌ନେଟେଡ୍ ଅଧିକାରୀ ଡା. ଭାରତୀ ରାଉତଙ୍କ ନିର୍ଦ୍ଦେଶ କ୍ରମେ ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସଙ୍କ ନେତୃତ୍ୱରେ ଭଦ୍ରକ କାଳୀପୂଜା ମେଳା ଚରମ୍ପାରେ ଗତକାଲି ତା.୨୮.୧୦.୨୦୨୨ ରିଖରେ ଏକ ଚଢ଼ାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଳୀପୂଜା ମଣ୍ଡପ ନିକଟସ୍ଥ ଫୁଡ୍ ଷ୍ଟଲ୍ ମାନଙ୍କରେ ଧରପଗଡ଼ କରାଯାଇ ବାସି ଖାଦ୍ୟ, କୃତ୍ରିମ ରଙ୍ଗଯୁକ୍ତ ଖାଦ୍ୟ ସବୁ ନଷ୍ଟ କରାଯିବା ସହିତ ଖାଦ୍ୟ ନିରାପତ୍ତା ଆଇନ୍ ୨୦୦୬ ର ଧାରା ୬୯ ଅବମାନନା ଅପରାଧରେ ୧୦୦୦/- ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଖାଦ୍ୟ ନିରାପତ୍ତା ଜନିତ ଆଇନ୍ ସମ୍ବନ୍ଧରେ ପ୍ରଚାର ପତ୍ର ବଣ୍ଟନ କରାଯାଇ ଖାଦ୍ୟ ଦ୍ରବ୍ୟ ବ୍ୟବସାୟୀ ମାନଙ୍କୁ ସଚେତନ କରାଯାଇଥିଲା। ଏମ୍.ଟି.ଏସ୍. କର୍ମଚ୍ଚରୀ ସୁଶାନ୍ତ ନନ୍ଦଙ୍କ ସହିତ ଅନ୍ୟ କର୍ମଚ୍ଚରୀ ମଧ ଏହି ଚଢ଼ଉରେ ସାମିଲ ଥିଲେ। ସେହିପରି ଗତକାଲି ୨୮.୧୦.୨୨ରେ ବନ୍ତ ଓ ଆଗରପଡ଼ା ଅଞ୍ଚଳରେ କୋଟ୍‌ପା ଆଇନ୍ କାର୍ଯ୍ୟାନ୍ନୟନ ନେଇ ଚଢ଼ଉ କରାଯାଇଥିଲା। ବନ୍ତ ପୋଲିସ୍, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ ଅବକାରୀ ବିଭାଗର ଅଧିକାରୀ ମାନଙ୍କର ମିଳିତ ଚଢ଼ଉ କରାଯାଇ ଅବୈଧ ଭାବେ ବିକ୍ରୟ କରାଯାଉଥିବା ଗୁଟ୍‌ଖା ସିଗାରେଟ୍ ଓ ଅନ୍ୟାନ୍ୟ ନିଷେଧ ମାଦକ ଦ୍ରବ୍ୟସବୁ ଜବତ କରାଯାଇ ନଷ୍ଟ କରାଯାଇଥିଲା।



## ସୁବର୍ଣ୍ଣରେଖା ବନ୍ଦରରେ କାର୍ଯ୍ୟରତ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

ବସ୍ତା,୨୯/୧୦(ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ଗାନ୍ଧୀ ଛକରେ ଭଡା ନେଇ ରହୁଥିବା ସୁବର୍ଣ୍ଣରେଖା ବନ୍ଦର ରେ କାର୍ଯ୍ୟରତ ଜନୈକ ଯୁବ କର୍ମଚାରୀ ଙ୍କ ସନ୍ଦେହ ଜନକ ଭବରେ ମୃତ୍ୟୁ ହୋଇ ଥିବା ଜଣା ପଡିଛି। ପ୍ରକାଶ ଯେ ଯାଜପୁର ଜିଲ୍ଲା ଦାନଗାଦି ଅଞ୍ଚଳ ର ରଞ୍ଜିତ ପତିହାରି (୨୯) ସୁବର୍ଣ୍ଣରେଖା ବନ୍ଦର ରେ ଜମି ଅଧିଗ୍ରହଣ କାର୍ଯ୍ୟ ର ନୋଡାଲ ଅଫିସର ଭାବେ କାର୍ଯ୍ୟରତ ଥିଲେ। ଶୁକ୍ରବାର ରାତିରେ ରେ ଡ୍ୟୁଟି ସାରି ଖାଇ ପିଇ ତାଙ୍କ ରୁମ୍ ରେ ଶୋଇ ଥିଲେ। ଶନିବାର ସକାଳେ ତାଙ୍କର ମିଟିଂ ଥିବାରୁ ଆସିବାକୁ ବିଳମ୍ବ ହେଉଥିବାରୁ ତାଙ୍କୁ ଅନ୍ୟ କର୍ମଚାରୀ ମାନେ ଫୋନ୍ କରି ଥିଲେ। ବାରମ୍ବାର ଫୋନ କରାଯାଇ ଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ। ଫଳରେ ଅନ୍ୟ କର୍ମଚାରୀ ମାନେ ତାଙ୍କ ଭ-ଡା ଘରେ ପହଂଚି ଦେଖିଲା ବେଳକୁ ଭିତରୁ କବାଟ ବନ୍ଦ ଥିଲା ଓ ଡାକି ବାରୁ ସେ ଶୁଣି ନଥିଲେ। ଫଳରେ ସନ୍ଦେହ ହେବାରୁ ସାଥୀ କର୍ମଚାରୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ଉପସ୍ଥିତ ରେ କବାଟ ଭାଙ୍ଗି ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯିବା ସହ ଆମ୍ବୁଲାନ୍ସ ରେ ବସ୍ତା ଡାକ୍ତରଖାନା କୁ ଅଣା ଯାଇ ଥିଲା। ମାତ୍ର ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଏହି ଘଟଣା ସମ୍ପର୍କରେ ତାଙ୍କର ପରିବାର ଲୋକଙ୍କୁ ଖବର ଦିଆ ଯାଇଥିଲା। ପରିବାର ଲୋକ ପହଁଞ୍ଚିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି।ମୃତ୍ୟୁ ର କାରଣ ଅସ୍ପଷ୍ଟ ଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି।



# ସଦର ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା




ବାଲେଶ୍ୱର,୨୯/୧୦(ନି.ପ୍ର): ବିଜୁ ଜନତା ଦଳ ସଦର ନିର୍ବାଚନମଣ୍ଡଳୀ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ସକାଳେ ମିସନ ପଡ଼ିଆରୁ ବିଶାଳ ପଦଯାତ୍ରା ବାହାରିଥିଲା। ସଦର ବିଧାୟକ ସ୍ୱରୂପ କୁମାର ଦାସ ପତାକା ଦେଖାଇଏହି ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ବାଲେଶ୍ୱର ପୌରପାଳିକାର ବିଭିନ୍ନ ୱାର୍ଡରୁ ଶତାଧିକ ବିଜେଡି କର୍ମୀ ଏଥିରେ ସାମିଲ ହୋଇଥିଲେ। ଏହି ପଦଯାତ୍ରା ସହର ପରିକ୍ରମା ସହ ସିଦ୍ଧି କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସାଧାରଣ ସଭାରେ ବିଧାୟକ ଶ୍ରୀ ଦାସ ଜନସମ୍ପର୍କ ପଦଯାତ୍ରାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଜନସାଧାରଣଙ୍କ ସହ ସମ୍ପର୍କ ଯୋଡ଼ିବା ସାଙ୍ଗକୁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ବାବଦରେ ଲୋକଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସମଗ୍ର ଓଡ଼ିଶାରେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଧାୟକ ଶ୍ରୀ ଦାସ ସୂଚନା ଦେଇଥିଲେ। ତେବେ ଏହି ପଦଯାତ୍ରା ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କର ସେତୁ ହୋଇପାରିଛି ବୋଲି ସେ କହିଥିଲେ। ବାଲେଶ୍ୱର ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ସଦର ବ୍ଲକ ଅଧକ୍ଷା ସୁନୀତା ବେହେରା, ମୁନିସିପାଲିଟି ଉପାଧକ୍ଷ କୈଳାସ ଚନ୍ଦ୍ର ସେଠୀ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ବରିଷ୍ଠ ବିଜେଡି ନେତା ରଂଜନ ବାଗ, ଯଯାତି ଦାସ ପ୍ରମୁଖ ଏଥିରେ ଯୋଗଦେଇ ଜନସମ୍ପର୍କ ପଦଯାତ୍ରାର ସଫଳ କାର୍ଯ୍ୟକାରିତା ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସାଧାରଣ ସଭାରେ ବିଜେଡି ନଗର ସଭାପତି ସନତ ଦାସ ସଭାପତିତ୍ୱ କରିଥିଲେ। ବିଜେଡି ଟାଉନ ମହିଳା ସଭାପତି ତଥା କାଉନସିଲର ମୀନା ମହାନ୍ତି, ରାଜ୍ୟ ମହିଳା ସଂପାଦିକା ଦୀପାରାଣୀ ସାହୁ, ଜୟଶ୍ରୀ ବିଶ୍ୱାଳ,ଏସି ସେଲ ସଭାପତି ଶତ୍ରୁଘ୍ନ ମଲ୍ଲିକ, ବିଜେଡି ଜୋନାଲ ଯୁବ ସାଧାରଣ ସମ୍ପାଦକ ଧୀରେନ ନାୟକ, ସଦର ନିର୍ବାଚନମଣ୍ଡଳୀ ଯୁବ ସଭାପତି ସେକ ଅନସର, ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, କାଉନସିଲର ମୀତା ପଟ୍ଟନାୟକ, କବିତା ମୁର୍ମୁ, ମିରାଜ ବାନୋ, ରାଧାକୃଷ୍ଣ ଦାସ, ସେକ ନୌସାଦ ଅଲ୍ଲୀ ପ୍ରମୁଖ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଆସନ୍ତା ନଭେମ୍ବର ୨ ତାରିଖରେ ସଦର ବ୍ଲକ ବିଜୁ ଜନତା ଦଳ ତରଫରୁ ମଧ ଏକ ବିଶାଳ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ଜନଜାତି ସୁରକ୍ଷା ମଂଚ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ନୀଳଗିରି,୨୯/୧୦(ନି.ପ୍ର): ଦୀର୍ଘ ୭୫ବର୍ଷରୁ ଉର୍ଦ୍ଧ୍ୱ ଧରି ଭାରତୀୟ ସମ୍ବିଧାନରେ ଧର୍ମାନ୍ତରୀତ ଜନଜାତିମାନଙ୍କୁ ଅହେତୁକ ଅନୁକମ୍ପା ଏବଂ ସରକାରୀ ସୁବିଧାର ପୁର୍ନବିଚାର ପାଇଁ କରାଯାଇଥିବା ଆବେଦନକୁ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରା ନ ଯିବା ଯୋଗୁଁ ଆଜି ପୁଣି ଜନଜାତି ସୁରା ମଂଚ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ଶାଖା ତରଫରୁ ନୀଳଗିରି ଠାରେ ନୀଳଗିରି ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ବାଲେଶ୍ୱର ଜିଲ୍ଲା ଶାଖା ଆବାହକ ସୁକୁମାର ନାୟକ ନେତୃତ୍ୱରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଜନାତି ସଂପ୍ରଦାୟର ଲୋକେ ଏକତ୍ରିତ ହୋଇ ନୀଳଗିରି ଉପଜିଲ୍ଲାପାଳଙ୍କୁ ଏହି ସ୍ମାରକ ପତ୍ର ଦିଆଯାଇଥିବା ଜଣାପଡ଼ିଛି । ୧୯୭୦ ମସିହାରେ ତତ୍‌କାଳୀନ ଲୋକସଭା ସଦସ୍ୟ ତଥା କେନ୍ଦ୍ରମନ୍ତ୍ରୀ ୰କାର୍ତ୍ତିକ ଓରାମଙ୍କ ନେତୃତ୍ୱରେ ପ୍ରାୟ ୨୩୫ଜଣ ଲୋକସଭା ସଦସ୍ୟଙ୍କ ଦସ୍ତଖତ ଥିବା ପ୍ରସ୍ତାବକୁ ଲୋକସଭା ପଟଳରେ ରଖାଯାଇଥିଲେ ମଧ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରୁ ନାହିଁ। ଫଳରେ ଅଯାଚିତ ଭାବରେ ଧର୍ମାନ୍ତୀକରଣ ହୋଇ ଅନୁସୂଚିତ ଜନଜାତି ହିସାବରେ ସଂରକ୍ଷଣ ସୁବିଧାର ଫାଇଦା ନେଉଥିବାକୁ ଏହାକୁ ବିରୋଧ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ନୀଳଗିରରି ଠାରେ ବହୁ ଜନଜାତି ସଂପ୍ରଦାୟର ସଦସ୍ୟ/ସଦସ୍ୟା ଉପସ୍ଥିତ ରହି ଏହି ଆଇନର ସଂଶୋଧନ ପୂର୍ବକ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରି ଏକ ଲିଖିତ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଯୋଜକ ଶକ୍ତିଦୟାଲ କିସ୍କୁ, ଭଦ୍ରକ ଜିଲ୍ଲା ସଂଯୋଜକ ରବିନ୍ଦ୍ର ସିଂ, ପିତାମ୍ବର ସିଂ, ମଙ୍ଗଳ ସିଂ, ପ୍ରଶାନ୍ତ ସିଂ, ପ୍ରମୁଖ ମଂଚାସୀନ ରହି ମତବ୍ୟକ୍ତ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ଜନଜାତି ନେତା ଗିରିଧାରୀ ପ୍ରଧାନ, ନିରଂଜନ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No-(06782) 263704,267078, Fax-(06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo